CMYK

## ଆସୁଛି ରଙ୍ଗର ପର୍ବ ହୋଲି...



ପବିତ୍ର ଦୋଳ ପୂର୍ଣ୍ଣିମା ଓ ହୋଲି ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା


# ଜନବାର୍ତ୍ତା

ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର

(JANABARTTA SWABHIMANI ODIANKA SWARA)

www.janabartta.com Weekly (ସାପ୍ତାହିକ) PRGI NO-ORORI/26/A0341




ଭିତର ପୃଷ୍ଠାରେ ପଢନ୍ତୁ ଇରାନ-ଆମେରିକା ଯୁଦ୍ଧ

VOL-1 | ISSUE-2 | BHUBANESWAR | 01 to 07 March, 2026 | Rs--8/- | ବର୍ଷ-୧ | ସଂଖ୍ୟା-୨ | ଭୁବନେଶ୍ୱର | ୦୧ ରୁ ୦୭ ମାର୍ଚ୍ଚ, ୨୦୨୬ | ପୃଷ୍ଠା-୮ | ମୂଲ୍ୟ-୮ଟଙ୍କା

# ଓଡ଼ିଶା ରାଜ୍ୟସଭା ରେସ୍ : ନାମାଙ୍କନପତ୍ର ଦାଖଲ ଆରମ୍ଭ

## ନବୀନଙ୍କ ମାଷ୍ଟର ଷ୍ଟ୍ରୋକ୍ : ଭକ୍ତଙ୍କ ବୁଦ୍ଧିଜୀବୀ କାର୍ଡ ଖେଳିଲେ ନବୀନ, ପ୍ରଭାତଙ୍କ ଅସନ୍ତୋଷ

ଭୁବନେଶ୍ୱର,୨୮/୨(ଜେଏନ୍ଏସ୍) : ଅବଶେଷରେ ଆଜି ରାଜ୍ୟସଭା ପ୍ରାର୍ଥୀଙ୍କ ନାମ ଘୋଷଣା କଲା ବିଜେଡି। ବିଜେଡି ସଭାପତି ନବୀନ ପଟ୍ଟନାୟକ ସନ୍ତୃପ୍ତ ମିଶ୍ର ଦଳୀୟ ପ୍ରାର୍ଥୀ ଓ ଡାକ୍ତର ଦତ୍ତେଶ୍ୱର ହୋତା କମନ୍ କ୍ୟାଣ୍ଡିଡେଟ୍ ହେବେ ବୋଲି ଘୋଷଣା କରିଛନ୍ତି। ଆଜି ସକାଳେ ଡା.ଦତ୍ତେଶ୍ୱର ହୋତା ନବୀନ ନିବାସରେ ପହଞ୍ଚିବା ପରେ ତାଙ୍କ ନାମକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା।

ଓଡ଼ିଶାରୁ ରାଜ୍ୟସଭାର ୪ଟି ଆସନ ପାଇଁ ଗତ ଗୁରୁବାର ଦିନ ବିଧିବଦ୍ଧ ଭାବେ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରାର୍ଥୀମାନେ ମାର୍ଚ୍ଚ ୫ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରିପାରିବେ ଏବଂ ମାର୍ଚ୍ଚ ୬ ପାଇଁ ଯାଞ୍ଚ କରାଯିବ ଏବଂ ମାର୍ଚ୍ଚ ୯ ରେ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ପ୍ରତ୍ୟାହାର ପାଇଁ ଅନୁମତି ଦିଆଯିବ। ଆବଶ୍ୟକ ପଡ଼ିଲେ ମାର୍ଚ୍ଚ ୧୬ରେ ମତଦାନ ହେବ। ବର୍ତ୍ତମାନର ସଦସ୍ୟ ମୁନ୍ନା ଖାନ, ନିରଞ୍ଜନ ବିଶି, ମମତା ମୋହନ୍ତ ଏବଂ ସୁଜିତ କୁମାରଙ୍କ କାର୍ଯ୍ୟକାଳ ଏପ୍ରିଲ ୨ ରେ ଶେଷ ହେଉଥିବାରୁ ଏହି ଆସନ ଖାଲି ହେଉଛି।



ନିର୍ବାଚନ କମିଶନ ସତ୍ୟବ୍ରତ ରାଉତଙ୍କୁ ଓଡ଼ିଶା ବିଧାନସଭାର ରିଟର୍ଣ୍ଣିଂ ଅଫିସର ଭାବେ ନିଯୁକ୍ତି ଦେଇଛନ୍ତି ବିଦ୍ୟାଧର ମାଝୀଙ୍କ ସହ ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି। ଏହି ୪ଟି ଆସନ ପାଇଁ ସମସ୍ତ ପ୍ରକ୍ରିୟା ତଦାରଖ କରିବେ ଶ୍ରୀ ରାଉତ। ନାମାଙ୍କନ ପତ୍ର ପରିଚାଳନା ପାଇଁ ବିଧାନସଭା ପରିସର ମଧ୍ୟରେ ଏକ ଉତ୍ସର୍ଗୀକୃତ କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଫର୍ମ ଉପଲବ୍ଧ ରହିଛି ଏବଂ ସରକାରୀ ଛୁଟିକୁ ବାଦ୍ ଦେଇ ମାର୍ଚ୍ଚ ୫ ପର୍ଯ୍ୟନ୍ତ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଫର୍ମ ଦାଖଲ କରିପାରିବେ। ମାର୍ଚ୍ଚ ୬ ତାରିଖ ପୂର୍ବାହ୍ନ ୧୧ଟା ୩୦ରୁ ଯାଞ୍ଚ ଆରମ୍ଭ ହେବ। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରାର୍ଥୀ କିମ୍ବା ଜଣେ ଅଧିକୃତ ପ୍ରତିନିଧି ବ୍ୟକ୍ତିଗତ ଭାବେ ଟଙ୍କା ଉଠାଣ କରିପାରିବେ। ଯଦି ମତଦାନ ହୁଏ, ତେବେ ଏହା ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବର୍ତ୍ତମାନ ଓଡ଼ିଶାରେ ୧୦ଟି ରାଜ୍ୟସଭା ଆସନ ରହିଛି: ବିଜୁ ଜନତା ଦଳ ହାତରେ ସାତଜଣ ଓ ଭାରତୀୟ ଜନତା ପାର୍ଟି ହାତରେ ତିନିଜଣ ବିଧାୟକ ରହିଛନ୍ତି। ଖାଲି ପଡ଼ିଥିବା ୪ଟି ଆସନ ମଧ୍ୟରୁ ଦୁଇଟି ବିଜେଡି ଓ ଗୋଟିଏ ବିଜେପି ହାତରେ ରହିଛି। ଓଡ଼ିଶା ବିଧାନସଭାରେ ବିଜେପିକୁ ଦୁଇଟି ଆସନ ମିଳିଥିବା ବେଳେ ବିଜେଡିକୁ ଦୁଇଟି





ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ...

## କଂଗ୍ରେସ ଉପରେ ନଜର : ହୋଇପାରେ ଘୋଡ଼ା ବେପାର

# ଭକ୍ତ ଗଲେ ଦିଲ୍ଲୀ, କଂଗ୍ରେସ କାହାକୁ କରିବ ପ୍ରାର୍ଥୀ

ଭୁବନେଶ୍ୱର,୨୮/୨(ଜେଏନ୍ଏସ୍) : ଯଦି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଭଳି ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ଏକାଠି ହୋଇପାରୁଛନ୍ତି, ତେବେ ରାଜ୍ୟର ସ୍ୱାର୍ଥ ପାଇଁ ବୁଦ୍ଧିଜୀବୀ ପ୍ରାର୍ଥୀଙ୍କୁ ସମର୍ଥନ କରିବାରେ ଅସୁବିଧା କେଉଁଠି ବୋଲି ଭକ୍ତ ଦାସ ପ୍ରଶ୍ନ କରିଛନ୍ତି । ରାଜ୍ୟସଭା ନିର୍ବାଚନକୁ ନେଇ ରାଜନୀତିକ ଉଷ୍ମତା ମଧ୍ୟରେ କଂଗ୍ରେସ ନିଜର କାର୍ଡ ଖେଳିଛି। ସଂଖ୍ୟା ଗଣିତରେ ପଛରେ ଥାଇ ମଧ୍ୟ ରାଜ୍ୟସଭା ନିର୍ବାଚନ ମଇଦାନରେ ରାଜ୍ୟର ବୁଦ୍ଧିଜୀବୀଙ୍କୁ ପ୍ରାର୍ଥୀ କରି ପ୍ରସଙ୍ଗଭିତ୍ତିକ ସମର୍ଥନ ପାଇଁ ବିଜେଡିକୁ ଆହ୍ୱାନ କରି ପିସିସି ସଭାପତି ଭକ୍ତ ଦାସ ନୂଆ ଗୋଟିଚାଳନା କରିଛନ୍ତି। ଦିଲ୍ଲୀ ଗସ୍ତରେ ଯିବା ପୂର୍ବରୁ ଭକ୍ତଙ୍କ ବୟାନ ରାଜନୀତିକ ପାଣିପାଗକୁ ଉଷ୍ମ କରିଛି। ସଂଖ୍ୟା ଗଣିତରେ କଂଗ୍ରେସ ପଛରେ ଥିଲେ ମଧ୍ୟ ହାଇକମାଣ୍ଡଙ୍କ ସହ ଆଲୋଚନା ପାଇଁ ଭକ୍ତଙ୍କ ଦିଲ୍ଲୀ ଗସ୍ତ ଓ ପ୍ରାର୍ଥୀ ଚୟନରେ ବୁଦ୍ଧିଜୀବୀଙ୍କୁ ଗୁରୁତ୍ୱ ଦେବା ଏକ ନୂଆ ସମୀକରଣର ସଙ୍କେତ ଦେଉଛି ବୋଲି ଚର୍ଚ୍ଚା। ଆଜି ଦିଲ୍ଲୀ ଗସ୍ତରେ ଯିବା ପୂର୍ବରୁ ଭକ୍ତ ରାଜ୍ୟର ୫ଜଣ ବୁଦ୍ଧିଜୀବୀଙ୍କ ନାଁ ଘୋଷଣା କରି ଚକିତ କରିଛନ୍ତି। ରାଜ୍ୟର ପ୍ରସିଦ୍ଧ ଅର୍ଥନୀତିଜ୍ଞ ପ୍ରଭାତ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ପି କେ ରାୟ, ପୂର୍ବତନ କୂଟନୀତିଜ୍ଞ ଲଳିତ ମାନସିଂହ, ବିଶିଷ୍ଟ ଚିକିତ୍ସକ ଡାକ୍ତର ସୁବ୍ରତ ଆଚାର୍ଯ୍ୟ ଓ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ଭଳି ବ୍ୟକ୍ତିଙ୍କ ମଧ୍ୟରୁ ଜଣଙ୍କୁ ପ୍ରାର୍ଥୀ କରିବା ସପକ୍ଷରେ କଂଗ୍ରେସ ରହିଛି। ଏଭଳି ହେଭିୱେଟ ଚେହେରାଙ୍କୁ ପ୍ରାର୍ଥୀ କରି କଂଗ୍ରେସ କେବଳ ଦଳୀୟ ସ୍ୱାର୍ଥ ନୁହେଁ ବରଂ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ଏକ ବଡ଼ ବାର୍ତ୍ତା ଦେବାକୁ ଚାହୁଁଛି। ଭକ୍ତଙ୍କ କହିବା



ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ...

# ୫ରେ ଓଡ଼ିଶା ଗସ୍ତରେ ଆସିବେ ଅମିତ ଶାହ



ଭୁବନେଶ୍ୱର,୨୮/୨(ଜେଏନ୍ଏସ୍) : ଆସନ୍ତା ମାର୍ଚ୍ଚ ୫ ତାରିଖରେ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ। ଶାହଙ୍କ ଓଡ଼ିଶା ଗସ୍ତ ନଜରରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଗତକାଲି ସଂଧ୍ୟାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନରେ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରୁ ଜାଣିବାକୁ ମିଳିଛି ଯେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ମାର୍ଚ୍ଚ ୫ ତାରିଖ ସଂଧ୍ୟାରେ ସ୍ୱତନ୍ତ୍ର ବାୟୁସେନା ବିମାନରେ ନୂଆଦିଲ୍ଲୀରୁ ଆସି ଓଡ଼ିଶାରେ ପହଞ୍ଚିବେ । ୬ ତାରିଖ ପୂର୍ବାହ୍ନରେ କଟକ ମୁଣ୍ଡୁଳିସ୍ଥିତସିଆଇଏସଏଫର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗଦେବେ। ଅପରାହ୍ଣରେ ଖୋର୍ଦ୍ଧା ଜିଲ୍ଲା ଜଟଣୀ ଠାରେ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଏନଏଫଏସୟୁ) ଏବଂ କେନ୍ଦ୍ରୀୟ ଫୋରେନ୍ସିକ୍ ବିଜ୍ଞାନ ପରୀକ୍ଷାଗାର (ସିଏଫଏସଏଲ), ଭୁବନେଶ୍ୱର କ୍ୟାମ୍ପସ ପାଇଁ ଭୂମି ପୂଜନ କରିବା ସହ ଆଭାସୀ ମାଧ୍ୟମରେ ଏନଏଫଏସୟୁ ଟ୍ରାନଜିଟ୍ କ୍ୟାମ୍ପସ , ଭୁବନେଶ୍ୱରର ଶୁଭ ଉଦ୍ଘାଟନ କରିବେ । ସେଦିନ ଅପରାହ୍ଣରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ଭୁବନେଶ୍ୱରସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ନବୀନ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦ୍ଘାଟନ କରିବା ସହ ସମବାୟ ଏବଂ ଅନ୍ୟ ବିଭିନ୍ନ ବିଭାଗ ପ୍ରକଳ୍ପଗୁଡ଼ିକର ଶିଳାନ୍ୟାସ ଓ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତ ସମୟର ବିଶଦ୍ କାର୍ଯ୍ୟସୂଚୀ, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ୍ ଓ ରୁଟ୍ ପ୍ଲାନ, କାର୍ଯ୍ୟକ୍ରମ ସ୍ଥଳର ଆନୁଷଙ୍ଗିକ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତକୁ ସୁଚାରୁ ଓ ସଫଳ କରିବା ପାଇଁ ସମସ୍ତ ବିଭାଗମାନଙ୍କୁ ପାରସ୍ପରିକ ସମନ୍ୱୟ ରଖି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ପ୍ରସ୍ତୁତି ଶେଷ କରିବାକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ପକ୍ଷରୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଓଡିଶା ଗସ୍ତ ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ପ୍ରସ୍ତୁତି ନିଶ୍ଚିତ କରିବାକୁ ଗୃହ, ଶିଳ୍ପ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ବିଭିନ୍ନ ପ୍ରସ୍ତୁତି ନେଇ ସୂଚନା ଦେଇଥିଲେ।

## ଠିକାଦାରଙ୍କ ଜିଦ୍ ଆଗରେ ନଇଁବେନି ସରକାର

# ମହାସଂଘ କହିଲା ଦରଦ ଥିଲେ ଦାବି ଶୁଣ

ଭୁବନେଶ୍ୱର,୨୮/୨(ଜେଏନ୍ଏସ୍) : ଆନ୍ଦୋଳନ ବାହାନାରେ ଯଦି କେହି କାର୍ଯ୍ୟରତ ଅନ୍ୟ ଛୋଟ ବା ବଡ଼ ଠିକାଦାରଙ୍କୁ କାମ କରିବାରେ ବାଧା ସୃଷ୍ଟି କରନ୍ତି, ତେବେ ସରକାର ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ ସର୍ତକ କରାଇ ଦେଇଛନ୍ତି। ଠିକାଦାରମାନଙ୍କ ଆନ୍ଦୋଳନ ଯୋଗୁ ରାଜ୍ୟତମାମ ବିକାଶମୂଳକ କାର୍ଯ୍ୟ ଠପ୍ ପଡ଼ିଥିବାବେଳେ ଗତ କାଲି ସରକାର ଓ ଠିକାଦାର ମହାସଂଘ ମୁହାଁମୁହିଁ ହୋଇଛନ୍ତି। ନେଗେଟିଭ୍ ଟେଣ୍ଡର ପ୍ରକ୍ରିୟାକୁ ବିରୋଦ କରି 'ନିଖିଳ ଓଡ଼ିଶା ଠିକାଦାର ମହାସଂଘ'ର ସଦସ୍ୟମାନେ ପିଏମଜିଠାରେ ଆମରଣ ଅନଶନରେ ବସିଥିବାବେଳେ ରାଜ୍ୟ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି କଡ଼ା ଚେତାବନୀ ଦେଇଛନ୍ତି। ସରକାର କୌଣସି ଜିଦ୍ ଆଗରେ ନଇଁବେ ନାହିଁ ଓ ସରକାରଙ୍କୁ ଠିକାଦାର ନୁହେଁ ବରଂ ଲୋକପ୍ରତିନିଧି ଚଳାଇବେ ବୋଲି ସ୍ପଷ୍ଟ କରିଛନ୍ତି। ଏପଟେ ଠିକାଦାର ମହାସଂଘର ସଭାପତି ଅନିଲ ମହାଳିକ 'ଯଦି ଦରଦ ଅଛି ତା'ହେଲେ ଦାବି ଶୁଣ' ବୋଲି କହି ସରକାରଙ୍କୁ ଗଣମାଧ୍ୟମ ଜରିଆରେ କହିଛନ୍ତି।





ଆନ୍ଦୋଳନ ନାଁରେ ସରକାରୀ କାର୍ଯ୍ୟ ବନ୍ଦ କଲେ ହେବ ଦୃଢ କାର୍ଯ୍ୟାନୁଷ୍ଠାନ

ଓଡ଼ିଶା ଠିକାଦାର ମହାସଂଘ ପକ୍ଷରୁ ନେଗେଟିଭ୍ ଟେଣ୍ଡର ପ୍ରକ୍ରିୟାକୁ ବିରୋଧ କରି ଭୁବନେଶ୍ୱର ଲୋୟର ପିଏମଜିରେ ଜାରି ରହିଥିବା ଆମରଣ ଅନଶନ ପ୍ରସଙ୍ଗରେ ରାଜ୍ୟ ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆନ୍ଦୋଳନରତ ଠିକାଦାରମାନଙ୍କୁ କଡ଼ା ଭାଷାରେ ସତର୍କ କରାଇ ଦେଇ କହିଛନ୍ତି ଯେ, ସରକାର ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ପରିଚାଳିତ ହେବେ, କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ଠିକାଦାରଙ୍କ ମର୍ଜିରେ ନୁହେଁ। ଗଣତନ୍ତ୍ରରେ ଆନ୍ଦୋଳନ କରିବାର ଅଧିକାର ସମସ୍ତଙ୍କର ଅଛି, କିନ୍ତୁ ବିଭାଗ ସହିତ ବିସ୍ତୃତ ଆଲୋଚନା ହେବାପରେ ମଧ୍ୟ ଅଯୌକ୍ତିକ ଜିଦ୍ ଧରି ବସିବା ଓ ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଆଦୌ ଗ୍ରହଣୀୟ ନୁହେଁ।

ଆନ୍ଦୋଳନ ବାହାନାରେ ଯଦି କେହି କାର୍ଯ୍ୟରତ ଅନ୍ୟ ଛୋଟ ବା ବଡ଼ ଠିକାଦାରଙ୍କୁ କାମ କରିବାରେ ବାଧା ସୃଷ୍ଟି କରନ୍ତି, ତେବେ ସରକାର ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ ସର୍ତକ କରାଇ ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ, ଠିକାଦାର ମହାସଂଘ ଉପସ୍ଥାପନ କରୁଥିବା ଦାବିଗୁଡ଼ିକ ସମ୍ପୂର୍ଣ୍ଣ ଅଯୌକ୍ତିକ । ବିଶେଷ କରି ୧୪.୯୯ ପ୍ରତିଶତ 'ଲେସ୍?' ବା ନେଗେଟିଭ୍ ଟେଣ୍ଡର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଉଠାଇଦେବା ପାଇଁ ଯେଉଁ ଦାବି ହେଉଛି, ତାହା ବାସ୍ତବବାଦୀ ନୁହେଁ । ଭାରତର କୌଣସି ବି ରାଜ୍ୟରେ ଏଭଳି ନେଗେଟିଭ୍ କ୍ୟାପିଂ ବ୍ୟବସ୍ଥା ନାହିଁ । କାହାର ପ୍ରରୋଚନାରେ ପଡ଼ି ଠିକାଦାରମାନେ ଏଭଳି ଦାବି କରୁଛନ୍ତି ବୋଲି

ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ...

# ଠିକାଦାରଙ୍କ ଆନ୍ଦୋଳନକୁ ବିଜୟଙ୍କ ସମର୍ଥନ

ଭୁବନେଶ୍ୱର,୨୮/୨(ଜେଏନ୍ଏସ୍) : ରାଜଧାନୀର ରାଜରାସ୍ତାରେ ଆନ୍ଦୋଳନରତ ଥିବା ନିଖିଳ ଓଡିଶା ଠିକାଦାର ସଂଘର ଆନ୍ଦୋଳନକୁ ସମର୍ଥନ କରଛନ୍ତି ଓଡିଶା ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ। ଆନ୍ଦୋଳନରେ ବସିଥିବା ଠିକାଦାର ମାନଙ୍କ ପାଖକୁ ଯାଇ ସେମାନଙ୍କୁ ଭେଟିବା ସହିତ ସେମାନେ ସରକାରଙ୍କ ପାଖରେ ରଖିଥିବା ଆଠ ଦଫା ଦାବି ନେଇ ଆଲୋଚନା କରିଥିଲେ । ଶ୍ରୀଯୁକ୍ତ ପଟ୍ଟନାୟକ କହିଥିଲେ ଠିକାଦାର ଆଉ ସରକାରଙ୍କ ଭିତରେ ବୁଝାମଣାର ଅଭାବ ରହିଛି । ଠିକାଦାରମାନେ ହେଉଛନ୍ତି ସରକାରଙ୍କ ସହଯୋଗୀ । ସରକାର ବଜେଟରେ ଯେଉଁ ଯୋଜନା କରନ୍ତି ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଠିକାଦାର



ମାନଙ୍କ ସାହାଯ୍ୟ ନିଅନ୍ତି ତେଣୁ ସରକାର ଯଦି ଠିକାଦାର ମାନଙ୍କୁ ଠିକ୍ ବାବରେ ତାଙ୍କ ସହିତ ନନେବେ ତାହେଲେ ଠିକ୍ ନିଜ ହାତରେ କଳି କଲା ଭଳି ହେବ । ସରକାର ତୁରନ୍ତ ଏଦିଗରେ ନିଷ୍ପତ୍ତି ନେଇ ପଦକ୍ଷେପ ଗ୍ରହଣ କରିବା ଉଚିତ୍। ଯଦି ରାସ୍ତା ତିଆରି କରୁଥିବା ଲୋକ ଆସି ରାଜ ରାସ୍ତାରେ ବସିବ ତାହେଲେ ରାଜ୍ୟର ବିକାଶରେ ତାହାର ଫରକ ନିଶ୍ଚିତ ବାବରେ ପଡିବ ।

## ପାଣ୍ଡିଆନଙ୍କ ବଢ଼ିଲା ଅଡୁଆ

# କ୍ରାଇମବ୍ରାଞ୍ଚରେ ହାଜର ହେଲେ ଅଭିଯୋଗକାରୀ

ଭୁବନେଶ୍ୱର, ୨୮/୨(ଜେଏନ୍ଏସ୍): ପାଣ୍ଡିଆନ ନିଜ କ୍ଷମତାର ଅପବ୍ୟବହାର କରି ଚାର୍ଟର ବିମାନ ଓ ହେଲିକପ୍ଟର ବ୍ୟବହାର ପାଇଁ ରାଜକୋଷରୁ ୨୦୨୧-୨୦୨୨ ବର୍ଷରେ ପ୍ରାୟ ୧୯ କୋଟି ଓ ୨୦୨୩-୨୦୨୪ ବର୍ଷରେ ୨୫.୬୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ଏଜିଙ୍କ କାର୍ଯ୍ୟାଳୟର ରିପୋର୍ଟକୁ ସେ ପ୍ରମାଣ ଭାବେ ଦାଖଲ କରିଛନ୍ତି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବ ତଥା ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ଅଡୁଆ ବଢ଼ିଛି । ପୂର୍ବତନ ଫାଇଭ-ଟି ସଚିବ ଓ ଅଧ୍ୟକ୍ଷ ଭାବେ ସେ ନିଜ ପଦବୀର ଦୁରୁପଯୋଗ କରି ରାଜକୋଷକୁ କ୍ଷତି ପହଂଚାଇଥିବା ନେଇ କ୍ରାଇମବ୍ରାଂଚ ପକ୍ଷରୁ ହେଉଥିବା ତଦନ୍ତ ଆଜି ନୂଆ ମୋଡ଼ ନେଇଛି । ଭାରତୀୟ ବିକାଶ ପରିଷଦର ସଭାପତି ତଥା ଅଭିଯୋଗକାରୀ ସୁରେନ୍ଦ୍ର ପାଣିଗ୍ରାହୀ ଆଜି କଟକସ୍ଥିତ କ୍ରାଇମବ୍ରାଂଚ ମୁଖ୍ୟାଳୟରେ ହାଜର ହୋଇ ଶ୍ରୀ ପାଣ୍ଡିଆନଙ୍କ ବିରୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ, ଇଲେକ୍ଟ୍ରୋନିକ୍ସ ରେକର୍ଡ ଓ ଆର୍ଥିକ ଅନିୟମିତତାର ପ୍ରମାଣ ଦାଖଲ କରିଥିବା ଜଣାପଡ଼ିଛି ।



ଶ୍ରୀ ପାଣିଗ୍ରାହୀ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ, ସେ ଗତ ୨୦୨୪ ଫେବୃଆରୀ ୧୮ ତାରିଖରେ ରାଜ୍ୟ ଗୃହ ସଚିବଙ୍କ ନିକଟକୁ ପଠାଇଥିବା ଅଭିଯୋଗ ଆଧାରରେ କ୍ରାଇମବ୍ରାଂଚ ଏହି ତଦନ୍ତ କରୁଛି। ସେ ଅଭିଯୋଗ କରିଛନ୍ତି ଯେ, ଶ୍ରୀ ପାଣ୍ଡିଆନ ନିଜ କ୍ଷମତାର ଅପବ୍ୟବହାର କରି ଓଡ଼ିଶା ରୁଲ୍ସ ଅଫ୍ ବିଜନେସ ୧୯୫୬କୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରିଛନ୍ତି ।

କେବଳ ତାଙ୍କର ଚାର୍ଟର ବିମାନ ଓ ହେଲିକପ୍ଟର ବ୍ୟବହାର ପାଇଁ ସରକାରୀ ରାଜକୋଷରୁ ପ୍ରାୟ ୪୫ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି । ଏଥିମଧ୍ୟରୁ ୨୦୨୧-୨୦୨୨ ବର୍ଷରେ ପ୍ରାୟ ୧୯ କୋଟି ଓ ୨୦୨୩-୨୦୨୪ ବର୍ଷରେ ୨୫.୬୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ଏଜିଙ୍କ କାର୍ଯ୍ୟାଳୟର ରିପୋର୍ଟକୁ ସେ ପ୍ରମାଣ ଭାବେ ଦାଖଲ କରିଛନ୍ତି । ଏହି ବିପୁଳ ପରିମାଣର ଅର୍ଥ କୌଣସି ଜରୁରୀକାଳୀନ ପ୍ରଶାସନିକ କାର୍ଯ୍ୟ ଅପେକ୍ଷା ନିର୍ବାଚନୀ ପ୍ରଚାର ଓ ଦଳୀୟ କାର୍ଯ୍ୟକ୍ରମ ପାଇଁ ବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। ସେହିପରି ପାଣ୍ଡିଆନଙ୍କ ବିଭିନ୍ନ

ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ...

# ଉନ୍ମୋଚିତ ହେଲା ସାପ୍ତାହିକ ସମ୍ବାଦପତ୍ର 'ଜନବାର୍ତ୍ତା' ଏବଂ ଡିଜିଟାଲ୍ ଚ୍ୟାନେଲ ଓ ୱେବ୍ ପୋର୍ଟାଲ ଲୋକାର୍ପିତ

## ଲୋକଙ୍କ ମଧ୍ୟରେ ଜନ ଜାଗରଣ ସୃଷ୍ଟି କରିବା ଜନବାର୍ତ୍ତାର ଆଭିମୁଖ୍ୟ ବୋଲି କହିଲେ ବିଜୟ ପଟ୍ଟନାୟକ

ଭୁବନେଶ୍ୱର, ୨୮/୨(ଜେଏନ୍ଏସ୍): ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକଙ୍କ ଦ୍ୱାରା ବହୁ ପ୍ରତିକ୍ଷିତ ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର 'ଜନବାର୍ତ୍ତା' ସାପ୍ତାହିକ ସମ୍ବାଦପତ୍ର ଉନ୍ମୋଚନ ଏବଂ ଡିଜିଟାଲ ଚ୍ୟାନେଲ ଓ ୱେବ୍ ପୋର୍ଟାଲର ଲୋକାର୍ପଣ ଗତକାଲି ଭାରତୀୟ ବିଦ୍ୟା ଭବନ ଭୁବନେଶ୍ୱରଠାରେ ମହାସାମରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଇଷ୍ଟର୍ଣ୍ଣ ମିଡିଆର ଅଧକ୍ଷ ସୌମ୍ୟ ରଂଜନ ପଟ୍ଟନାୟକ ଉଦ୍ଘାଟକ ଭାବେ ଯୋଗ ଦେଇ ।ପ୍ତାହିକ ଖବରକାଗଜ ସାହସ କରି ପ୍ରକାଶ କରିବା କିଛି କମ କଥା ନୁହେଁ । ବରଂ ସାହସିକ ପଦକ୍ଷେପ। ଓଡ଼ିଶା ଭଳି ଧନୀ ରାଜ୍ୟରେ ଓଡ଼ିଆ ଲୋକ ଗରିବ କାହିଁକି ବୋଲି ଜନବାର୍ତ୍ତା ପ୍ରଶ୍ନ କରିବା ପାଇଁ ସାହସ ରଖୁ ବୋଲି ଆହ୍ୱାନ ଦେଇଥିଲେ ।

ଅବଶିଷ୍ଟାଂଶ ୮ମ ପୃଷ୍ଠାରେ...




CMYK

ଜନବାର୍ତ୍ତା
• ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର •
(JANABARTTA SWABHIMANI ODIANKA SWARA)

# ଛାତ୍ର ସଂସଦ ନିର୍ବାଚନ

## ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ବି ମାନିଲାନି ବିଭାଗ



ଭୁବନେଶ୍ୱର,୨୮/୨(ଜେଏନ୍ଏସ୍) : ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ କେବଳ ଏକ ଘୋଷଣାରେ ରହିଯାଇଛି । ଦୀର୍ଘ ଦିନ ହେବ ଛାତ୍ର ସଂସଦ ନିର୍ବାଚନକୁ ନେଇ ଦାବି କରିଆସୁଥିଲେ ମଧ୍ୟ ସରକାର କୌଣସି ପ୍ରକାର ପଦକ୍ଷେପ ନେଉନଥିବା ପ୍ରଶ୍ନ ସୃଷ୍ଟି କରୁଛି । ଛାତ୍ର ସଂସଦ ନିର୍ବାଚନକୁ ନେଇ ବିଜେଡି ସରକାର ଥିବା ସମୟରେ ଏବିଭିପି ଲଗାତାର ଭାବରେ ଆନ୍ଦୋଳନ କରି ଆସିଛି । ରାଜ୍ୟର ତିନି ପ୍ରମୁଖ ରାଜନୈତିକ ଦଳର ଛାତ୍ର ସଂଗଠନ ମଧ୍ୟରୁ ଏବିଭିପି ସବୁବେଳେ ଛାତ୍ର ସଂସଦ ନିର୍ବାଚନକୁ ନେଇ ପୂର୍ବ ସରକାର ହେଉକି ନୂଆ ସରକାର ହୁଅନ୍ତୁ ପ୍ରଶ୍ନବାଣରେ ଛନ୍ଦି ଆସିଛି ।

୨୦୧୭ ମସିହା ପରଠାରୁ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିଛି । ଏହାକୁ ନେଇ ଅନେକ ସମୟରେ ରାଜଧାନୀର ରାଜରାସ୍ତାରୁ ନେଇ ଅନେକ ଜିଲ୍ଲାରେ ଆନ୍ଦୋଳନ ମଧ୍ୟ ହୋଇଆସିଛି । ଏମିତିକି ଅନେକ ସମୟରେ ଛାତ୍ର କଂଗ୍ରେସ ଏବଂ ବିଜୁ ଛାତ୍ର ଜନତା ଦଳ ତରଫରୁ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ନେଇ ସରକାରଙ୍କୁ କାଠ ଗଡାକୁ ଟଣା ଯାଇଛି । ଏବେ ଏମିତି ଅନୁଭବ ହେଲାଣି ରାଜନୈତିକ ଦଳ ପାଇଁ ଛାତ୍ର ସଂସଦ ନିର୍ବାଚନ ଏକ ଫୁଟବଲ ପାଲଟି ଯାଇଛି । ସମସ୍ତେ ସମସ୍ତଙ୍କୁ ଫୁଟବଲ ପାସ କଲା ଭଳି ଦୋଷ ଠେଲିବାରେ ଲାଗିପଡିଛନ୍ତି ।

ହେଲେ ଯଦି ବିଗତ କିଛି ବର୍ଷକୁ ଅନୁଧ୍ୟାନ କରାଯିବ ତାହେଲେ ଯଦି ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ କିଏ ଯଦି ସରକାରଙ୍କ ଉପରେ ଅଧିକ ଚାପ ପକାଇଛି ଛାତ୍ର ସଂଗଠନ ଭାବରେ ସିଏ ହେଉଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବା ଏବିଭିପି । ପୂର୍ବ ସରକାର ସମୟରେ ଲଗାତାର ବିଜେଡି ଉପରେ ଛାତ୍ର ସଂସଦ ନିର୍ବାଚନ ନେଇ ଚାପ ପକେଇ ଆସିଥିଲା । ଏମିତି କି ବିଜେଡି ସରକାର ବିରୋଧରେ ୨୦୨୩ ମସିହାରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲା ଏବିଭିପି । ୨୦୨୪ରେ ସରକାର ପରିବର୍ତ୍ତନ ହେବା ପରେ ନୂଆ ସରକାର ଉପରେ ମଧ୍ୟ ଏବିଭିପି ଚାପ ସୃଷ୍ଟି କରି ଆସିଛି । ବିଜେପି ବିରୋଧି ଦଳରେ ଥିବା ସମୟରେ ବିଜେଡ଼ିକୁ ଛାତ୍ର ସଂସଦ ନିର୍ବାଚନ କାହିଁକି ବନ୍ଦ କରାଯାଇଛି ବୋଲି ପ୍ରଶ୍ନ କରି ଆସିଥିଲା ହେଲେ ସରକାରକୁ ଆସିଲା ପରେ ଏମିତି ଲାଗୁଛି ଯେମିତି ସ୍ଥାଣୁ ପାଲଟି ଯାଇଛି । ବିରୋଧୀ ଦଳର ଥିବା ସମୟରେ ଛାତ୍ର ସଂସଦ ନିର୍ବାଚନକୁ ମଧ୍ୟ ଏକ ପ୍ରମୁଖ ମୁଦ୍ଦା କରିଥିଲା ବିଜେପି ଏମିତିକି ସରକାରକୁ ଆସିଲା ପରେ ଛାତ୍ର ସଂସଦ ନିର୍ବାଚନ କରିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲା ହେଲେ କାହିଁକି ଏପର୍ଯ୍ୟନ୍ତ ହେଇ ପଡ଼ିଲା ନାହିଁ ନିର୍ବାଚନ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି ।

୨୦୨୪ ମସିହାରେ ଏବିଭିପିର ରାଜ୍ୟ ଅଧିବେଶନ ସମୟରେ ଖୋଦ ମୁଖ୍ୟମନ୍ତ୍ରୀ ନିଜେ ଛାତ୍ର ସଂସଦ ନିର୍ବାଚନ କରିବା ନେଇ ଘୋଷଣା କରିଥିଲେ । କଟକ ଜବାହରଲାଲ୍ ନେହେରୁ ଇନ୍ଦୋର ଷ୍ଟାଡିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯୋଗଦେଇ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ କରିବା ନେଇ ଘୋଷଣା କରିଥିଲେ ତାହାସତ୍ତ୍ୱେ ମଧ୍ୟ ରାଜ୍ୟରେ ହୋଇପାରିନାହିଁ ଛାତ୍ର ସଂସଦ ନିର୍ବାଚନ । ଏନେଇ ବିଜେପି ସରକାରଙ୍କୁ ଗଣମାଧ୍ୟମ ଜରିଆରେ ଚେତାବନୀ ମଧ୍ୟ ଦେଇଥିବା ଏବିଭିପି । କେବେ ହେବ କଲେଜ କ୍ୟାମ୍ପସରେ ନିର୍ବାଚନ କେବେ ବାହାରିବେ କଲେଜରୁ ନେତା ତାହାକୁ ନେଇ ଯେତେବେଳେ ମଧ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ୍ ସୂର୍ଯ୍ୟବଂଶୀଙ୍କୁ ପଚରାଯାଉଛି ଗୋଟିଏ ଉତ୍ତର ସଠିକ୍ ସମୟରେ ସଠିକ୍ ନିଷ୍ପତ୍ତି ନେବେ ସରକାର । ହେଲେ କେବେ ଆସିବ ସେହି ସଠିକ୍ ସମୟ ତାହା ଉପରେ ନଜର ।



ବିଭୁତି ଭୂଷଣ ମହାପାତ୍ର

ଏକଛତ୍ରବାଦ ଶାସନ ଓ ସ୍ୱଜନ ପୋଷଣ ଉଦ୍ଦେଶ୍ୟରେ ଛାତ୍ର ସଂସଦ ନିର୍ବାଚନକୁ କଣ୍ଟା ଭାବି ରାସ୍ତାରୁ ହଟାଇବାକୁ ସୁଚିନ୍ତିତ ଷଡଯନ୍ତ୍ର କରିଥିଲେ ପୂର୍ବ ସରକାର । କେବଳ ଷଡଯନ୍ତ୍ର ନୁହେଁ, ଏହି ଛାତ୍ର ମାରଣା ନୀତିରେ ସଫଳ ମଧ୍ୟ ହେଇଥିଲେ । ବାପା ପରେ ପୁଅ, ବ୍ୟବସାୟୀ ସହଯୋଗୀ ଓ କିଛି ଆଜ୍ଞାଧୀନ ପ୍ରଶାସନିକ ଅଧିକାରୀଙ୍କୁ ରାଜନୀତିରେ ପାରଚ୍ୟୁଟ ଲାଣ୍ଡିଙ୍ଗ୍ କରାଇବା ଉଦ୍ଦେଶ୍ୟରେ ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରି ନେତା ଭୃଣ ହତ୍ୟା ଯୋଜନାର ଆରମ୍ଭ କରିଥିଲେ ତତ୍କାଳୀନ ନମ୍ବର ଟୁ । ଆଉ ଏହି ଷଡଯନ୍ତ୍ରର ମୁଖ୍ୟ ଭୂମିକାରେ ନିଜକୁ ନିୟୋଜିତ କରିଥିଲେ ବାଣୀ ବିହାର ଛାତ୍ର ସଂସଦ ସଭାପତିରୁ ରାଜନୈତିକ ଯାତ୍ରା ଆରମ୍ଭ କରିଥିବା ତତ୍କାଳୀନ ଉଚ୍ଚଶିକ୍ଷା ମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁ । 'ଭାଇ ଜନ୍ମ ହେଲେ ସିନା ଭାଗ କରିବ, ତା ଆଗରୁ ବାପାର ବନ୍ଧ୍ୟା କଲେ କଥା ସରିଲା' ନ୍ୟାୟରେ ଉଚ୍ଚ ଶିକ୍ଷା ବିଭାଗ ଦୀର୍ଘ ସାତ ବର୍ଷ ଧରି ଛାତ୍ର ମାନଙ୍କ ହକ୍ ଆଉ ଅଧିକାର – ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ ରଖିଲା । ମୌଳିକ ଅଧିକାରକୁ ଛଡ଼େଇ ନେଇ ହକ୍ କୁ ଦଳି ମାରିବାର କାରଣ ଦିଆଗଲା ଅଶାନ୍ତ କ୍ୟାମ୍ପସ୍ । କିନ୍ତୁ କ୍ୟାମ୍ପସ୍ ରେ ଶାନ୍ତି ଆଣି ପାରିନଥିବା ଗୃହ ମନ୍ତ୍ରୀ ବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେବେ ଉତ୍ତର ଦାୟିତ୍ୱ ନେଲେ ନାହିଁ କି ବିଫଳତା ପାଇଁ ଇସ୍ତଫା ଦେଲେ ନାହିଁ । କଥାକଥିତ ଛାତ୍ର ସଂସଦ ଲଢ଼ି ରାଜନୀତିରେ ଆସିଥିବା ଆଜିର ଯୁବ ଛାତ୍ରର ମୁଖ୍ୟ ମାନେ ନିଗମ ଓ ବୋର୍ଡ ଦାୟିତ୍ୱରେ ରହି ସରକାରୀ ଦରମା ଓ ଗାଡି ଲୋଭରେ ହଁ ରେ ହଁ ମିଶାଇ ନିରବ ରହିଲେ । ନିର୍ବାଚନ ସମୟ ଆସିଲା, ବର୍ତ୍ତମାନର ସରକାର ତଥା ତତ୍କାଳୀନ ବିରୋଧୀ ଦଳ ବିଜେପିର ଇସ୍ତାହାରରେ ସ୍ଥାନ ପାଇଲା ଛାତ୍ର ସଂସଦ ନିର୍ବାଚନ । ପୁଞ୍ଜିଭୂତ ଛାତ୍ର ଅସନ୍ତୋଷ ସରକାର ବଦଳାଇଲା କିନ୍ତୁ ନୂଆ ସରକାର ମଧ୍ୟ ସେଇ ରାସ୍ତାରେ । ମୁଖ୍ୟମନ୍ତ୍ରୀ , ଆଇନ ମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ବିଭିନ୍ନ ସମୟରେ ନାନା ପ୍ରକାର ମନ୍ତବ୍ୟ ଦେଉଛନ୍ତି କିନ୍ତୁ ଦୁଇ ବର୍ଷ ହେବ ହେଇ ପାରୁନି ଛାତ୍ର ସଂସଦ ନିର୍ବାଚନ । ଏହା ଅପାରଗତା, ଅବହେଳା ନା ସରକାରୀ ଷଡଯନ୍ତ୍ର ।

ଛାତ୍ରଙ୍କ ହକ୍ ଆଉ ଅଧିକାର 'ଛାତ୍ର ସଂସଦ' ଫେରାଇବାକୁ ଆମେ ଲଢେଇ ଲଢ଼ିଛୁ ଓ ସଫଳତା ପାଇବା ଯାଏ ଲଢ଼ିବୁ ।



ସଂଘମିତ୍ରା ଜେନା
ରାଜ୍ୟ ସଭାପତି
ଏ ଆଇ ଏସ ଏଫ

୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟରେ ବିଜେପି କ୍ଷମତାସୀନ ହେଲା ସତ କିନ୍ତୁ ପୂର୍ବ ସରକାରଙ୍କ ପଦାନୁଙ୍କ ଅନୁସରଣ କରି ଛାତ୍ର ସଂସଦ ନିର୍ବାଚନ କରିଲେ ନାହିଁ । ବିଜେପି ବିରୋଧୀ ଦଳରେ ଥିବା ସମୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ତତ୍କାଳୀନ ସରକାରଙ୍କୁ ସମାଲୋଚନା କରି ଆସିଥିବା ବେଳେ ସଂପ୍ରତି କ୍ଷମତାସୀନ ହେବା ପରେ କେବଳ ଗୋଟିଏ ଧାଡ଼ି ଜପ କରୁଛନ୍ତି ଯେ – 'ଆମ ସରକାର ଏହି ପ୍ରସଙ୍ଗରେ ଚିନ୍ତା କରୁଛନ୍ତି' । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଶାସକ ଦଳର କେବଳ ନାମ ହିଁ ପରିବର୍ତ୍ତନ ହୋଇଛି, ନୀତି ନୁହେଁ । ଯଦିଓ ଚଳିତବର୍ଷ ନିର୍ବାଚନ ପାଇଁ ଚର୍ଚ୍ଚା ଜୋର୍ ଧରିଥିଲା, ଫକୀରମୋହନ ମହାବିଦ୍ୟାଳୟରେ ସୋମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ଏବିଭିପି ନେତୃତ୍ୱଙ୍କ ସଂପୃକ୍ତି ଲୋକଲୋଚନକୁ ଆସିବା ପରେ ସରକାର ୟୁଟର୍ଣ୍ଣ ନେଇଥିଲେ । ସରକାରଙ୍କ ଏହି ଛାତ୍ର ବିରୋଧି ନୀତି ରାଜ୍ୟର ଶହଶହ ନେତୃତ୍ୱର ଭ୍ରୂଣ ହତ୍ୟା କରିଚାଲିଛି ।



ଦିପ୍ତିମୟୀ ପ୍ରତିହାରୀ
ରାଜ୍ୟ ସମ୍ପାଦିକା, ଏବିଭିପି

ଛାତ୍ର ସଂସଦ ନିର୍ବାଚନ ସମାଜ ନେତୃତ୍ୱର ମୂଳଦୁଆ ଭାବେ ସର୍ବବିଦିତ । ଛାତ୍ର ନେତୃତ୍ୱର ବିକାଶ ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବର୍ଷ ତମାମ କ୍ୟାମ୍ପସରେ ବିଭିନ୍ନ ଆୟାମ ଗତିବିଧି କାର୍ଯ୍ୟ ମାଧ୍ୟମରେ କାର୍ଯ୍ୟ କରିଆସୁଛି ।

ଆଜି ଦେଶର ପ୍ରମୁଖ କ୍ୟାମ୍ପସ ମାନଙ୍କରୁ ନେଇ ସମସ୍ତ ରାଜ୍ୟ ମାନଙ୍କରେ ହେଉଥିବା ଛାତ୍ର ସଂସଦ ନିର୍ବାଚନ ଏବିଭିପି ବିଜୟୀ ହେଉଛି ଏବଂ ଏରଭ-ଏ ମାନଙ୍କ ପ୍ରଥମ ପସନ୍ଦ ଆଜି ଏବିଭିପି ହେଇ ପାରିଛି ।

ବିଗତବର୍ଷ ମାନଙ୍କରୁ ଓଡ଼ିଶାର ଶିକ୍ଷା ପରିସରରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ ହେବା ଆଦୌ ଗ୍ରହଣୀୟ ନୁହେଁ । ଛାତ୍ର ସଂସଦ ନିର୍ବାଚନ ପ୍ରତେକ ବିଦ୍ୟାର୍ଥିର ସାମ୍ବିଧାନିକ ଅଧିକାର ।

# ବିଜେଡିର ବିଶାଳ ଚାଷୀ ସୁରକ୍ଷା ସମାବେଶ

**ଚାଷୀ ସମସ୍ୟାର ସମାଧାନ ନହେଲେ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ହଜାଇ ଦିଆଯିବ: ବିଜେଡି**
**ପ୍ରଚାର ପ୍ରସାରରେ ଟଙ୍କା ଉଡାଉଛନ୍ତି କିନ୍ତୁ ଚାଷୀଙ୍କ ପାଇଁ ନାହିଁ**
**୭୨ ଘଣ୍ଟାରେ ଚାଷୀଙ୍କ ଧାନ କିଣନ୍ତୁ ସରକାର**
**ମହିଳା ହିଂସା, ନାରୀ ନିର୍ଯାତନାରେ ସରକାର ରୋକ୍ ଲଗାନ୍ତୁ**



ଭୁବନେଶ୍ୱର, ୨୮/୨ (ଜେଏନ୍ଏସ୍) : ରାଜ୍ୟରେ ଧାନ ସଂଗ୍ରହକୁ ନେଇ ସୃଷ୍ଟି ହୋଇଥିବା ଅଚଳାବସ୍ଥା, ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳା ସୁରକ୍ଷା ପ୍ରସଙ୍ଗକୁ ନେଇ ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମଜି ଠାରେ ଏକ ବିଶାଳ ବିକ୍ଷୋଭ ଆୟୋଜନ କରି ବିଜୁ ଜନତା ଦଳ ଆଜି ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି । ରାଜ୍ୟର ପ୍ରତି ନିର୍ବାଚନ ମଣ୍ଡଳୀରୁ ହଜାର ହଜାର କର୍ମୀ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଦଳର ସମସ୍ତ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟ ବିଜେପି ସରକାରଙ୍କ ବିଫଳତାକୁ ଗୋଟି ଗୋଟି କରି ବଖାଣିଥିଲେ ।

ଏହି କାର୍ଯ୍ୟକ୍ରମକୁ ଦଳର ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର ପରିଚାଳନା କରିଥିଲେ । ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଚଳିତ ବର୍ଷ ଧାନ ସଂଗ୍ରହ ବ୍ୟବସ୍ଥିତ ହୋଇପାରି ନଥିବାରୁ ରାଜ୍ୟର କୃଷକ ମାନେ ବିଭିନ୍ନ ସ୍ଥାନରେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ପଞ୍ଜିକରଣରେ ଜଟିଳ ବ୍ୟବସ୍ଥା, ଟୋକନ ମିଳିବା ନେଇ ଅବ୍ୟବସ୍ଥା, ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ, ମଣ୍ଡିରେ ଧାନ ଉଠିବାରେ ଅହେତୁକ ବିଳମ୍ବ, କଟନୀ ଛଟନିରେ ସାତ ରୁ ଦଶ କିଲୋ ପ୍ରତି କୁଇଣ୍ଟାଲ ଧାନ କାଟିବା ଇତ୍ୟାଦି ଦ୍ୱାରା ରାଜ୍ୟର କୃଷକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସରକାରଙ୍କ କୃଷକ ମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ଦାବିରେ, ବିଜୁ ଜନତା ଦଳ ଫେବୃଆରୀ ୨ ତାରିଖରୁ ରାଜ୍ୟର ପ୍ରତିଟି ଜିଲ୍ଲାରେ ଆନେ୍ଦାଳନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲା । ଆଜି ରାଜଧାନୀ ଭୁବନେଶ୍ୱରର ଲୋୟର ପିଏମଜି ଠାରେ ଏକ ରାଜ୍ୟସ୍ତରୀୟ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ନିର୍ବାଚନ ମଣ୍ଡଳୀରୁ ୨୫ ହଜାରରୁ ଉର୍ଦ୍ଧ୍ୱ କୃଷକମାନେ ଓ ବିଜେଡି କର୍ମୀମାନେ ଯୋଗ ଦେଇଥିଲେ । ବିଜେଡିର ଏହି ବିଶାଳ ଚାଷୀ ସୁରକ୍ଷା ସମାବେଶରେ ଦଳର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ସଂତୃପ୍ତ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ, ପ୍ରଣବ ପ୍ରକାଶ ଦାଶ, ଚନ୍ଦ୍ରଶେଖର ସାହୁ, ସଞ୍ଜୟ ଦାସ ବର୍ମା, ପ୍ରତାପ ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅରୁଣ ସାହୁ, ସୁଦାମ ମାରାଣ୍ଡି, ଅତନୁ ସବ୍ୟସାଚୀ ନାୟକ, ପ୍ରଫୁଲ୍ଲ ସାମଲ, ବଦ୍ରି ପାତ୍ର, ନିରଂଜନ ପୂଜାରୀ, ଅଶୋକ ପଣ୍ଡା, କଳିକେଶ ନାରାୟଣ ସିଂହଦେଓ, ଟୁକୁନି ସାହୁ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ସୁବାଷ ସିଂ, ଗଣେଶ୍ୱର ବେହେରା, ଡ. ସସ୍ମିତ ପାତ୍ର, ସୁବାଶିଷ ଖୁଣ୍ଟିଆ, ମୁଜିବୁଲ୍ଲା ଖାନ୍, ସୁଲତା ଦେଓ, ସ୍ନେହାଙ୍ଗୀନି ଛୁରିଆ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ବିଜୟ ନାୟକ, ଡ. ଲେନିନ୍ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ସର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ପ୍ରୀତିରଂଜନ ଘଡେଇ, ପ୍ରଣବ ବଳବନ୍ତରାୟ, ପ୍ରଦୀପ ମାଝୀ, ଦେବେଶ ଆଚାର୍ଯ୍ୟ, ବ୍ୟୋମକେଶ ରାୟ, ଧ୍ରୁବ ସାହୁ, ଦେବୀ ରଂଜନ ତ୍ରିପାଠୀ, ସାରଦା ପ୍ରସନ୍ନ ଜେନା, ଗୌତମବୁଦ୍ଧ ଦାସ, ବ୍ରଜକିଶୋର ପ୍ରଧାନ, ବିଶ୍ୱ ମଲ୍ଲିକ, ରୂପେଶ ପାଣିଗ୍ରାହୀ, ନଳୀନକାନ୍ତ ପ୍ରଧାନ, ରୋମାଞ୍ଚ ରଂଜନ ବିଶ୍ୱାଳ, ସୌଭିକ ବିଶ୍ୱାଳ, ନବକିଶୋର ମଲ୍ଲିକ, ରମାକାନ୍ତ ଭୋଇ, ମାଧବ ଧଡ଼ା, ପ୍ରଶାନ୍ତ ବେହେରା, ସଂଜୀବ ମଲ୍ଲିକ, ମନୋରମା ମହାନ୍ତି, ସୁବାସିନୀ ଜେନା, ତୁଷାରକାନ୍ତି ବେହେରା, ସୁଜାତା ସାହୁ, ପ୍ରଦୀପ ସାହୁ, ଯୋଗେଶ ସିଂ, ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର, ରୁଦ୍ର ମହାରଥୀ, ବିଷ୍ଣୁବ୍ରତ ରାଉତରାୟ, ଅଂଶୁମାନ ମହାନ୍ତି, ଅଶ୍ୱିନ ପାତ୍ର, ମିରା ପରିଡା, ମହେଶ ସାହୁ, ପଦ୍ମନାଭ ବେହେରା, ରୀତା ସାହୁ, ଶ୍ରୀନାଥ ସୋରେନ୍, ଦେବାଶିଷ ପଟ୍ଟନାୟକ, ଲୋପାମୁଦ୍ରା ବକ୍ସିପାତ୍ର, ସୁମିତ୍ରା ଜେନା, ବାସନ୍ତୀ ହେମ୍ବ୍ରମ, ରଂଜିତା ସାହୁ, ପ୍ରଫୁଲ୍ଲ ସିଂ, ମାନସ ମାଡକାମି, ରବି ନନ୍ଦ, ସାନନ୍ଦ ମାରାଣ୍ଡି, ଦେବାଶିଷ ମାରାଣ୍ଡି, ଗଣେଶ୍ୱର ପାତ୍ର, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସୁକାନ୍ତ ନାୟକ, ସ୍ୱରୂପ ଦାସ, ସୁଧାଂଶୁ ଶେଖର ପରିଡା, ଅବନୀ ରଂଜନ ଜୋଷୀ, ଅଳକା ମହାନ୍ତି, ଆୟୁବ ଖାନ, ସରୋଜ ମେହେର, ମହିଧର ରଣା, ରଜନୀକାନ୍ତି ସିଂ, ମୁକେଶ ପାଲ, ସୁଶାନ୍ତ କୁମାର ବେହେରା, ଅବିନାଶ ସାମଲ, ସନ୍ଦିପ ଷଡଙ୍ଗୀ, ସୁଧିର କୁମାର ସାମଲ, ଡ. ନୃସିଂହ ସାହୁ, ବବିତା ପ୍ରଧାନ, ଅର୍ଚ୍ଚନା ପୁହାଣ, ମଂଜୁଳା ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ ସାହୁ, ସୂର୍ଯ୍ୟମଣି ବୈଦ୍ୟ, ବିପ୍ଳବ ପାତ୍ର, ଲତିକା ପ୍ରଧାନ, ଭଗବାନ ଗନ୍ତାୟତ, ଦେବାନନ୍ଦ ମହାପାତ୍ର ଓ ସଂଘମିତ୍ରା ଦଲେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ବିବାହ ଦିନ ଜୀବନ ହାରିଲେ ୨ ଭଉଣୀ

ଯୋଧପୁର, ୨୮/୨ : ରାଜସ୍ଥାନର ଯୋଧପୁର ଅନ୍ତର୍ଗତ ମନାଇ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ଏକ ପରିବାର ୨ ଝିଅଙ୍କ ବିବାହ ଉତ୍ସବ ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ବିବାହ ଦିନ ୨ ଭଉଣୀ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଛନ୍ତି । ଏହି ଘଟଣା ପରିବାର ଲୋକଙ୍କୁ ଶୋକରେ ବୁଡ଼ାଇ ଦେଇଛି । ଉଭୟ ବିଷାକ୍ତ ପଦାର୍ଥ ଖାଇ ଜୀବନ ହାରିଥିବା ପୋଲିସ ପକ୍ଷରୁ କୁହାଯାଇଛି । ୨ ଭଉଣୀ ଶୋଭା(୨୫) ଏବଂ ବିମଳା(୨୩)ଙ୍କର ଶନିବାର ବିବାହ ଅନୁଷ୍ଠିତ ହୋଇଥାନ୍ତା । ଶୁକ୍ରବାର ରାତିରେ ପ୍ରାକ୍ ବିବାହ ଉତ୍ସବ ଚାଲିଥିବା ବେଳେ ମଧ୍ୟରାତ୍ରରେ ୨ ଭଉଣୀ ଶୋଇବା ପାଇଁ ଯାଇଥିଲେ । ଭୋର ୪ଟାରେ ସେମାନଙ୍କ ସ୍ୱାସ୍ଥ୍ୟ ହଠାତ ଖରାପ ହେବାରୁ ପରିବାର ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଯୋଧପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଏଡିସିପି(ପଶ୍ଚିମ) ରୋଶନ ମୀନା କହିଛନ୍ତି । ପରିବାର ଲୋକେ ମୃତଦେହକୁ ଫେରାଇ ଆଣି ଶେଷକୃତ୍ୟ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା ।

## ଭୋକ ଆଗରେ ହାର ମାନିଲା ପାଠ

# ଆଗେ ଦାଦନ ପରେ ପାଠ : ବଲାଙ୍ଗୀରରୁ ଆସିଲା ଭୟାନକ ଚିତ୍ର

ପରୀକ୍ଷା ଦେବା ପାଇଁ ଫର୍ମ ଭରିଲେ ହେଲେ ପରୀକ୍ଷା ଦେଲେ ନାହିଁ । ବଲାଙ୍ଗୀର ଜିଲ୍ଲାର ୩୭୧ ସ୍କୁଲର ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେବା ପାଇଁ ମୋଟ ୨୩୪୯୧ ଫର୍ମ ଭାରିଥିଲେ ହେଲେ ପରୀକ୍ଷା ଦେଲେ ୨୨୭୮୨ ପରୀକ୍ଷାର୍ଥୀ । ଛାତ୍ରଛାତ୍ରୀଙ୍କ ପାଇଁ ମୋଟ ୧୬୮ଟି ପରୀକ୍ଷା କେନ୍ଦ୍ର ମଧ୍ୟ କରାଯାଇଛି । ହେଲେ ରୋଚକ କଥା ହେଉଛି କାହିଁକି ପରୀକ୍ଷା ଦେଲେ ନାହିଁ ଅନୁପସ୍ଥିତ ରହିଥିବା ୭୦୯ ଜଣ ଛାତ୍ରଛାତ୍ରୀ । ଆପଣ କାରଣ ଜାଣିଲେ ଆଶ୍ଚର୍ଯ୍ୟ ହେଇଯିବେ । ପରୀକ୍ଷା ଦେଇନଥିବା ଛାତ୍ରଛାତ୍ରୀ ଓଡ଼ିଶାରେ ହିଁ ନାହାନ୍ତି ସେମାନେ ଯାଇଛନ୍ତି ଦାଦନ ଖଟିବା ପାଇଁ । ଶୁଣିବାକୁ ଟିକେ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଘଟଣାଟା ସମ୍ପୂର୍ଣ୍ଣ ଭାବରେ ସତ । ଆମକୁ ମିଳିଥିବା ସୂଚନା ଅନୁସାରେ ଅନୁପସ୍ଥିତ ଛାତ୍ରଛାତ୍ରୀ ନିଜ ପରିବାର ଲୋକଙ୍କ ସହିତ ବାହାର ରାଜ୍ୟକୁ ଇଟା ଗଢ଼ିବା ପାଇଁ ଯାଇଛନ୍ତି ।

ଭଲ ଭାବରେ ଦେଖନ୍ତୁ ଏହି ଚିତ୍ରକୁ କେଉଁଠି ଘର ଆଗରେ ତାଲା ଝୁଲୁଛି ତ ଆଉ କେଉଁଠି ଘର ଜଗିଛନ୍ତି



ଜଲିଲ୍ ଖାଁ

ବୟସ୍କ ଲୋକ । କାହିଁକି ନା ଅନ୍ୟମାନେ ଯାଇଛନ୍ତି ଦାଦନ ଖଟିବା ପାଇଁ ।

ଏହା ସହିତ ଶିକ୍ଷା ବ୍ୟବସ୍ଥାର ନଗ୍ନ ଚିତ୍ର ମଧ୍ୟ ପଦାରେ ପଡ଼ିଛି । ପ୍ରତ୍ୟେକ ବର୍ଷ ଓଡ଼ିଶାରେ ଡ୍ରପ ଆଉଟ୍ ସଂଖ୍ୟା ବଢ଼ିବାରେ ଲାଗିଛି । ସରକାରୀ ଯୋଜନା ପିଲାଙ୍କୁ ସ୍କୁଲକୁ ଆକୃଷ୍ଟ କରିପାରୁ ନାହିଁ । ସରକାରଙ୍କ ମାଳମାଳ ଯୋଜନା ଆଗରେ ଫିକା ପଡୁଛି ପେଟର ଭୋକ । କେବଳ ବଲାଙ୍ଗୀର ନୁହେଁ ରାଜ୍ୟର ଅନେକ ଜିଲ୍ଲାର ଅବସ୍ଥା ପ୍ରାୟ କିଛି ଏଇଭଳି କହିଲେ ଅତ୍ୟୁକ୍ତି ହେବ ନାହିଁ । ଦାଦନ ମୁକ୍ତ ଓଡ଼ିଶାର ନାରା ଦେଉଥିବା ବିଜେପି ସରକାର କିନ୍ତୁ ଏପର୍ଯ୍ୟନ୍ତ ସେଇଭଳି କିଛି ପଦକ୍ଷେପ ଗ୍ରହଣ କରିନାହାନ୍ତି । ତାହେଲେ କେମିତି ପିଲାଙ୍କୁ ସ୍କୁଲକୁ ଫେରାଇ ଆଣିପାରିବେ ତାହା ସବୁଠାରୁ ବଡ ପ୍ରଶ୍ନ ବ୍ୟୁରୋ ରିପୋର୍ଟ ଜନବାର୍ତ୍ତା...

ପେଟ ପୋଷିବା ପାଇଁ ରୋଜଗାର କରିବା ଉଦ୍ଦେଶ୍ୟରେ ବଲାଙ୍ଗିର ରୁ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଗଲେ ଶ୍ରମିକମାନେ ଏବଂ ସେମାନଙ୍କ ସହିତ ସେମାନଙ୍କ ପିଲାମାନଙ୍କୁ ବି ନେଇଗଲେ ଫଳରେ ସେମାନଙ୍କ ପିଲାମାନେ ମାଟ୍ରିକ ପରୀକ୍ଷା ଦେଇ ପାରିଲେନି, ନଅ ଶହ ସାତ ଜଣ ଛାତ୍ରଛାତ୍ରୀ ପରୀକ୍ଷା ରୁ ବଞ୍ଚିତ ହେଲେ, ବାପା ମାଆ ଯଦି ଆମ ରାଜ୍ୟ ରେ ରୋଜଗାର ପାଇବାର ସୁଯୋଗ ପାଇଥାଆନ୍ତେ ସେମାନେ କାହିଁକି ସେମାନଙ୍କ ପିଲାମାନଙ୍କୁ ନେଇ ରାଜ୍ୟ ଛାଡି ଯାଇଥାଆନ୍ତେ, ଶିକ୍ଷାର ଉନ୍ନତି, ସମସ୍ତ ପିଲାମାନଙ୍କୁ ମାଗଣା ରେ ଶିକ୍ଷା ଦାନ, ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦେବା ସହିତ ମାଗଣାରେ ପୁସ୍ତକ ଓ ପୋଷାକ ମଧ୍ୟ ପ୍ରଦାନ କରିବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି, ଏଥିପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଛି, କିନ୍ତୁ ଦୁଃଖର କଥା ପିଲାମାନେ ମାଟ୍ରିକ ପରୀକ୍ଷା ନ ଦେଇ ପାରି ବାପା ମାଆଙ୍କ ସହିତ ଦାଦନ ଖଟିବାକୁ ଯାଉଛନ୍ତି, ଏ ସବୁର କାରଣ ବେକାରୀ ସମସ୍ୟା, ଦୈନିକ ମଜୁରୀଆ ଖଟିଖିଆଙ୍କ ପାଇଁ ରୋଜଗାର ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହେଉ ନାହିଁ, ଲୋକମାନେ ଭୋକ ଶୋଷରେ ରହିପାରୁ ନାହାଁନ୍ତି କି ପିଲାମାନଙ୍କୁ ଭୋକ ଉପାସରେ ରହୁଥିବା ଦେଖି କି ସହିପାରୁ ନାହାଁନ୍ତି ସେମାନେ ପିଲାମାନଙ୍କୁ ଇସ୍କୁଲ ନ ପଠେଇ ବାଧ୍ୟ ହୋଇ ପିଲାମାନଙ୍କୁ ନେଇ ଅନ୍ୟ ରାଜ୍ୟକୁ ଖଟିବା ପାଇଁ ଚାଲି ଯାଉଛନ୍ତି, ସରକାର ବିହିତ ପଦକ୍ଷେପ ନେଇ ରୋଜଗାର ଯୋଜନା କାର୍ଯ୍ୟକ୍ରମ ଆରମ୍ଭ କରିବା ସହିତ ପିଲାମାନଙ୍କୁ ଇସ୍କୁଲ କୁ ଦୈନିକ ଆସିବା ପାଇଁ ପଦକ୍ଷେପ ନେଲେ କୌଣସି ପିଲା ମାଟ୍ରିକ ପରୀକ୍ଷାରୁ ବଞ୍ଚିତ ହେବେ ନାହିଁ ।

ଶିକ୍ଷା ବିତ୍ ନୂଆପଲ୍ଲୀ ଭୁବନେଶ୍ୱର

## ଆଧାର କାର୍ଡରେ ଆକାଉଣ୍ଟ ଅପରେଟ୍ କରି ଠକେଇ : ଜଣେ ଗିରଫ

ପଦ୍ମପୁର, ୨୮/୨(ଜେଏନ୍ଏସ୍) : ଆପଣ ଯଦି ଆକାଉଣ୍ଟ ତିଆରି କରିବା ପାଇଁ କୌଣସି ଜଣାଶୁଣା ବ୍ୟକ୍ତିଙ୍କୁ ଆଧାର କାର୍ଡ ଦେଉଛନ୍ତି ତେବେ ହୋଇଯାଆନ୍ତୁ ସାବଧାନ । ରାୟଗଡା ଜିଲା ଗୁଣୁପୁର ଥାନାରେ ଏକ ସାଇବର କ୍ରାଇମର ଭିନ୍ନ ଏକ ରୋଚକ ମାମଲା ସାମ୍ନାକୁ ଆସିଛି । ପଦ୍ମପୁର ବ୍ଲକ୍ ନୂଆସାହିର ଜଣେ ଏମ୍ ବି ଏ ଛାତ୍ର ଦେବକାନ୍ତ ଶତପଥୀ କିଛି ଲୋକଙ୍କ ଆଧାରକାର୍ଡକୁ ନେଇ ଆକାଉଣ୍ଟ ତିଆରି କରିବାକୁ କହିଥିଲେ । ଏହାପରେ ପଦ୍ମପୁର ବ୍ଲକ୍ ଖିଲାମୁଣ୍ଡା ଗ୍ରାମର ଏନ୍ ଏଙ୍କିଟି ମାଲିକାନାରେ ସନ୍ତୋଷ ଟ୍ରେଡର ନାମରେ ଏକ ବେନାମି କରେଣ୍ଟ ଆକାଉଣ୍ଟ କରିଥିଲେ । ଆକାଉଣ୍ଟ ଟି ଏସବିଆଇର ହୋଇଥିବା ବେଳେ ଆକାଉଣ୍ଟ ରେ ଦିଆଯାଇଥିବା ମୋବାଇଲ୍ ନଂ ଟି ଆକାଉଣ୍ଟଧାରରଙ୍କ ନଥିବା ବେଳେ ଦେବକାନ୍ତ ଶତପଥୀ ବାଙ୍ଗାଲୋର ର ଏକ ଫ୍ରଡ୍ ଲୋକର ସହ ଡିଲ୍ କରି ତାଙ୍କ ଫୋନ ନଂ କୁ ଆକାଉଣ୍ଟ ସହ ଲିଙ୍କ୍ କରୁଥିଲେ । ଏପରିକି ଏଥିରେ ଯେଉଁ ଲୋକଙ୍କଠୁ ଆଧାରକାର୍ଡ ନେଉଥିଲେ ତାଙ୍କୁ କିଛି କମିଶନ ଆସିବାର ପ୍ରଲୋଭନ ଦେଖାଉଥିଲେ । ପରବର୍ତ୍ତୀ ମୁହୂର୍ତ୍ତରେ ପୁଲିସ ସାଇବର କ୍ରାଇମ୍ ଟୋଲ୍ ଫ୍ରି ନଂ ୧୯୩୦ ନଂରେ ୬ଜଣ ଅଭିଯୋଗକାରୀ ଯୋଗାଯୋଗ କରି ଅଭିଯୋଗ କରିଥିଲେ । ଗୁଣୁପୁର ପୁଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଆକାଉଣ୍ଟର ଯାଞ୍ଚ ପୁଲିସ କରିବା ବେଳେ ଏହି ଆକାଉଣ୍ଟ ରେ ପ୍ରାୟତଃ ୮ ଲକ୍ଷରୁ ଅଧିକ ଟଙ୍କା ନେଣଦେଣ ହେଉଥିବା ନେଇ ଜଣାପଡିବା ପରେ ପୁଲିସ ଏହି ବେନାମି ଆକାଉଣ୍ଟର ହିସାବ ଦେଖି ଚକିତ ହୋଇଯାଇଥିଲେ । ଏହି ଆକାଉଣ୍ଟ ଧାରୀ ଏନ୍ ଏଙ୍କିଟିକୁ ପୁଲିସ ପଚରାଉଚୁରା କରିବା ପରେ ଏହା ଏକ ବେନାମି ଆକାଉଣ୍ଟ ବୋଲି ଜାଣିବାକୁ ପାଇଥିଲା । ପୁଲିସ ଏହି ସାଇବର ମାମଲାରେ ଛନ୍ଦି ହୋଇଥିବା ଦେବକାନ୍ତ ଶତପଥୀଙ୍କୁ ଗିରଫ କରି ପଚରାଉଚୁରା କରି କୋର୍ଟ ଚାଲାଣ କରିଛି । ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ବାଙ୍ଗାଲୋର ଅଞ୍ଚଳର ରାହୁଲ୍ ନାମକ ଯୁବକ ଫେରାର ରହିଛି । ଏଥିରେ ପୁଲିସ ପ୍ରତିକ୍ରିୟା ଦେଇନଥିବା ବେଳେ ଆକାଉଣ୍ଟ ସିଜ୍ କରିବା ସହ ତିନୋଟି ମୋବାଇଲ୍‌କୁ ଜବତ କରିଛି ତଦନ୍ତ ଜାରି ରଖିଛି ।

## ଟାଟା ପାୱାରରେ ଧାନ ଜମା : ଟଙ୍କା ବଦଳରେ ଧାନ ଜମା ଦେଲେ ଚାଷୀ



ବରଗଡ଼, ୨୮/୨(ଜେଏନ୍ଏସ୍) : ବରଗଡ଼ ଜିଲ୍ଲା ଭେଡେନ ବ୍ଲକ କୁଶନପୁରି ଗ୍ରାମର ଜଣେ ଚାଷୀ ରମେଶ ମହାପାତ୍ର କିଛି ଏହିଭଳି ଭାବରେ ନିଜର ବିଦ୍ୟୁତ ବିଲ ପଇଠ କରିଛନ୍ତି । ବିଦ୍ୟୁତ ବିଭାଗ ତରଫରୁ ତାଙ୍କୁ ନୋଟିସ ଦିଆଯାଇଥିଲା ଯଦି ସିଏ ୮ ହଜାର ଟଙ୍କାର ବିଦ୍ୟୁତ ବିଲ ପଇଠ ନକରିବେ ନଦେବେ ତାହେଲେ ତାଙ୍କର ଲାଇନ୍ କାଟି ଦିଆଯିବ । କିନ୍ତୁ ଟୋକନ ଆସିନଥିବା ହେତୁ ସିଏ ଅମଳ ଧାନକୁ ବିକ୍ରି କରିପାରିନଥିଲେ । ଫଳରେ ଟଙ୍କା ନଥିବା ହେତୁ ଧାନ ନେଇ ରଖିଆସିଥିଲେ ଟାଟା ପାୱାର ସାମ୍ନାରେ ଯାହାକୁ ନେଇ ଏବେ ଚର୍ଚ୍ଚା ଯୋର ଧରିବାରେ ଲାଗିଛି । ଜଣେ ଚାଷୀଙ୍କ କହିବାନୁଯାୟୀ, ରମେଶ ମହାପାତ୍ର ତାଙ୍କ ୪ ଏକର ଜମି ଚାଷ କରୁଥିବା ବେଳେ ତାଙ୍କ ଭଉଣୀ ସଂଯୁକ୍ତା ମହାପାତ୍ର ନାମରେ ୪ ଏକର୍ ଜମି ରହିଛି ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଉଭୟ ଭାଇ ଭଉଣୀଙ୍କ ଟୋକନ ଆସିନଥିବାରୁ ଧାନ ବିକ୍ରି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେ ଖଳା, ଘର, ରାସ୍ତାରେ ଧାନ ରଖି କେବେ ଧାନ ବିକ୍ରୀହେବ ଅନାଇ ବସିଛନ୍ତି । ଏପଟେ ସେ ଜଣେ ବିଦ୍ୟୁତ ଉପଭୋକ୍ତା ହୋଇଥିବାରୁ ଟାଟା ପାୱାରର କିଛି ଟଙ୍କା ରହିଯାଇଛି ଫଳରେ ବିଦ୍ୟୁତ ବିଭାଗ ପକ୍ଷରୁ ଲାଇନ କାଟିବାକୁ ଧମକ ଦିଆଯାଉଥିବା ଅଭିଯୋଗ କରିଛନ୍ତି । ବିଦ୍ୟୁତ ବିଭାଗ ପକ୍ଷରୁ ୨୫ ତାରିକ ଭିତରେ ୮ହଜାର ବାଧତା ମୂଳକ ଭାବେ ଟଙ୍କା ପୈଠ ନକଲେ ଲାଇନ କାଟିବାକୁ ନୋଟିସ ଆସିଥିଲା ହେଲେ ତାଙ୍କ ପାଖରେ ଧାନ ପଡିରହିଥିବାରୁ ନଗଦ ଟଙ୍କାର ଅଭାବ ଥିବାରୁ ବାଧ୍ୟ ହୋଇ ଥୁଆପାଲି ବିଦ୍ୟୁତ କାର୍ଯ୍ୟାଳୟକୁ ଜାଇ ୮ ହଜାର ଟଙ୍କାର ଧାନ ତଥା ୪ ବସ୍ତା ଧାନ ନେଇ କାର୍ଯ୍ୟାଳୟ ସମ୍ମୁଖରେ ରଖିଥିଲେ । ତେବେ ଚାଷୀଙ୍କ ଏଭଳି ଧାନ ଦେଇ ବିଜୁଳି ବିଲ ପଇଠ କରବା ନିଷ୍ପତି ସମସ୍ତଙ୍କୁ ତାଯୁବ କରିଛି । ଏହା ସହିତ ରାଜ୍ୟର ଧାନ କିଣା ପ୍ରକ୍ରିୟା ପଦାରେ ପଡ଼ିଛି ।

## ଆଫଗାନିସ୍ତାନ-ପାକିସ୍ତାନ ଯୁଦ୍ଧରେ ଟ୍ରମ୍ପ ଦେଲେ ବଡ଼ ବୟାନ

ୱାଶିଂଟନ୍, ୨୮।୨: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଚାଲିଥିବା ବିବାଦ ସମ୍ପର୍କରେ ଏକ ପ୍ରମୁଖ ବିବୃତ୍ତି ଦେଇଛନ୍ତି । ସେ କହିଛନ୍ତି, ସେ ଏହି ମାମଲାରେ ହସ୍ତକ୍ଷେପ କରିବେ । ପାକିସ୍ତାନ ବର୍ତ୍ତମାନ ଏକ ଉତ୍ତମ କାମ କରୁଛି । ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନାରେ ହସ୍ତକ୍ଷେପ କରିବା ବିଷୟରେ ପଚରାଯିବାରୁ ଟ୍ରମ୍ପ କହିଛନ୍ତି, ମୁଁ ହସ୍ତକ୍ଷେପ କରିବି । କିନ୍ତୁ ମୋର ପାକିସ୍ତାନ ସହିତ ବହୁତ ଭଲ ସମ୍ପର୍କ ଅଛି । ସେମାନଙ୍କର ଜଣେ ଭଲ ପ୍ରଧାନମନ୍ତ୍ରୀ, ଜଣେ ମହାନ ଜେନେରାଲ ଏବଂ ଜଣେ ଭଲ ନେତା ଅଛନ୍ତି । ଏହି ଉଭୟ ବ୍ୟକ୍ତିଙ୍କୁ ମୁଁ ବହୁତ ସମ୍ମାନ କରେ । ପାକିସ୍ତାନ ବହୁତ ଭଲ କାମ କରୁଛି । ଆଫଗାନିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ ଇସଲାମାବାଦ ତାଙ୍କର ହସ୍ତକ୍ଷେପ ପାଇଁ ଅନୁରୋଧ କରିଛି କି ନାହିଁ ପଚରାଯିବାରୁ, ସେ ସିଧାସଳଖ ଉତ୍ତର ଏଡ଼ାଇ ଯାଇଥିଲେ ଏବଂ ସେମାନଙ୍କ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବିଷୟରେ ଉଲ୍ଲେଖ କରିଥିଲେ । ଟ୍ରମ୍ପଙ୍କ ବୟାନ ପରେ, ଆମେରିକାର ବୈଦେଶିକ ବିଭାଗ ମଧ୍ୟ ଇସଲାମାବାଦକୁ ସମର୍ଥନ ପ୍ରକାଶ କରିଛି । ରାଜନୈତିକ ବ୍ୟାପାର ପାଇଁ ଉପ-ବିଦେଶ ସଚିବ ଆଲିସନ ଏମ. ହୁକର କହିଛନ୍ତି, ସେ ସାମ୍ପ୍ରତିକ ସଂଘର୍ଷରେ ହାରିଯାଇଥିବା ଲୋକଙ୍କ ପାଇଁ ସମବେଦନା ଜଣାଇବା ପାଇଁ ପାକିସ୍ତାନର ବୈଦେଶିକ ସଚିବଙ୍କ ସହ କଥା ହୋଇଛନ୍ତି ।

# ଖୋର୍ଦ୍ଧା ପଲ୍ଲୀ ତୋଟାପଡ଼ା ପଞ୍ଚାୟତ ମୌଳିକ ସମସ୍ୟାର ସମାଧାନ କେବେ ?

ଖୋର୍ଦ୍ଧା, ୨୮/୨(ଜେଏନ୍ଏସ୍) : ଖୋର୍ଦ୍ଧା ଅଞ୍ଚଳ ହେଉଛି ଏକ ଶିକ୍ଷିତ ଗୁଣି ଜ୍ଞାନୀଙ୍କର ଏହି ଜିଲ୍ଲାର ଅଭାବ ନାହିଁ । ଖୋର୍ଦ୍ଧା ଅଞ୍ଚଳର ପଲ୍ଲୀ ତୋଟାପଡ଼ାରେ ସ୍ୱାସ୍ଥ୍ୟ ବିଭାଗର ଲାଗି ରହିଛି, ଅନେକ ସମସ୍ୟା ତାହା ମଧ୍ୟରୁ ଖୋର୍ଦ୍ଧା ସହର ଠାରୁ ନିକଟବର୍ତ୍ତୀ ପଞ୍ଚାୟତ ପଲ୍ଲୀ ତୋଟାପଡ଼ା ପଞ୍ଚାୟତରେ ଉକ୍ତ ଅଞ୍ଚଳବାସୀଙ୍କର ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ପାଇଁ ପୂର୍ବ ସରକାରଙ୍କ ଅମଳରେ ରାଜ୍ୟ ସରକାରଙ୍କ ଦ୍ୱାରା ଉକ୍ତ ପଞ୍ଚାୟତବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଗଲା ସତ କିନ୍ତୁ ସେହି ନବନିର୍ମିତ ଆରୋଗ୍ୟ ମନ୍ଦିର ସ୍ଥାପନା ହେବା ହେବାଠାରୁ କେବେ ହେଲେ ମଧ୍ୟ ଉକ୍ତସ୍ୱାସ୍ଥ୍ୟ ମନ୍ଦିରରୁ ସ୍ଥାନୀୟ ଅଞ୍ଚଳ ବାସିନ୍ଦା କେବେ ମଧ୍ୟ ସେବା ପାଇ ନାହାନ୍ତି । ଏହି କେନ୍ଦ୍ର ନିର୍ମାଣ ହେବା ଦିନଠାରୁ ଏହି ସ୍ୱାସ୍ଥ୍ୟ ସେବା ମନ୍ଦିର ଝୁଲୁଛି । ତାଲା ବାହାରୁ ଦେଖିଲେ ଅତି ସୁନ୍ଦର ଦେଖା ଯାଉଥିଲେ ମଧ୍ୟ ପରିବେଶ ମଧ୍ୟ ଖୁବ ସୁନ୍ଦର ଅଞ୍ଚଳ ବାସୀଙ୍କୁ କେବେ ଉକ୍ତ କେନ୍ଦ୍ରରୁ ପାଇବେ ସ୍ୱାସ୍ଥ୍ୟ ସେବା ନା କର୍ମଚାରୀଙ୍କ ଅଭାବ ନା କ'ଣ ସମସ୍ୟା ତାହା ଜିଲ୍ଲାର ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀଙ୍କୁ ଜଣା, ଉକ୍ତ ସମସ୍ୟା ଜାଣିଲେ ମଧ୍ୟ ସେ ଯେପରି ଜାଣିଲା ଭଳି ଅଭିନୟ କରୁଛନ୍ତି । ଯଦି ରାତ୍ରିରେ କାହାର ସ୍ୱାସ୍ଥ୍ୟ ଖରାପ ହେଲେ ଜିଲ୍ଲାର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ହିଁ ସେବା ପାଇ ପାରୁଛନ୍ତି । ଉକ୍ତ ପଞ୍ଚାୟତବାସୀଙ୍କର ଦୁଃଖ ଏଠି ସରି ନାହିଁ ବର୍ଷା ଦିନେର ତୋଟାପଡ଼ା ଗ୍ରାମର ସାହିର ରାଜ ରାସ୍ତାରେ ବର୍ଷା ହେଲେ ଲୋକଙ୍କର ସମସ୍ୟା କହିଲେ ନ ସେର ଗ୍ରାମର ନଦର୍ମା ପାଣି ପାର ହୋଇ ଉକ୍ତ ଅଞ୍ଚଳର ସମସ୍ତ ବାସିନ୍ଦା ଓ ସ୍କୁଲ କଲେଜର ଛାତ୍ର ଓ ଛାତ୍ରୀମାନେ ମଧ୍ୟ ଉକ୍ତ ଅପରିଷ୍କାର ପାଣିରେ ପାର ହୋଇନିଜ ନିଜର କାମକୁ ଯାଆନ୍ତି । ଉକ୍ତ ନଦର୍ମା ପାଣି ନିଷ୍କାସନ ପାଇଁ ନାଳର ବ୍ୟବସ୍ଥା ନାହିଁ ଗ୍ରାମର ରାସ୍ତାଘାଟ କଥା କହିଲେ ନ ସେର; ତାହା ମଧ୍ୟ ଅତି କଦର୍ଯ୍ୟ । ଉକ୍ତ ଗ୍ରାମେର ଅଙ୍ଗନବାଡି କେନ୍ଦ୍ର-୧୨ର ଅଛି ନଳକୂପ ଅଛି କିନ୍ତୁ ଉକ୍ତ ନଳ କୂପର ଚାନ୍ଦନୀ ନାହିଁ । ଉକ୍ତ କେନ୍ଦ୍ରେର ଶ୍ରେଣୀଗୃହେର ଶିଶୁ ଓ ଗର୍ଭବତୀ ମା' ମାନଙ୍କ ଖାଦ୍ୟ ରଖିବାପାଇଁ ସ୍ୱତନ୍ତ୍ର ଗୃହ ନ ଥିବାରୁ ମୂଷାମାନଙ୍କ ଉପଦ୍ରବ କହିଲେ ନସେର। ଏହି ଅଙ୍ଗନବାଡ଼ି କେନ୍ଦ୍ରର ନିକଟେର ଗ୍ରାମ୍ୟ କଲ୍ୟାଣ ମଣ୍ଡପ ଅଛି କିନ୍ତୁ ଏହାର ଶୌଚାଳୟ ଅବ୍ୟବହାର ନ ହୋଇ ପରିତ୍ୟକ୍ତ ଏବଂ ଉକ୍ତ ଶୌଚାଳୟ ଟ୍ୟାଙ୍କରେ ନିର୍ମାଣ ହେବା ଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଘୋଡ଼ଣି ନ ଥିବାରୁ ଓ ପାନୀୟ ଜଳର ସୁବିଧା ନ ଥିବା ସାଙ୍ଗକୁ ଅବ୍ୟବହୃତ ହୋଇ ପଡ଼ିରହିଛି । ଏହି ମଣ୍ଡପ ନିକଟେର କୁଢ଼କୁଢ଼ ଆବର୍ଜନା । ଏହାର ଅନ୍ୟ ପାର୍ଶ୍ୱେର ଅଛି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। କିନ୍ତୁ ଏହାର ପରିସରେର ଥିବା ନଳକୂପରୁ ଜଳସ୍ତର ନିମ୍ନଗାମୀ ହେବାରୁ ଜଙ୍କଭରା ପାଣି ବାହାରୁଛି । ଏଥିଯୋଗୁଁ କେନ୍ଦ୍ରେର ଗୋଟିଏ କୋଠରୀରେ ଶିଶୁ ଓ ଗର୍ଭବତୀ ମା' ମାନଙ୍କର ଖାଦ୍ୟ ରଖିବାକୁ ସ୍ଥାନର ବ୍ୟବସ୍ଥା ନାହିଁ। ସବୁ ଠାରୁ ଲଜ୍ୟାକର କଥା ହେଲା ଉକ୍ତ କୁନି କୁନି ପିଲାମାନଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ନ ଥିବାରୁ ଭାରି ଅସୁବିଧାରେ ସମ୍ମୁଖୀନ ହେବାର ଦେଖାଯାଇଛି। ଉକ୍ତ ଖବର ପ୍ରସାରଣ ହେବା କେତେ ଦିନ ପେର ଉକ୍ତ ଅଞ୍ଚଳ ବାସିନ୍ଦା ଉକ୍ତ ସମସ୍ତ ସମସ୍ୟାର ସମାଧାନ କେତେ ଦିନେର ହୋଇ ପାରିବ ଉକ୍ତ ଅଞ୍ଚଳେର ବସବାସ କରୁଥିବା ବୁଦ୍ଧିଜୀବି ଜନସାଧାରଣ ଅପେକ୍ଷା କରିଛନ୍ତି । ସେମାନଙ୍କ ମୌଳିକ ସମସ୍ୟା କେତେ ଦିନେର ସମାଧାନ ହେବ ତାହାକୁ ଚାହିଁ ବସିଛନ୍ତି ।

# ନୂଆପଡ଼ା ଜିଲ୍ଲା ଗସ୍ତରେ ରାଜ୍ୟ ସଭାପତି

## ବିଜେଡି ଛାଡ଼ି ବିଜେପିରେ ସାମିଲ ହେଲେ ନୂଆପଡ଼ା ଏନ୍ଏସି ଚେୟାରମ୍ୟାନ ଆଦମ୍ ଖାନ

- ଅଧ୍ୟକ୍ଷଙ୍କ ସମତେ ୮ କାଉନ୍ସିଲର ଓ ଏନ୍ଏସିର ବହୁ ସଦସ୍ୟ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଲେ
- ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ନେତୃବୃନ୍ଦ ଉପସ୍ଥିତ ରହି ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଲେ




ନୂଆପଡ଼ା/ଭୁବନେଶ୍ୱର, ୨୮/୨ (ଜେଏନ୍ଏସ୍) : ବିଜେପି ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ। ଦେଶର ୨୧ ରାଜ୍ୟରେ ବିଜେପି ଏବଂ ଏନ୍ଡିଏ ସରକାର ଅଛି। ସାଂସଦ, ବିଧାୟକଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରତିନିଧି ପର୍ଯ୍ୟନ୍ତ ସବୁଠି ବିଜେପି ଏକ ତରଫା ଭାବେ ଭାରତବର୍ଷରେ ଆଦୃତ ହୋଇଛି। ସଂକଳ୍ପପତ୍ରରେ ବିଜେପି ଯାହା ସବୁ ପ୍ରତିଶ୍ରୁତି ଦେଇଥିଲା ତାହା ସବୁ ପୂରଣ କରିଚାଲିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏଭଳି ଲୋକାଭିମୁଖୀ କାର୍ଯ୍ୟ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢୁଥିବାରୁ ବିଜେପିରେ ଯୋଗଦାନ ବଢ଼ିଚାଲିଛି। ଏହାର ପ୍ରତିଫଳନ ଆଜିର ମିଶ୍ରଣ ପର୍ବରେ ଦେଖିବାକୁ ମିଳିଛି। ଏହି ମିଶ୍ରଣ ଦ୍ୱାରା ନୂଆପଡ଼ା ଜିଲ୍ଲାରେ ବିଜେପି ସଂଗଠନ ଅଧିକ ସୁଦୃଢ଼ ହୋଇପାରିଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ ନୂଆପଡ଼ା ଗସ୍ତରେ ଆସି କହିଛନ୍ତି। ନୂଆପଡ଼ା କାର୍ଯ୍ୟାଳୟରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ନୂଆପଡ଼ା ଏନ୍ଏସି ଚେୟାରମ୍ୟାନ ଆଦମ୍ ଖାନ ବିଜେଡି ଛାଡ଼ି ଆନୁଷ୍ଠାନିକଭାବେ ବିଜେପିରେ ଯୋଗଦେଇଛନ୍ତି। ଏହି ଅବସରରେ କାଉନ୍ସିଲର ଧର୍ମରାଜ ସବାର, ସଂଗୀତା ପରେଖ, ଥାନେଶ୍ୱରୀ ସାହୁ, ଶିବାନନ୍ଦ ପାତ୍ର, ଧନେଶ୍ୱରୀବିମଳ ସାହୁ, ରାନୁ ସାହୁ, ମଳୟ ରଞ୍ଜନ ମଣ୍ଡଳ, ଭଗବତୀ ଦଣ୍ଡସେନା ପ୍ରମୁଖ ବିଜେଡି ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଥିଲେ। ସେହିପରି ନୂଆପଡ଼ା ଏନ୍ଏସି ସଦସ୍ୟ ଗୋପି ସୁନା, ଲଖନ ସାହୁ, ଜଗଦିଶ ସାହୁ, ନରତୋମ ସାହୁ, ଦୁଧନାଥ ସାହୁ, ଭୂଷଣ ସାହୁ, ରାଜେଶ ପଟେଲ, ଗଣେଶ ପଟେଲ, ବବ୍ଲୁ ଖାନ, ଆବସ ଖାନ, ମହେନ୍ଦ୍ର ସାହୁ, ହରପ୍ରସାଦ ମାଝୀ, ମାନ ସିଂ ସାହୁ, ଘନଶ୍ୟାମ ସାହୁ, ନନ୍ଦ କିଶୋର ସାହୁ, ହେମ୍ କୁମାର ସାହୁ, ପ୍ରେମ ମାଝୀ, ପିଥୁଲାଲ ସାହୁ, ଗୋରଖ ନାଥ ସାହୁ, ବିରୁ ମହାନନ୍ଦ, ଟିକୁ ସାହୁ, ସଜନ ବରିହା, ସଞ୍ଜୟ ବାଗ, ଅଶୋକ ମହାରଣା, ଭାକୁଲ ସାହୁ, ବାଲକୁମାର ପଟେଲ, ଦେଓ କୁମାର ପଟେଲ, ସୀମାଲିନୀ ପଣ୍ଡା, ପ୍ରମିଳା ମଣ୍ଡଳ, ସୁନିତା ବର୍ମା, ଗଙ୍ଗା ଦଣ୍ଡ ସେନା, ଜମୁନା ଦଣ୍ଡସେନା, ଲେଶ ବାରିକ, ମନିଷା ରାଉତ, ଉତର ସବାର, ଲୀଳା ଦଣ୍ଡସେନା, ଯବନ୍ତୀ ସାହୁ, ପବନବାଇ ରାଉତ, ଲକ୍ଷ୍ମୀ ସବାର, ବିମଳ ସାହୁ ଏବଂ ଓମ୍କାର ସାହୁ ବିଜେପିରେ ଯୋଗ ଦେଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ପ୍ରଦାନ କରି ଓ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ସାଂସଦ ମାଳବିକା ଦେଓ, ବିଧାୟକ ଜୟ ଢ଼ୋଲକିଆ, ଖରିଆରୋଡ ଏନ୍ଏସ୍ ଚେୟାରମ୍ୟାନ ସୋନିଆ ଜଏନ୍, ନୂଆପଡ଼ା ଜିଲ୍ଲା ସଭାପତି କମଳେଶ ଦିକ୍ଷୀତ, ବରିଷ୍ଠ ନେତା ଅଭିନନ୍ଦନ ପଣ୍ଡା, ପ୍ରସନ୍ନ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶାମୁକ୍ତ ଓଡ଼ିଶା ଅଭିଯାନ'

## କୋରାପୁଟ ଜିଲ୍ଲାରେ ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ବଡ଼ ସଫଳତା – ୨୨୫ କୋଟି ଟଙ୍କା ମୂଲ୍ୟର ହାଶିଶ ତେଲ ଓ ୫ କୋଟି ଟଙ୍କାର ଗଞ୍ଜେଇ ଜବତ



କୋରାପୁଟ, ୨୮/୨(ଜେଏନ୍ଏସ୍) : ଆଜି କୋରାପୁଟ ଜିଲ୍ଲା ପୋଲିସ ନିଶାଦ୍ରବ୍ୟ ବିରୋଧୀ ଅଭିଯାନରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମା ନିକଟସ୍ଥ ପାଡୁଆ ଥାନା ଅଧୀନ ଝୋଲାପୁଟ ଜଙ୍ଗଲ ଅଞ୍ଚଳରେ ଚାଲୁଥିବା ଏକ ଅସ୍ଥାୟୀ ମାନୁଫ୍ୟାକ୍ଚରିଂ ୟୁନିଟ୍ ? ଉପରେ ଚଢ଼ାଉ କରି ୧୮୦ ଲିଟରରୁ ଅଧିକ ହାଶିଶ ତେଲ (ଗଞ୍ଜେଇରୁ ପ୍ରସ୍ତୁତ) ଜବତ କରାଯାଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୨୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଡିଆଇଜି (ଦକ୍ଷିଣାଞ୍ଚଳ)ଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଏସପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ଯୋଜନାବଦ୍ଧ ଚଢ଼ାଉ କରାଯାଇଥିଲା। ଅଭିଯାନ ସମୟରେ ହାଶିଶ ତେଲ ପ୍ରସ୍ତୁତିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଓ ଉପକରଣ ମଧ୍ୟ ଜବତ କରାଯାଇଛି। ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିବା ବେଳେ ସେମାନଙ୍କୁ ଗିରଫ କରିବା ପାଇଁ ଚଢଉ ଜାରି ରହିଛି । ସେହିପରି ଅନ୍ୟ ଏକ ଅଭିଯାନରେ ନନ୍ଦପୁର ଥାନା ପୋଲିସ ୧୧୪୩ କେ.ଜି. ଗଞ୍ଜେଇ ଜବତ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ। ୨ଟି ମହିନ୍ଦ୍ରା ପିକଅପ୍ ଗାଡ଼ିରେ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ଗିରଫ ହୋଇଥିବା ୨ ଜଣ ବ୍ୟକ୍ତି କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ୨ ଜଣ ହରିୟାଣାର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମାମଲାର ତଦନ୍ତ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶା ପୋଲିସ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଚାଲିଥିବା ଗଞ୍ଜେଇ ଚାଷ ଓ ମାଦକଦ୍ରବ୍ୟ କାରବାରକୁ ରୋକିବା ପାଇଁ ସ୍ୱତନ୍ତ୍ର ଓ ସଂଗଠିତ ଅଭିଯାନ ଜାରି ରଖିଛି। ଏହି ଅଭିଯାନର ଫଳସ୍ୱରୂପ ଅପରାଧୀମାନେ ତାଙ୍କର କାର୍ଯ୍ୟ ପ୍ରଣାଳୀରେ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରୁଛନ୍ତି। ଗଞ୍ଜେଇ ପରିମାଣରେ ବହୁଳ ଓ ଆୟତନରେ ବଡ଼ ହେତୁ ଏହାର ପରିବହନ କଷ୍ଟସାଧ୍ୟ ହେବା ସହିତ ସହଜରେ ଧରାପଡ଼ିବାର ସମ୍ଭାବନା ବେଶି ରହେ। ଏହାର ପ୍ରଭାବରେ ଅପରାଧୀମାନେ ଗଞ୍ଜେଇରୁ ହାଶିଶ ତେଲ ପ୍ରସ୍ତୁତ କରି ସ୍ୱଳ୍ପ ପରିମାଣରେ ଉଚ୍ଚ ମୂଲ୍ୟର ମାଦକଦ୍ରବ୍ୟ ପରିବହନ କରିବା ପରି ନୂତନ କୌଶଳ ଆପଣାଇବାକୁ ଚେଷ୍ଟା କରୁଛନ୍ତି। ୧ ଲିଟର ହାଶିଶ ତେଲର ବଜାର ମୂଲ୍ୟ ପ୍ରାୟ ୧ କେଜି ଗଞ୍ଜେଇ ମୂଲ୍ୟଠାରୁ ପ୍ରାୟ ୨୫ ଗୁଣ ଅଧିକ ଥିବାରୁ ଅପରାଧୀମାନେ ଅଧିକ ଟଙ୍କା ରୋଜଗାର କରିବା ଆଶାରେ ଏହା ପ୍ରସ୍ତୁତ କରୁଛନ୍ତି । ସୂଚନାଯୋଗ୍ୟ ଯେ, ପୂର୍ବରୁ ଚିତ୍ରକୋଣ୍ଡା ଥାନା କେଶ ନମ୍ବର ୨୧୩/୨୫ ଅନୁଯାୟୀ ୬୦ କେଜି ହାଶିଶ ତେଲ ଜବତ କରାଯିବା ସହ ଘଟଣାରେ ସମ୍ପୃକ୍ତ ଥିବା ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସେହିପରି ଚିତ୍ରକୋଣ୍ଡା ଥାନା କେଶ ନମ୍ବର ୪୦/୨୬ ଅନୁଯାୟୀ ୨ କେଜି ହାଶିଶ ତେଲ ଜବତ କରାଯାଇ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।

# ଅପରେସନ ସାଇବର କବଚ : ୧୧,୧୫୫ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ, ୨୩୮ ଜଣ ଅଭିଯୁକ୍ତ ଗିରଫ

ଯାଜପୁର, ୨୮/୨(ଜେଏନ୍ଏସ୍) : 'ଅପରେସନ ସାଇବର କବଚ'ରେ ରାଜ୍ୟରେ ୧୧ ହଜାର୧୫୫ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ୪୮୦ଟି ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ସାଇବର ମାମଲା, ଏଟିଏମ୍ ଟଙ୍କା ଉଠାଣ ସମ୍ପର୍କିତ ୧୧ଟି, ଚେକ୍ ଟଙ୍କା ଉଠାଣ ସମ୍ପର୍କିତ ୧୮ଟି ଏବଂ ୯ଟି ନକଲି ସିମ୍/ ପିଓଏସ ସମ୍ପର୍କିତ ମାମଲା ରୁଜୁ କରାଯାଇଛି। ସାଇବର ଅପରାଧ ଉପରେ ଲଗାମ ଲଗାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ବିଶେଷ ଅଭିଯାନ 'ଅପରେସନ ସାଇବର କବଚ' ସମଗ୍ର ରାଜ୍ୟରେ ଜାରି ରହିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଏସ୍ପି ଓ ଡିସିପିମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର କ୍ରାଇମ୍ ୟୁନିଟ୍ମାନଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ଅଭିଯାନ ଅଧୀନରେ ସାଇବର ଠକେଇରେ ବ୍ୟବହୃତ ମ୍ୟୁଲ୍ (ବେନାମୀ) ବ୍ୟାଙ୍କ ଆକାଉଣ୍ଟ ଏବଂ ଏଥିରେ ସମ୍ପୃକ୍ତ ସହାୟକମାନଙ୍କୁ ଚିହ୍ନଟ କରାଯାଇ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏପର୍ଯ୍ୟନ୍ତ 'ଅପରେସନ ସାଇବର କବଚ'ରେ ସମଗ୍ର ରାଜ୍ୟରେ ମୋଟ ୧୧ ହଜାର୧୫୫ଟି ମ୍ୟୁଲ୍ ବା ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଥିବା ବେଳେ ୪୮୦ଟି ମ୍ୟୁଲ୍ ବ୍ୟାଙ୍କ ସମ୍ପର୍କିତ ସାଇବର ମାମଲା, ଏଟିଏମ୍ ଟଙ୍କା ଉଠାଣ ସମ୍ପର୍କିତ ୧୧ଟି, ଚେକ୍ ଟଙ୍କା ଉଠାଣ ସମ୍ପର୍କିତ ୧୮ଟି ଏବଂ ୯ଟି ନକଲି ସିମ୍/ ପିଓଏସ ସମ୍ପର୍କିତ ମାମଲା ରୁଜୁ କରାଯାଇଛି। ଏହା ସହ ୨୩୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ନୂଆ ଓ ପୁରୁଣା ୧୨୧ଟି ଏଫଆଇଆର ସହ ସଂପୃକ୍ତ ୩୦୫୯ ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି। ଏହି ଅଭିଯାନରେ କଟକ ଜିଲ୍ଲା ପୁଲିସ ୫୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରିଥିବା ବେଳେ ୧୦ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି। ସେହିପରି ଜଗତସିଂହପୁର ଜିଲ୍ଲା ପୁଲିସ ୧୦୭ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମାମଲା ରୁଜୁ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୧୦ଜଣଙ୍କୁ ନୋଟିସ୍ ଜାରି କରିଛି।

ଯାଜପୁର ଜିଲ୍ଲା ପୁଲିସ ୫୮ଟି, କେନ୍ଦ୍ରାପଡ଼ା ୧୭୫, ଖୋର୍ଦ୍ଧା ୧୧୮, ପୁରୀ ୪୪, ବଲାଙ୍ଗିର ୩୪, ଝାରସୁଗୁଡ଼ା ୧୮୮, ସୁବର୍ଣ୍ଣପୁର ୬, କେନ୍ଦୁଝର ୫୨, ରାଉରକେଲା ୧୩୦, ସୁନ୍ଦରଗଡ଼ ୧୫, ବାଲେଶ୍ୱର ୩୧୦, କଟକ (ଟଟଉ) ୨, ଗଞ୍ଜାମ ୮୫, କନ୍ଧମାଳ ୧୧, ଦେବଗଡ଼ ୧୦୫, ନୂଆପଡ଼ା ୨୨ ଓ ରାୟଗଡ଼ା ଗୋଟିଏ ବେନାମୀ ଆକାଉଣ୍ଟ ଯାଞ୍ଚ କରି ସମ୍ପୃକ୍ତ ମାମଲା ରୁଜୁ, ଗିରଫ ଓ ଆଇନଗତ ନୋଟିସ୍ ଜାରି କରିଛନ୍ତି। ସେହିପରି ନୟାଗଡ଼, ସମ୍ବଲପୁର, ଭଦ୍ରକ, ମୟୂରଭଞ୍ଜ, ବ୍ରହ୍ମପୁର, ବୌଦ୍ଧ, ଢେଙ୍କାନାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲା ପୁଲିସ ପୁରୁଣା ଏଫ୍.ଆଇ.ଆର ସହ ସଂପୃକ୍ତ ବେନାମୀ ଆକାଉଣ୍ଟ ଯାଞ୍ଚ କରି ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରିଛନ୍ତି।

## ୧୨ଟି ଉଚ୍ଚ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ୧.୭୩ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର, ୨୮/୨(ଜେଏନ୍ଏସ୍) : ଆମ ଗୌରବ ଆମ କଲେଜ ଯୋଜନା ଅଧୀନରେ ରାଜ୍ୟରେ ଗୋଟିଏ ବିଶ୍ୱ ବିଦ୍ୟାଳୟ ଏବଂ ୧୧ଟି ମହାବିଦ୍ୟାଳୟର ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ୧.୭୩ କୋଟି ଟଙ୍କା ମଞ୍ଜୁର କରାଯାଇଛି।

ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଏବଂ ଶୈକ୍ଷିକ ପ୍ରକଳ୍ପର ବିକାଶ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯିବ। ଶିକ୍ଷାନୁଷ୍ଠାନର ସାମଗ୍ରିକ ବିକାଶ ସହ ପାଠାଗାର, ଲାବୋରେଟୋରୀ, କ୍ରୀଡ଼ା ଓ ଆକାଡେମିକ କମ୍ପ୍ଲେକ୍ସ ନିର୍ମାଣ, ୱାଇଫାଇ ସୁବିଧା ଉପଲବ୍ଧ କରାଇବା, ସିସିଟିଭି କ୍ୟାମେରା ଲଗାଇବା ଆଦି କାର୍ଯ୍ୟରେ ଏହି ଅର୍ଥକୁ ଖର୍ଚ୍ଚ କରାଯିବ।

# କୋଲକାତାରେ ଭୂକମ୍ପ : ଘର ଛାଡ଼ି ଦୌଡ଼ିଲେ ଲୋକେ

କୋଲକାତା, ୨୮/୨: ଭୂକମ୍ପ ଝଟକା ଅନୁଭବ କରିବା ମାତ୍ରେ ଲୋକମାନେ ଘରୁ ବାହାରକୁ ଚାଲି ଯାଇଥିଲେ। ଅଫିସଗୁଡ଼ିକରୁ କର୍ମଚାରୀମାନେ ବାହାରି ଯାଇଥିଲେ। ସେହିଭଳି ଶ୍ରେଣୀ ଗୃହରୁ ଛାତ୍ରଛାତ୍ରୀ ବାହାରକୁ ଚାଲି ଯାଇଥିଲେ। କୋଲକାତାରେ ଶୁକ୍ରବାର ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୪.୯ ରହିଥିଲା। ଏହି ଭୂକମ୍ପର କେନ୍ଦ୍ରସ୍ଥଳ କୋଲକତା ସହର ଠାରୁ ପ୍ରାୟ ୮୦ କିଲୋମିଟର ଦୂରରେ ଥିଲା ବୋଲି ଜଣାପଡ଼ିଛି। କୋଲାକାତା ସହିତ ଏହାର ଆଖପାଖ କିଛି ଅଞ୍ଚଳରେ ମଧ୍ୟ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ପ୍ରଥମେ ବାଂଲାଦେଶରେ ଭୂକମ୍ପ ଝଟକା ଅନୁଭବ ହୋଇଥିଲା। ତା'ପରେ କୋଲକାତାରେ ହୋଇଥିଲା ବୋଲି ସୂଚନା ମିଳିଛି। ବାଂଲାଦେଶରେ ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୪ ଥିଲା ବୋଲି ଜଣାପଡ଼ିଛି। କୋଲକାତାରେ ଭୂକମ୍ପ ଝଟକା ଅନୁଭବ କରିବା ମାତ୍ରେ ଲୋକମାନେ ଘରୁ ବାହାରକୁ ଚାଲି ଯାଇଥିଲେ। ଅଫିସଗୁଡ଼ିକରୁ କର୍ମଚାରୀମାନେ ବାହାରି ଯାଇଥିଲେ। ସେହିଭଳି ଶ୍ରେଣୀ ଗୃହରୁ ଛାତ୍ରଛାତ୍ରୀ ବାହାରକୁ ଚାଲି ଯାଇଥିଲେ। ମାତ୍ର କିଛି ସେକେଣ୍ଡ ପାଇଁ କୋଲକାତାରେ ଭୂକମ୍ପ ଅନୁଭୂତ ହୋଇଥିଲା। ସହରର ଅନେକ ସ୍ଥାନରେ ଲୋକେ ଆପାର୍ଟମେଣ୍ଟ ଗୁଡ଼ିକରୁ ବାହାରି ଖୋଲା ସ୍ଥାନରେ ଜମା ହୋଇଥିବା ଦେଖିବାକୁ ମିଳିଥିଲା। ଏମିତିକି ଏକ ଜନସଭାକୁ ସମ୍ବୋଧିତ କରୁଥିବା କେନ୍ଦ୍ର ମନ୍ତ୍ରୀ ସୁକାନ୍ତ ମଜୁମଦାର ଭୂକମ୍ପ ଝଟକା ଅନୁଭବ କରି କ୍ଷଣିକ ପାଇଁ ଅଟକି ଯାଇଥିଲେ। ଭୂକମ୍ପ ପ୍ରଭାବରେ ଫ୍ୟାନ ଗୁଡ଼ିକ ହଲିଥିଲା। ଘରେ ଥିବା ଆସବାବପତ୍ରଗୁଡ଼ିକ ମଧ୍ୟ ଦୋହଲିଥିଲା ବୋଲି କେହି କେହି କହିଛନ୍ତି। ଭୂକମ୍ପ ନେଇ ଅନେକ ଲୋକ ନିଜ ନିଜ ଅନୁଭୂତିକୁ ସୋଶାଲ ମିଡ଼ିଆରେ ପୋଷ୍ଟ କରିଛନ୍ତି। ତେବେ ଖବର ଲେଖାଯିବା ବେଳକୁ କ୍ଷୟକ୍ଷତି ନେଇ କୌଣସି ସୂଚନା ଆସିନାହିଁ।

## ଏସଆଇଆର ପରେ ତାମିଲନାଡୁ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ: ୯୭ଲକ୍ଷରୁ ଅଧିକ ନାମ ବାଦ

ତାମିଲନାଡୁ, ୨୮/୨ : ତାମିଲନାଡୁରେ ହୋଇଥିବା ଏସଆଇଆର ପରେ ନିର୍ବାଚନ କମିଶନ ସୋମବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ଏସଆଇଆରରେ ବହୁ ସଂଖ୍ୟକ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି। ତାମିଲନାଡୁର ମୁଖ୍ୟ ନିର୍ବାଚନ ଅଧିକାରୀ ଅର୍ଚ୍ଚନା ପଟ୍ଟନାୟକ କହିଛନ୍ତି ଯେ ଏସଆଇଆର ପରେ ଭୋଟର ତାଲିକାରୁ ୯,୭୩୭,୮୩୧ ନାମ ବାଦ୍ ଦିଆଯାଇଛି। ଏହି ବାଦ୍ ସହିତ, ତାମିଲନାଡୁରେ ମୋଟ ଭୋଟରଙ୍କ ସଂଖ୍ୟା ବର୍ତ୍ତମାନ ୫୪.୩ କୋଟି। ନିର୍ବାଚନ ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ବାଦ୍ ଦିଆଯାଇଥିବା ନାମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ମୃତ ଭୋଟରଙ୍କ ନାମ। ବିଭିନ୍ନ କାରଣରୁ ବାଦ୍ ଦିଆଯାଇଥିବା ୬.୬ ନିୟୁତ ନାମ ମଧ୍ୟରୁ ଯୋଗ୍ୟ ଭୋଟରମାନେ ଫର୍ମ ୬ ମାଧ୍ୟମରେ ପୁନଃ ଆବେଦନ କରିବାର ସୁଯୋଗ ପାଇବେ। ୧,୨୪୩,୩୬୩ ଜଣଙ୍କୁ ମଧ୍ୟ ନୋଟିସ୍ ଜାରି କରାଯାଇଥିଲା। ଯେଉଁମାନଙ୍କ ନାମରେ ତ୍ରୁଟି ଅଛି ସେମାନଙ୍କୁ ଭୋଟର ତାଲିକାରେ ସେମାନଙ୍କ ନାମ ବଜାୟ ରଖିବା ପାଇଁ ନିର୍ଦ୍ଧାରିତ ସମୟ ମଧ୍ୟରେ ଡକ୍ୟୁମେଣ୍ଟ ଏବଂ ସ୍ୱ-ଘୋଷଣା ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ପ୍ରେମ ପାଇଁ ମା' ଓ ଭାଇର ପ୍ରାଣ ଗଲା, ୫ ଗିରଫ



**କୋରାପୁଟ, ୨୮/୨ (ଶରତ ନାୟକ) :** କୋରାପୁଟ ଜିଲ୍ଲାର ବୋରିଗୁମ୍ମା ଅଞ୍ଚଳରେ ଘଟିଛି ଏକ ଅଭାବନୀୟ ଘଟଣା। ପ୍ରେମରେ ପାଗଳି ହୋଇ ପ୍ରେମିକ ସହିତ ମିଶି ମା' ଓ ନାବାଳକ ଭାଇର ପ୍ରାଣ ନସ କରିଛି ଜଣେ ଯୁବତୀ। ଯାହା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି । ସପ୍ତାହକ ପରେ ପ୍ରେସ୍ମିଟ୍ କରି ସମସ୍ତ ଘଟଣା ଉପରୁ ପର୍ଦ୍ଦା ଫାସ କରିଛନ୍ତି କୋରାପୁଟ ଏସ୍ପି ରୋହିତ ବର୍ମା । ଉକ୍ତ ହତ୍ୟା କାଣ୍ଡ ଘଟଣା ନାବାଳିକାଙ୍କ ସହିତ ପ୍ରେମିକ ଓ ଅନ୍ୟ ୩ଜଣଙ୍କ ଦ୍ୱାରା ଘଟାଯାଇଥିଲା। ପୋଲିସ ଏହି ଘଟଣାରେ ୫ ଜଣଙ୍କୁ ଗିରଫ କରି ତାଙ୍କ ନିକଟରୁ ମାରଣାସ୍ତ୍ର ଓ ଏକ ସ୍କୁଟର ଜବତ କରିଛି । ତେବେ ନାବାଳିକାକୁ ସୁଧାର ଗୃହକୁ ପଠାଯାଇ ଥିବା ବେଳେ ପ୍ରେମିକା ସହିତ ୪ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି । ଏସପିଙ୍କ କହିବା ଅନୁଯାୟୀ ଗତ ୧୮ ତାରିଖ ରାତିରେ ପ୍ରେମିକ ଓ ତା'ର ୩ ସହଯୋଗୀ ଉଭୟ ମା ଓ ନାବାଳକ ଭାଇକୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ହତ୍ୟା କରିବା ପରେ ଦୁଇଟି ମୃତଦେହକୁ ନେଇ ଏକ କେନାଲରେ ଫିଙ୍ଗି ଦେଇଥିଲେ । ସୂଚନାଯୋଗ୍ୟ ସମ୍ପୃକ୍ତା ନାବାଳିକା ଜଣଙ୍କ ଗତ ୨୦ରେ ବୋରିଗୁମ୍ମା ଥାନାରେ ଅଭିଯୋଗ କରିଥିଲେ କି ତାଙ୍କ ମାଆ ଓ ଭାଇ ନିଖୋଜ ହୋଇଯାଇଛନ୍ତି ବୋଲି । ଏନେଇ ଏକ ମାମଲା ରୁଜୁ କରି ପୋଲିସ ଖୋଜାଖୋଜି କରିଥିଲା। ମା' ଓ ଭାଇ ନିଖୋଜ ଥିବାବେଳେ ମୋବାଇଲ ଫୋନ ଝିଅ ପାଖରେ ଥିବା ଦେଖି ତାଙ୍କ ମାମୁଁଙ୍କର ସନ୍ଦେହ ହେବାରୁ ସେ ସମସ୍ତ ବିଷୟରେ ପୁଲିସ କହିଥିଲେ। ତଦନ୍ତ ପରେ ପୋଲିସ ନିକଟରେ କହିଥିଲେ। ପୋଲିସ ସବୁକଥା ଶୁଣିବା ପରେ ଅଧିକ ତଦନ୍ତ କରି ହତ୍ୟା କାଣ୍ଡ ଘଟଣା ଉପରୁ ପର୍ଦ୍ଦା ଫାସ କରିବା ସହିତ ୫ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଛି ବୋଲି ରୋହିତ ଏସପି ଶ୍ରୀ ବର୍ମା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଦାସିରି ସାହିର ପି. ଆଦି ନାରାୟଣ ରାଓ ୨୧ ବର୍ଷ, ପ୍ରିତ ନାୟକ ୧୯ ବର୍ଷ, ବିଜାପୁର ଗ୍ରାମର ଆଦି ନାରାୟଣ ପାଣିଗ୍ରାହୀ ୧୯ ବର୍ଷ ଏବଂ କମତାର ଜଗନ୍ନାଥ ଯାନୀ ୨୦ ବର୍ଷ। ସେହିପରି ନାବାଳିକା କୁ ବାଳ ସୁଧାର ଗୃହକୁ ପଠାଯାଇଛି। ସୂଚନା ଅନୁଯାୟୀ ୧୮ ତାରିଖରେ ମା' ଓ ପୁଅ ଶୋଇଥିଲେ। ରାତି ପ୍ରାୟ ୧୧ ଟାରେ ନାବାଳିକା ର ପ୍ରେମିକ ପି. ଆଦି ନାରାୟଣ ଏବଂ ଅନ୍ୟ ତିନିଜଣ ମିଶି ମା' ଅନୁଷ୍କା ଙ୍କ ତଣ୍ଟି କାଟି ହତ୍ୟା କରିଥିଲେ। ଏହି ଘଟଣାକୁ ପୁଅ ଏହେମ ଦେଖିଦେବାରୁ କାଳେ ଘଟଣା କୁ ପ୍ରଘଟ କରିଦେବ ସେହି ଆଶଙ୍କାରେ ତାକୁ ମଧ୍ୟ ରାସ୍ତାରୁ ହଟାଇ ଦେଇଥିଲେ। ପରେ ଦୁଇ ଥରରେ ମା' ଓ ପୁଅ ଙ୍କ ମର ଶରୀର କୁ ନେଇ ଜୟନ୍ତଗିରି କେନାଲରେ ଫିଙ୍ଗି ଦେଇଥିଲେ। ସୋମବାର ଦିନ କୋଟପାଡ଼ ଥାନା ଅଧୀନ କେନାଲରୁ ଏହେମ ଙ୍କ ମୃତ ଦେହ ଏକ ଅଖାରୁ ମିଳିଥିଲା ବେଳେ ମହିଳା ଙ୍କ ମୃତ ଦେହ ଜୟନ୍ତ ଗିରି କେନାଲରୁ ମଙ୍ଗଳବାର ମିଳିଥିଲା। ଏନେଇ ଏକ ହତ୍ୟା ମାମଲା ରୁଜୁ କରାଯିବା ସହିତ ସମସ୍ତ ୫ ଜଣ ଙ୍କୁ ଗିରଫ କରାଯାଇଛି। ତେବେ ପ୍ରେମ ପାଇଁ ନିଜ ଜନ୍ମଦାତ୍ରୀ ମା' ସହିତ ରକ୍ତର ଭାଇକୁ ହତ୍ୟା କରିବା ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଆଦି ନାରାୟଣ ସହିତ ପ୍ରେମ ସମ୍ପର୍କ ଥିଲା ଯାହା କୁ ମା' ଓ ଭାଇ ବିରୋଧ କରୁଥିଲେ ଏପରିକି ଏହି ଘଟଣା କୁ ନେଇ ମା' ଥାନାର ଦ୍ୱାରସ୍ଥ ହୋଇଥିବା ବେଳେ ତା'ର ସମାଧାନ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଉଭୟ ଙ୍କ ମଧ୍ୟରେ ପୂର୍ବ ପରି ପୁଣି ପ୍ରେମ ସମ୍ପର୍କ ଚାଲିଥିଲା।

# ଯାଜପୁର ଜିଲ୍ଲା ବୈରୀସ୍ଥିତ ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ୫୪ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଉଦ୍‌ଘାଟିତ

**ଯାଜପୁର, ୨୮/୨(ଜେଏନ୍ଏସ୍) :** ଆଜି ପୂର୍ବାହ୍ନରେ ପୋଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନ , ବୈରୀ ପରିସରରେ ଓଡ଼ିଶା ପୋଲିସର ୫୪ତମ ରାଜ୍ୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତା ଅନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ନିର୍ଦ୍ଦେଶକ, ଗୁଇନ୍ଦା,ଶ୍ରୀ ଆର. ପି. କୋଚେ ଯୋଗଦେଇ ଆକର୍ଷଣୀୟ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରୀ କୋଚେ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ବନ୍ଧୁକ ଚାଳନା ଦକ୍ଷତା ବୃଦ୍ଧି କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ପ୍ରତିଟି ପ୍ରତିଯୋଗୀ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଜାତୀୟ ସ୍ତରରେ ଓଡ଼ିଶା ପୋଲିସର ଏକ ସ୍ୱତନ୍ତ୍ର ସୁନାମ ଓ ପରିଚୟ ରହିଛି, ଏହାକୁ ବଜାୟ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏହାସହ କ୍ରୀଡ଼ା ଅନୁଶାସନ, ଖେଳୁଆଡ ମନୋଭାବ ଏବଂ ଦୃଢ଼ ଆତ୍ମବିଶ୍ୱାସ ସହିତ ଏହି ପ୍ରତିଯୋଗିତାକୁ ସଫଳ କରିବା ପାଇଁ ସେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।ଏହି ଚମ୍ପିୟାନସିପରେ ରାଜ୍ୟର ବିଭିନ୍ନ ରେଞ୍ଜ ଓ ବାଟାଲିୟନରୁ ୧୬ଟି ପୋଲିସ ଟିମ୍ ଅଂଶଗ୍ରହଣ କରିଛନ୍ତି। ଏଥିରେ ୨୬୫ ଜଣ ପୁରୁଷ ଓ ୪ ଜଣ ମହିଳାଙ୍କୁ ମିଶାଇ ସମୁଦାୟ ୨୬୯ ଜଣ ଖେଳାଳି ସାମିଲ ହୋଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଚମ୍ପିୟାନସିପର ଉଦଘାଟନୀ ସମାରୋହରେ ଆଇଜିପି (ଏସଏପି) ଗଜଭିୟେ ସତୀଶ କୁମାର, କମାଣ୍ଡାଣ୍ଟ ପିଟିଆଇ, ବୈରୀ ଅଶୋକ କୁମାର ଦେହୁରୀ, କମାଣ୍ଡାଣ୍ଟ ଷଷ୍ଠ ଓଏସଏପି, କଟକ, ସୂର୍ଯ୍ୟନାରାୟଣ ମଲ୍ଲିକ, ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳ ମାଧବ ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

ଜନବାର୍ତ୍ତା
• ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର •
(JANABARTTA SWABHIMANI ODIANKA SWARA)

# ସମ୍ପାଦକୀୟ

## ରଙ୍ଗର ପର୍ବ ହୋଲି

ରଙ୍ଗର ପର୍ବ ହୋଲି ଆସିବାକୁ ଯାଉଛି । ଯାହାକୁ ନେଇ ସମସ୍ତେ ଉତ୍ସାହିତ ଅଛନ୍ତି । ଏହି ଦିନ ଘରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ । ହୋଲି କେବଳ ରଙ୍ଗ ସହିତ ଖେଳିବାର ପର୍ବ ନୁହେଁ । ଏହା ସହିତ ଅନେକ ପୌରାଣିକ କାହାଣୀ ମଧ୍ୟ ଜଡିତ ହୋଇ ରହିଛି । ଯାହା ପୂର୍ବ ପିଢ଼ିଙ୍କଠାରୁ ଆମେ ପ୍ରାୟତଃ ଜାଣିଛୁ । ହୋଲି ପର୍ବ ମୁଖ୍ୟତ ରଙ୍ଗର ପର୍ବ ଏବଂ ହିନ୍ଦୁ ଧର୍ମରେ ଏହି ଦିନର ବିଶେଷ ମହତ୍ତ୍ୱ ରହିଛି। ଭାରତରେ ହୋଲି ଦୁଇ ଦିନ ପାଇଁ ପାଳନ କରାଯାଏ, ଯେଉଁଥିରେ ହୋଲିକା ଦାହାନ୍ ପ୍ରଥମ ଦିନରେ ପାଳନ କରାଯାଏ ଯାହା ଛୋଟି ହୋଲି ଭାବରେ ମଧ୍ୟ ଜଣାଶୁଣା ଏବଂ ଦ୍ୱିତୀୟ ଦିନରେ ରଙ୍ଗର ପର୍ବ, ଯେଉଁଥିରେ ଲୋକମାନେ ଏକତ୍ର ହୋଇ ରଙ୍ଗ ଖେଳନ୍ତି ଏବଂ ଏହିଦିନର ଆନନ୍ଦ ଲାଭ କରନ୍ତି। ବହୁ ପୂର୍ବରୁ ହୋଲି କେବଳ ହିନ୍ଦୁ ଧର୍ମର ଏକ ପର୍ବ ଥିଲା କିନ୍ତୁ ବର୍ତ୍ତମାନ ଏହା ସମଗ୍ର ବିଶ୍ୱରେ ଏକ ପର୍ବ ପରି ପାଳନ କରାଯାଏ। ଏପରି ଅନେକ କାହାଣୀ ଅଛି ଯାହା ହୋଲିର ଉତ୍ପତ୍ତି ବିଷୟରେ ପୂର୍ବାନୁମାନ କରେ ଏବଂ ପୁରାଣଗୁଡ଼ିକ କାହାଣୀକୁ ବର୍ଣ୍ଣନା କରେ ଯାହା ମାନବଜାତିକୁ ଅଧିକ ରଙ୍ଗୀନ କରିବା ବିଷୟରେ କହିଥାଏ। ଭାରତର ଅନ୍ୟତମ ପ୍ରାଚୀନ ପର୍ବ ମଧ୍ୟରୁ ହୋଲି ଏକ ଉତ୍ସାହ ପର୍ବ ଭାବେ ଜଣାଶୁଣା।

ହୋଲି ହେଉଛି ସେହି ଦିନ ଯେତେବେଳେ ହୋଲିକା, ଯିଏ ଅଗ୍ନିରେ ଭାଙ୍ଗି ନ ଥିବାରୁ ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ, ପ୍ରହ୍ଲାଦ ତାଙ୍କ କୋଳରେ ବସି ନିଆଁ ଭିତରକୁ ପ୍ରବେଶ କରିଥିଲେ। ସେହି ସମୟରେ ପ୍ରଭୁ ବିଷ୍ଣୁ ପ୍ରହ୍ଲାଦଙ୍କୁ ସାହାଯ୍ୟ କରିବାକୁ ଆସିଥିଲେ ଏବଂ ଫଳସ୍ୱରୂପ, ହୋଲି ନିଆଁରେ ଜଳି ଯାଇଥିଲେ ଏବଂ ପ୍ରହ୍ଲାଦଙ୍କର କୌଣସି କ୍ଷତି ହୋଇ ନଥିଲା। ପୁରାଣ ଗୁଡିକରେ ପ୍ରକୃତ ଘଟଣାଗୁଡ଼ିକର କାହାଣୀ ଯାହାକି ଆମ ପୂର୍ବଜଙ୍କ ସହିତ ଘଟିଥିଲା ଯେଉଁମାନେ ଅନେକ ହଜାର ବର୍ଷ ପୂର୍ବେ ପୃଥିବୀରେ ବାସ କରିଥିଲେ। ସେଥିପାଇଁ ହୋଲିର ଇତିହାସ ପୁରାଣ ସହିତ ମଧ୍ୟ ଜଡିତ।

ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ଖୁବ ଧୁମଧାମରେ ହୋଲି ପାଳନ କରାଯାଇଥାଏ। ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଦୋଳ ପୂର୍ଣ୍ଣିମା ଏକ ଲୋକପ୍ରିୟ ପର୍ବ। ଏହି ପର୍ବରେ ପ୍ରଭୁ ଜଗନ୍ନାଥଙ୍କୁ ଦୋଳଗୋବିନ୍ଦଙ୍କ ନାମରେ ପୂଜା କରାଯାଏ। ଏହି ପର୍ବରେ ରାଧାକୃଷ୍ଣଙ୍କୁ ଏକ ମଣ୍ଡପ ଉପରକୁ ନିଆଯାଇଥାଏ । ସେଠାରେ ଝୁଲଣ ଉପରେ ଠାକୁରଙ୍କୁ ରଖି ପୂଜା କରାଯିବା ସହ ତାଙ୍କୁ ଅବିର ରଙ୍ଗ ଲଗାଯାଇ ଝୁଲଣରେ ଝୁଲା ଯାଇଥାଏ । ସାଧାରଣତଃ ଏହି ଯାତ୍ରା ୫ଦିନ ଧରି ଚାଲିଥାଏ । ତେବେ କେତେକ ସ୍ଥାନରେ ଏହା ଫାଲଗୁନ ମାସର ପୂର୍ଣ୍ଣମା ଦିନ ଆରମ୍ଭ ହୋଇ ପାଞ୍ଚଦିନ ପର୍ଯ୍ୟନ୍ତ ଚାଲିଥାଏ ତ କେଉଁ କେଉଁ ସ୍ଥାନରେ ପୂର୍ଣ୍ଣିମା ଦିନକୁ ପର୍ବର ଶେଷ ଦିବସ ରୂପେ ରଜଦୋଳ ନାମରେ ନାମିତ ହୋଇଥାଏ। ଦୋଳ ପୂର୍ଣ୍ଣିମାର ଠିକ ପର ଦିନ ହୋଲି ପର୍ବ ପାଳନ ହୋଇଥାଏ । ଭାରତରେ ହୋଲିକା ଦହନର କାହାଣୀ ଅନୁଯାୟୀ, ପ୍ରାଚୀନ କାଳରେ ଜଣେ ରାଜା ଥିଲେ ଯାହାର ନାମ ହିରଣ୍ୟକଶ୍ୟପ ଥିଲା। ତାଙ୍କ ପୁଅ ପ୍ରହ୍ଲାଦ ଭଗବାନ ବିଷ୍ଣୁଙ୍କର ଜଣେ ଭକ୍ତ ଥିଲେ ଏବଂ ବିଷ୍ଣୁଙ୍କ ଭକ୍ତିରେ ସେ ସର୍ବଦା ବ୍ୟସ୍ତ ରହୁଥିଲେ। ହିରଣ୍ୟକଶ୍ୟପ ଏହି ଜିନିଷକୁ ପସନ୍ଦ କରୁନଥିଲେ, ତେଣୁ ସେ ପ୍ରହ୍ଲାଦଙ୍କୁ ଅନେକ ଉପାୟରେ ହତ୍ୟା କରିବାକୁ ଚେଷ୍ଟା କରିଥିଲେ। ଶେଷରେ, ସେ ତାଙ୍କ ଭଉଣୀ ହୋଲିକାଙ୍କୁ ପ୍ରହ୍ଲାଦଙ୍କ ସହ ନିଆଁରେ ପ୍ରବେଶ କରିବାକୁ କହିଥିଲେ, ଫଳସ୍ୱରୂପ ହୋଲିକାଙ୍କୁ ପୋଡି ଦିଆଯାଇଥିଲା ଏବଂ ଭକ୍ତ ପ୍ରହ୍ଲାଦ ଉଦ୍ଧାର ହୋଇଥିଲେ। ଏହା ପରେ, ହିରଣ୍ୟକଶ୍ୟପଙ୍କ ନିଷ୍ଠୁରତାକୁ ଶେଷ କରିବା ପାଇଁ ଭଗବାନ ବିଷ୍ଣୁ ନରସିଂହଙ୍କ ଅବତାର ଧାରଣ କରି ହିରଣ୍ୟକଶ୍ୟପଙ୍କୁ ବଦ୍ଧ କରିଥିଲେ। ସେବେଠାରୁ ହୋଲିକା ଦହନର ପରମ୍ପରା ଆରମ୍ଭ ହୋଇଛି ଏବଂ ହୋଲିକାର ନିଆଁରେ ଦୁଷ୍କର୍ମର ଅନ୍ତ ଘଟିବା ପରେ ପରଦିନ ସୁଖ ପାଳନ କରିବା ପାଇଁ ରଙ୍ଗ ଖେଳିବାର ଅଭ୍ୟାସ ଆରମ୍ଭ ହୋଇଥିଲା ।

ହୋଲିର ପର୍ବ ମୁଖ୍ୟତଃ ବସନ୍ତ ଋତୁ ଅର୍ଥାତ୍ ବସନ୍ତ ଅମଳ ସମୟରେ ପାଳନ କରାଯାଏ ଯାହା ଶୀତର ଶେଷକୁ ମଧ୍ୟ ଚିହ୍ନିତ କରିଥାଏ ଏବଂ ହିନ୍ଦୁ କ୍ୟାଲେଣ୍ଡର ଅନୁସାରେ, ଏହା ଫାଲଗୁନ ମାସରେ ପାଳନ କରାଯାଏ । ଏହି ପର୍ବ ଫାଲଗୁନ୍ ପୂର୍ଣ୍ଣିମା ତିଥିର ସନ୍ଧ୍ୟା ଠାରୁ ଆରମ୍ଭ ହୁଏ ଏବଂ ଦୁଇ ଦିନ ପାଇଁ ପାଳନ କରାଯାଏ । ହୋଲି ରଙ୍ଗ ହସର ପର୍ବ ଅଟେ । ଏହା ଭାରତର ଏକ ପ୍ରମୁଖ ତଥା ପ୍ରସିଦ୍ଧ ପର୍ବ, ଯାହା ବର୍ତ୍ତମାନ ସାରା ବିଶ୍ୱରେ ପାଳନ କରାଯାଉଛି । ଏହି ଦିନ ମନ୍ଦ ଉପରେ ଭଲର ବିଜୟର ପ୍ରତୀକ ଅଟେ । ଲୋକମାନେ ଏହି ଦିନ ଏକ ନିଆଁ ଜଳାଇ ଭଗବାନ ବିଷ୍ଣୁଙ୍କ ପ୍ରତି ଭକ୍ତ ପ୍ରହ୍ଲାଦଙ୍କ ଭକ୍ତିର ବିଜୟ ଉତ୍ସବ ପାଳନ କରନ୍ତି। ହିନ୍ଦୁ ପୁରାଣରେ ବିଶ୍ୱାସ କରାଯାଏ ଯେ, ହୋଲିର ପୂଜା ସମସ୍ତଙ୍କ ଘରେ ସମୃଦ୍ଧତା ଏବଂ ଧନ ଆଣିଥାଏ। ଲୋକମାନେ ବିଶ୍ୱାସ କରନ୍ତି ଯେ, ହୋଲି ପୂଜା କରିବା ପରେ ସେମାନେ ସମସ୍ତ ପ୍ରକାର ଭୟକୁ ଦୂର କରିପାରିବେ । ହୋଲିକା ଦହନର ପରଦିନକୁ ଧୁଲେଣ୍ଡି କୁହାଯାଏ ଯେଉଁଥିରେ ଅବିର-ଗୁଲାଲ ଇତ୍ୟାଦିରେ ହୋଲି ଖେଳ ଯାଏ।

ହୋଲି ସହିତ ଜଡିତ ବିଭିନ୍ନ କିମ୍ବଦନ୍ତୀ ଉତ୍ସବ ଲୋକମାନଙ୍କୁ ସତ୍ୟର ଶକ୍ତି ବିଷୟରେ ନିଶ୍ଚିତ କରେ କାରଣ ଏହି ସମସ୍ତ କିମ୍ବଦନ୍ତୀଗୁଡ଼ିକର ନୈତିକତା ହେଉଛି ମନ୍ଦ ଉପରେ ଭଲର ଚରମ ବିଜୟ। ହିରଣ୍ୟକଶ୍ୟପ ଏବଂ ପ୍ରହ୍ଲାଦଙ୍କ କିମ୍ବଦନ୍ତୀ ମଧ୍ୟ ସୂଚାଇ ଦେଇଛି ଯେ, ପ୍ରଭୁ ସର୍ବଦା ତାଙ୍କର ପ୍ରକୃତ ଭକ୍ତଙ୍କୁ ନିଜ ଆଶ୍ରୟସ୍ଥଳୀରେ ନେଇଥିବାରୁ ପ୍ରଭୁଙ୍କ ପ୍ରତି ଅତ୍ୟଧିକ ଭକ୍ତି ଫଳ ଦେଇଥାଏ। ଏହି ସମସ୍ତ ଲୋକମାନଙ୍କୁ ନିଜ ଜୀବନରେ ଏକ ଭଲ ଆଚରଣ ଅନୁସରଣ କରିବାରେ ସାହାଯ୍ୟ କରେ ଏବଂ ସତ୍ୟବାଦୀ ଗୁଣରେ ବିଶ୍ୱାସ କରେ। ହୋଲି ଲୋକମାନଙ୍କୁ ସତ୍ୟବାଦୀ ଏବଂ ସଚ୍ଚୋଟ ହେବାର ଗୁଣରେ ବିଶ୍ୱାସ କରିବାକୁ ଏବଂ ମନ୍ଦ ବିରୁଦ୍ଧରେ ଲଢ଼ିବାକୁ ସାହାଯ୍ୟ କରେ । ଅଧିକନ୍ତୁ, ହୋଲି ବର୍ଷର ଏକ ସମୟରେ ପାଳନ କରାଯାଏ ଯେତେବେଳେ କ୍ଷେତଗୁଡିକ ପୂର୍ଣ୍ଣ ଫୁଲ ଏବଂ ଫସଲରେ ପରିପୂର୍ଣ୍ଣ ଥାଏ ଏବଂ ଲୋକମାନେ ଭଲ ଅମଳ ପାଇଁ ଅପେକ୍ଷା କରନ୍ତି। ଏହା ଲୋକମାନଙ୍କୁ ହୋଲିର ଆତ୍ମାରେ ଆନନ୍ଦ, ଉପଭୋଗ ଏବଂ ବୁଡ଼ ପକାଇବା ପାଇଁ ଏକ ଉତ୍ତମ କାରଣ ଦେଇଥାଏ।

# ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର...

"ଜନ ଜାଗରଣ" ହେଉଛି ଜନ ସଚେତନତାର ଏକ ଅଭିଯାନ । ଯେ ପର୍ଯ୍ୟନ୍ତ ଆମେ ଆମର ଶକ୍ତି ବିଷୟରେ ଅଜ୍ଞ ସେପର୍ଯନ୍ତ ଆମେ ନିଷ୍କ୍ରିୟ ହୋଇ ରହିଥିବା । ଏ ଶକ୍ତି ଆତ୍ମକୈନ୍ଦ୍ରିକ । ମୁଁ ପ୍ରଥମେ ନିଜ ଉପରେ ବିଶ୍ୱାସ ରଖିବା ଉଚିତ ଯେ ମୁଁ ଅସମ୍ଭବକୁ ସମ୍ଭବ କରିପାରିବି । ଏହାର କେତେକ ଦିଗ ପ୍ରତି ଆପଣ ମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ ।

ପ୍ରଥମ ଟି ହେଲା ମୋର ରାଜନୈତିକ ଶକ୍ତି । ଏଇ ଶକ୍ତି ଆମକୁ ଆମର ସମ୍ବିଧାନ ଦେଇଛି । ଆଇନ ଦୃଷ୍ଟିରେ ସମସ୍ତେ ସମାନ, ସମସ୍ତଙ୍କର ସମାନ ଅଧିକାର ଅଛି, ସମସ୍ତଙ୍କର ମୌଳିକ ଅଧିକାର ସମାନ । ଏହାକୁ ସଠିକ ଭାବରେ ପ୍ରୟୋଗ ନ କଲେ ତାହା ନିଷ୍କ୍ରିୟ ହୋଇଯାଏ । ଉଦାହରଣ ସ୍ୱରୂପ, ଯଦି ପ୍ରତ୍ୟେକ ବ୍ୟକ୍ତି ତାଙ୍କର ଭୋଟ ପ୍ରଦାନ ଅଧିକାର କୁ ବ୍ୟବହାର ନ କରନ୍ତି ତାହା ହେଲେ କ୍ଷତି ତାଙ୍କର ନିଜର । ଏହା ପ୍ରମାଣିତ ଯେ ଗୋଟିଏ ନିର୍ବାଚନ ମଣ୍ଡଳୀ ରେ ମାତ୍ର ୪୦% ଭୋଟରଙ୍କ ମତ ନେଇ ଜଣେ ବ୍ୟକ୍ତି ନିର୍ବାଚିତ ହୁଏ । ୩୦ ରୁ ୪୦% ଜନସାଧାରଣ ତାଙ୍କର ଅଧିକାର କୁ ବ୍ୟବହାର କରନ୍ତି ନାହିଁ ଓ ସଂଖ୍ୟାଲଘୁ ପ୍ରତିନିଧିଙ୍କୁ ନେଇ ଏତେ ବଡ ଗଣତନ୍ତ୍ରର ଶାସନ ଚାଲେ । ଅନେକ ସମୟରେ ଦେଖାଯାଇଛି ଯେ ବାହୁବଳ, ଅର୍ଥବଳ ଓ ଶାସନ କଳକୁ ନେଇ ନିର୍ବାଚନ ହୁଏ । ଭୋଟ ଚୋରୀ ହୁଏ । ଏ ସବୁର ସମାଧାନ କେଉଁଠି ? ଏହାର ଏକମାତ୍ର ଉତ୍ତର ହେଉଛି ଜନ ସଚେତନତା । ଯଦି ପ୍ରତ୍ୟେକ ଭୋଟର ନିଜ ସାମ୍ବିଧାନିକ ଅଧିକାରକୁ ଉପଯୁକ୍ତ ଭାବରେ ବ୍ୟବହାର କରେ, ବିଭିନ୍ନ ପ୍ରକାରର ପ୍ରଲୋଭନ ରେ ବଶୀଭୂତ ହୁଏ ନାହିଁ, ନିର୍ବାଚନକୁ ଏକ ମଦ ମାଂସର ମହୋତ୍ସବ ରେ ପରିଣତ ନ କରି ଏକ ଅଧିକାରର ଦିବସ ବୋଲି ଚିନ୍ତା କରେ, ତେବେ ଯାଇଁ ଗଣତନ୍ତ୍ର ସକ୍ରିୟ ହେବ । ଦ୍ୱିତୀୟଟି ହେଉଛି ମୋର ଅର୍ଥନୈତିକ ଶକ୍ତି । ସାଧାରଣ ଭାବରେ ଏକ ଧାରଣା ସୃଷ୍ଟି ହୋଇଛି ଯେ ଆମର ଜୀବିକା ପାଇଁ ଆମେ ଅନ୍ୟର ଦୟା ଉପରେ ନିର୍ଭର କରିବାକୁ ବାଧ୍ୟ । ଶହ ଶହ ବର୍ଷର ଜମିଦାରୀ ଶାସନ ଓ ଗଡଜାତ ଶାସନ ଫଳରେ ଆମର ସ୍ୱାଧୀନ ଚେତନା ଲୋପ ପାଇଯାଇଛି। ଯୁବକ ମାନଙ୍କ ମନରେ ଧାରଣା ସୃଷ୍ଟି ହୋଇଛି ଯେ ଚାକିରିଟିଏ ବିନା ଅନ୍ୟ ଗତି ନାହିଁ । ସରକାରୀ ଚାକିରି ପାଇଁ ଅହେତୁକ ଆଗ୍ରହ, ସେଥିପାଇଁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଯାଚିବା ପାଇଁ ଦ୍ୱିଧା ନାହିଁ। କୃଷକ ମାନେ ଭାବୁଛନ୍ତି ଯେ ସରକାରଙ୍କର ବିନା ସାହାର୍ଯ୍ୟରେ ଚାଷ ଲାଭପ୍ରଦ ହେବ ନାହିଁ । ଗୋଟିଏ ଅଣୁ ବା କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ ଅନେକ ବ୍ୟକ୍ତି ସାହସ ପାଆନ୍ତି ନାହିଁ। କିନ୍ତୁ ଯଦି ଅନୁଧାନ କରାଯାଏ ଜଣାଯିବ ଯେ ହାଇଦ୍ରାବାଦ ଭଳି ଏକ ମେଟ୍ରୋରେ ଦୋକାନ, ଘର, ଅଫିସ ଆଦି ବିଜୟୱାଡା ଅଞ୍ଚଳର କୃଷିଜାତ ସମୃଦ୍ଧି ଉପରେ ପ୍ରତିଷ୍ଠିତ । ପଞ୍ଜାବ ରାଜ୍ୟରେ କୌଣସି ବୃହତ ଶିଳ୍ପ ନାହିଁ, କିନ୍ତୁ ସେଠିକାର କ୍ଷୁଦ୍ରଶିଳ୍ପ ସମଗ୍ର ଭାରତ ବର୍ଷରେ ପ୍ରସିଦ୍ଧ । ଗୁଜରାଟରେ ଜଣେ ସାଧାରଣ ବ୍ୟକ୍ତି ଚାକିରି ପାଇଁ ଲାଳାୟିତ ନୁହେଁ । ପ୍ରଥମେ ସେ ଚାହେଁ ନିଜର କୌଣସି ବ୍ୟବସାୟ କରିବା ପାଇଁ ।

କୃଷି, ପଶୁପାଳନ, କ୍ଷୁଦ୍ରଶିଳ୍ପ, ପର୍ଯଟନ – ସବୁ କ୍ଷେତ୍ର ରେ ଓଡିଆ ମାନେ କିଭଳି ପାରଦର୍ଶିତା ଲାଭ କରିପାରିବେ ତାହାର ଉପାୟ ପରବର୍ତ୍ତୀ ଦିନ ମାନଙ୍କରେ ଆଲୋଚନା କରାଯିବ। କିନ୍ତୁ ସବୁରି ମୂଳରେ ରହିଛି ଏକ ପ୍ରତିବଦ୍ଧତା, ଏକ ସ୍ୱାଭିମାନ, ଏକ ସକାରାତ୍ମକ ଚିନ୍ତା – "ମୁଁ ପାରିବି" । ଯିଏ କୃଷିକୁ ବା ଅନ୍ୟ କୌଣସି ବ୍ୟବସାୟକୁ ତାହାର ଜୀବିକା ଭାବରେ ଗ୍ରହଣ କରିବାକୁ ଚାହୁଁଛି, ତାର ପିତାମାତା ସେଥିପାଇଁ ତାକୁ ଆଶୀର୍ବାଦ କରିବା ଉଚିତ, ତାର ଜୀବନ ସଙ୍ଗିନୀ ତାକୁ ଉତ୍ସାହିତ କରିବା ଉଚିତ, ତାର ବନ୍ଧୁ ମାନେ ତାହା ସହ ସହଯୋଗ କରିବା ଉଚିତ । ଏହା ହେଉଛି ବିକାଶର ପରିବେଶ, ଅର୍ଥନୀତିଜ୍ଞ ମାନେ ଏହାକୁ କହନ୍ତି "ଡେଭଲପମେଣ୍ଟାଲ ଇକୋ ସିଷ୍ଟମ"। ଏହାକୁ ସୃଷ୍ଟି କରିବାକୁ ହେଲେ ବ୍ୟାପକ ଜନଜାଗରଣ ର ଆବଶ୍ୟକତା ରହିଛି ।

ତୃତୀୟ ଶକ୍ତିଟି ହେଉଛି ମନସ୍ତାତ୍ତ୍ୱିକ । ଯିଏ ଯେଉଁ କାର୍ଯ୍ୟ କରୁଥାଉନା କାହିଁକି ସେ ସେଥିରେ ଗର୍ବ ଅନୁଭବ କରିବା ଉଚିତ । ଏଇ ଗର୍ବ ମନୁଷ୍ୟର ଜନ୍ମଗତ। ପିଲାଟି ଦିନରୁ



ବିଜୟ କୁମାର ପଟ୍ଟନାୟକ

ସେ ଚାହେଁ ଯେ ସେ ବାପ ମା'ଙ୍କ ଠାରୁ ସାବାସି ପାଉ । ଶିକ୍ଷକ ମାନଙ୍କର ପ୍ରେରଣା ପାଉ। ସାମାଜିକ ସ୍ୱୀକୃତି ପାଉ । କିନ୍ତୁ ଦେଖାଯାଏ ଯେ ସେ କାଳକ୍ରମେ ଉକ୍ତ ଆତ୍ମଗର୍ବର ସ୍ଫୁଲିଙ୍ଗକୁ ହଜାଇ ଦିଏ । ଫଳରେ ନିଜ କର୍ମ କୁଶଳତା ଉପରେ ନିର୍ଭର ନ କରି ଯେନ କେନ ପ୍ରକାରେଣ "କାମ ଚଳାଇ" ନେବା ପ୍ରବୃତ୍ତିରେ ସେ ବିଲୀନ ହୋଇଯାଏ । ଛାତ୍ରଟି ଭାବେ ପାଠ ନ ପଢି ଅସତ ଉପାୟ ଅବଲମ୍ବନ କଲେ ସୁଫଳ ମିଳିଯିବ । ଶିକ୍ଷକଟି ଭାବେ କୌଣସି ଉପାୟରେ ସିଲାବସ ସାରି ଦେଲେ ଦାୟିତ୍ୱ ଶେଷ। ଶ୍ରମିକଟି ଭାବେ କୌଣସି ଉପାୟରେ ଡିୟୁଟି ଶେଷ କରିଦେଲେ ଯଥେଷ୍ଟ । କଲେଜ ବା ୟୁନିଭରସିଟି ଭାବେ କୌଣସି ଉପାୟରେ ପରୀକ୍ଷା କରି ପିଲାଟିକୁ ଡିଗ୍ରୀ ଧରାଇ ଦେଲେ ତ୍ରାହି ।

ଜନ ଜାଗରଣର ଉଦ୍ଦେଶ୍ୟ ହେଲା ପୁଣିଥରେ ଆମର ଆତ୍ମଗର୍ବକୁ ଉଜ୍ଜୀବିତ କରିବା । ଶ୍ରମିକ ହେଉ ବା କୃଷକ, କଳାକାର ହେଉ ବା ଶିଳ୍ପୀ, ଶିକ୍ଷକ ହେଉ ବା ଗବେଷକ – ସମସ୍ତେ ଉତ୍କର୍ଷ ପ୍ରତି ଆକର୍ଷିତ ହେବା ଉଚିତ । ପ୍ରତ୍ୟେକ ମହାବିଦ୍ୟାଳୟ ବା ବିଶ୍ୱବିଦ୍ୟାଳୟ ଇଚ୍ଛା କରିବା ଉଚିତ ଯେ ତାହା ବିଶ୍ୱସ୍ତରୀୟ ହେଉ । କଳାକାର ମାନେ ଚାହାନ୍ତୁ ଯେ ତାଙ୍କର କୃତୀ ସମଗ୍ର ଦେଶରେ ଆଦୃତ ହେଉ। ଡାକ୍ତର ହୁଅନ୍ତୁ ବା ଓକିଲ, ଇଞ୍ଜିନିୟର ହୁଅନ୍ତୁ ବା ସ୍ଥପତି – ସମସ୍ତେ ଗୋଟିଏ ମନ୍ତ୍ର କୁ ଅବଲମ୍ବନ କରିବା ଉଚିତ, ତାହା ହେଉଛି "ମୁଁ ଯାହା କରିପାରିବି, ଆଉ କେହି କରି ପାରିବେ ନାହିଁ ।"

ଓଡ଼ିଶାକୁ ସମଗ୍ର ଭାରତ ବର୍ଷରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବାକୁ ହେଲେ ସମାଜର ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସମାଜରେ ଯେଉଁ ମାନେ ଚିନ୍ତାଶୀଳ ବ୍ୟକ୍ତି ସେମାନେ ଆଗେଇ ଆସିବା ଉଚିତ ସମାଜର ବିକାଶ ପାଇଁ କାରଣ ସେମାନଙ୍କର ଚିନ୍ତାଶକ୍ତି ଅନ୍ୟ ମାନଙ୍କୁ ଦିଗଦର୍ଶନ ଦେଖାଏ । ପ୍ରଗତି ପାଇଁ ଯାହା ସବୁ ଅନ୍ତରାୟ ରହିଛି ସେ ବିଷୟରେ ଆଲୋଚନା କରିବା ଓ ସମାଧାନର ଉପାୟ ବାହାର କରିବା ସେମାନଙ୍କର ଏକ ଗୁରୁ ଦାୟିତ୍ୱ । ଉଦାହରଣ ସ୍ୱରୂପ, ସମସ୍ତେ ଏକ ମତ ଯେ ଶିକ୍ଷା ହେଉଛି ବିକାଶର ଚାବିକାଠି । ଯଦି ଶିକ୍ଷା ବ୍ୟବସ୍ଥାରେ ଅଭାବ ପରିଲକ୍ଷିତ ହୁଏ ତେବେ ସେ ବିଷୟରେ ଆଲୋଚନାର ଆବଶ୍ୟକତା ରହିଛି । ଯଦି ଜଳସେଚନ ବ୍ୟବସ୍ଥାରେ ତ୍ରୁଟି ପରିଲକ୍ଷିତ ହୁଏ ତେବେ ସେ ବିଷୟରେ ଆଲୋଚନାର ଆବଶ୍ୟକତା ଅଛି । ଯଦି ସ୍ୱାସ୍ଥ୍ୟସେବା ମିଳୁ ନାହିଁ ତେବେ ସେ ବିଷୟରେ ଆଲୋଚନାର ଆବଶ୍ୟକତା ଅଛି । ଅନେକ ସମୟରେ ଚିନ୍ତାଶୀଳ ବ୍ୟକ୍ତିମାନେ ଭାବନ୍ତି, "ଆମ କଥା ଶୁଣିବ କିଏ ?"

"ଜନବାର୍ତ୍ତା" ର ଉଦ୍ଦେଶ୍ୟ ହେଲା ଲୋକଙ୍କର ସ୍ୱରକୁ ଉପଯୁକ୍ତ ସ୍ଥାନରେ ଉପସ୍ଥାପନ କରିବା । ଯେତେବେଳେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇ ନ ଥିଲା ସେତେବେଳେ ସତ୍ତାରେ ଯେଉଁମାନେ ଥିଲେ ସେମାନେ ସମସ୍ତେ ଏହାର ବିରୋଧୀ ଥିଲେ । କିନ୍ତୁ କେତେକ ଦୂରଦର୍ଶୀ ନେତା ସ୍ରୋତର ବିପରୀତ ଦିଗରେ ଯାଇ ଲୋକଙ୍କର ମନର ଦାବୀକୁ ରୂପ ଦେଲେ । ଦିନେ ଓଡ଼ିଶା ଭାରତର ପ୍ରଥମ ଭାଷା ଭିତ୍ତିକ ପ୍ରଦେଶ ଭାବରେ ଜନ୍ମ ଲାଭ କଲା । ଭାରତର ସ୍ୱାଧୀନତା ଆନ୍ଦୋଳନର ଇତିହାସ ମଧ୍ୟ ସେହି ଭଳି । ପୃଥିବୀର ସବୁଠାରୁ ଶକ୍ତିଶାଳୀ ଦେଶ ଗ୍ରେଟ ବ୍ରିଟେନ ବିରୁଦ୍ଧରେ ଜନମତ ସୃଷ୍ଟି କରିବା କ'ମ ଦୁଃସାହସିକ କାମ ନ ଥିଲା । କିନ୍ତୁ ମହାତ୍ମା ଗାନ୍ଧୀ ଓ ତାଙ୍କର ହଜାର ହଜାର ସହଯୋଗୀମାନେ ସେଥିରେ ହତୋତ୍ସାହିତ ହୋଇ ନ ଥିଲେ । ଭାରତର କୋଣ ଅନୁକୋଣ ରେ ଥିବା କୋଟି କୋଟି ଭାରତୀୟଙ୍କ ମନରେ ସ୍ୱାଧୀନତା ପାଇବାର ଦୁର୍ବାର ସଂକଳ୍ପକୁ ସେମାନେ ପୁଞ୍ଜିଭୂତ କରି ପାରିଥିଲେ କେବଳ ବାର୍ତ୍ତାଳାପ ମାଧ୍ୟମରେ । ବିନା ଅର୍ଥରେ, ବିନା ଶିକ୍ଷାରେ, ବିନା ଯୋଗାଯୋଗ ବ୍ୟବସ୍ଥାରେ କୋଟି କୋଟି ଭାରତୀୟ ରାସ୍ତାକୁ ଓହ୍ଲାଇ ଆସିଥିଲେ । ତାହା ହିଁ ଥିଲା ସମାଜର ଶକ୍ତି । ଓଡ଼ିଶାକୁ ଯଦି ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମାଜ ଚିନ୍ତା କରେ ତେବେ ତାହ ଅକ୍ଳେଶରେ ହାସଲ କରାଯାଇପାରିବ । ଏଇ ଚିନ୍ତନର ଶୁଭାରମ୍ଭ ହେବ ଯେଉଁ ଦିନ ଲୋକମାନେ ଏକାଠି ବସି ସେ ବିଷୟରେ ପଦକ୍ଷେପ ନେବେ ।

କିଛି ଲୋକ ଓଡିଆମାନଙ୍କୁ କଙ୍କଡାର ଆଖ୍ୟା ଦିଅନ୍ତି । ଗୋଟିଏ କଙ୍କଡା ଯଦି ଉପରକୁ ଉଠିବାକୁ ଚେଷ୍ଟା କରେ ତାହାହେଲେ ଅନ୍ୟଟିଏ ତାହାର ଗୋଡ ଟାଣି ଦିଏ । ଆହୁରି ମଧ୍ୟ ଶୁଣାଯାଏ ଯେ କୌଣସି କମ୍ପାନୀରେ ଯଦି ଜଣେ ଓଡିଆ ଉଚ୍ଚ ପଦବୀରେ ଥାଏ ତେବେ ସେ ଓଡିଆଙ୍କୁ ସାହାର୍ଯ୍ୟ କରେ ନାହିଁ, କିନ୍ତୁ ପଡୋଶୀ ରାଜ୍ୟର ବ୍ୟକ୍ତିମାନେ ନିଜ ରାଜ୍ୟର ଲୋକଙ୍କ ପାଇଁ ସଦାବେଳେ ବ୍ୟଗ୍ର । ଏ ସବୁ ଅଭିଯୋଗର ସତ୍ୟାସତ୍ୟ ଜାଣିବା କଷ୍ଟକର, କାରଣ ଏଭଳି ଦୃଷ୍ଟାନ୍ତ ଗୁଡିକ କେଉଁ ଠାରେ ଲିପିବଦ୍ଧ ହୋଇ ନାହିଁ । ଏ ଗୁଡିକ କେତେକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କର ଅନୁଭୂତି । କିନ୍ତୁ ଯଦି ଅନେକ ବ୍ୟକ୍ତି ଅନୁରୂପ ଅନୁଭୂତି ବିଷୟରେ କୁହନ୍ତି ତେବେ ତାହା ଏକ ଧାରଣାରେ ପରିଣତ ହୋଇଯାଏ । କିନ୍ତୁ ଏହା ସ୍ୱୀକାର୍ଯ୍ୟ ଯେ ଓଡ଼ିଶାରେ ଲୋକମାନେ ଏକାଠି ମିଶି କାମ କରିବାର ଅଭ୍ୟାସ ଅତ୍ୟନ୍ତ ଦୁର୍ବଳ। ଉଦାହରଣସ୍ୱରୂପ ସମବାୟ ପରମ୍ପରା – ଯାହାକି ଗୋଷ୍ଠୀକୈନ୍ଦ୍ରିକ – ଗୁଜରାଟ ଓ ମହାରାଷ୍ଟ୍ର ରାଜ୍ୟ ମାନଙ୍କରେ ଅତ୍ୟନ୍ତ ବଳିଷ୍ଠ, କିନ୍ତୁ ଓଡ଼ିଶାରେ ନୁହେଁ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକର ଅଭିଜ୍ଞତା ମଧ୍ୟ ମୋଟାମୋଟି ସେହିପରି। ଏହାର କେତେକ ପ୍ରତିକୂଳ ପ୍ରଭାବ ବ୍ୟକ୍ତିଗତ କ୍ଷେତ୍ରରେ ମଧ୍ୟ ଅନୁଭୂତ ହୁଏ। ଉଦାହରଣସ୍ୱରୂପ, ଗୋଟିଏ ଗାଁ ରେ ଜଣେ ଚାଷୀ ଖରାଟିଆ ଚାଷ କରିବାକୁ ପଛେଇଯାଏ କାରଣ ସେ ଜଣେ ତାହା କଲେ ଅନ୍ୟ ମାନେ ତାଙ୍କର ଗୋରୁଗାଈଙ୍କୁ ଆକଟ କରିବେ ନାହିଁ, ଫଳରେ ଫସଲ ନଷ୍ଟ ହେବ ।

କେବଳ ସରକାରୀ ଯୋଜନା ବା ବଜେଟ ବ୍ୟବସ୍ଥା ଦ୍ୱାରା ଓଡ଼ିଶାକ ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହୋଇଯିବ ନାହିଁ । "ବିକାଶ" ଏକ ସ୍ଲୋଗାନ ନୁହେଁ। ଏହା ଏକ ଅଭିଯାନ । ଏହି ଅଭିଯାନର ଆରମ୍ଭ ହେବ ପ୍ରତ୍ୟେକ ଗାଁର ଚା ଖଟିରେ, ପ୍ରତ୍ୟେକ ଘରର ପଢାଘରୁ, ପ୍ରତ୍ୟେକ ବୁଦ୍ଧିଜୀବୀର କଲମରୁ, ପ୍ରତ୍ୟେକ ବ୍ୟକ୍ତିର ମାନସପଟରୁ । ଏହାକୁ ଉଦ୍ରେକ କରିବା "ଜନ ଜାଗରଣ"ର ଉଦ୍ଦେଶ୍ୟ ଓ "ଜନବାର୍ତ୍ତା" ତାହାର ମାଧ୍ୟମ....

**ପୂର୍ବତନ ମୁଖ୍ୟ ଶାସନ ସଚିବ**
**ଭୁବନେଶ୍ୱର, ଓଡ଼ିଶା**

# ବିକାଶର ପଥରେ ଅପେକ୍ଷାରତ ସୁବର୍ଣ୍ଣପୁର: ଉପଯୁକ୍ତ ରେଳ ସଂଯୋଗ କେବେ ହେବ ବାସ୍ତବତା ?



ସିତାଂଶୁ ଶେଖର ମିଶ୍ର

ଭାରତ ଆଜି ବିଶ୍ୱର ଶୀର୍ଷସ୍ଥ ଉଦୟମାନ ଅର୍ଥନୀତି ଭାବେ ନିଜ ସ୍ଥାନକୁ ସୁଦୃଢ଼ କରୁଥିବା ବେଳେ,ଦେଶର କିଛି ଅଞ୍ଚଳ ଏପର୍ଯ୍ୟନ୍ତ ମୌଳିକ ପରିବହନ ସୁବିଧାରୁ ବଞ୍ଚିତ ରହିବା ଏକ ଦୁଃଖଦ ଓ ବିଡମ୍ବନାପୂର୍ଣ୍ଣ ସତ୍ୟ। ସୁବର୍ଣ୍ଣପୁର ଜିଲ୍ଲା ସେହିପରି ଏକ ଦୁଃଖଦ ଉଦାହରଣ, ଯେଉଁଠାରେ ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ଉପଯୁକ୍ତ ରେଳ ସଂଯୋଗ ଏକ ସ୍ୱପ୍ନ ହୋଇ ରହିଛି। ଏହା କେବଳ ଏକ ଜିଲ୍ଲାର ଯାତାୟାତ ସମସ୍ୟା ନୁହେଁ, ବରଂ ସମାନ ଓ ସମାବେଶୀ ବିକାଶର ଦାବି ଉପରେ ଏକ ଗଭୀର ପ୍ରଶ୍ନଚିହ୍ନ। ପ୍ରାକୃତିକ ସମ୍ପଦ, ସମୃଦ୍ଧ କୃଷି ଉତ୍ପାଦନ ଓ ବିଶାଳ ପର୍ଯ୍ୟଟନ ସମ୍ଭାବନା ଥିବା ସତ୍ତ୍ୱେ, ସୁବର୍ଣ୍ଣପୁର ଆଜି ପର୍ଯ୍ୟନ୍ତ ଦେଶର ମୁଖ୍ୟ ରେଳ ମାନଚିତ୍ରରେ ନିଜର ଯଥୋଚିତ ସ୍ଥାନ ପାଇପାରିନାହିଁ। ବିଶେଷକରି ବୀରମହାରାଜପୁର ଉପଖଣ୍ଡ ଓ ତାହା ସହ ସଂପୃକ୍ତ ବିଶାଳ ଅଞ୍ଚଳ ରେଳ ସଂଯୋଗରୁ ବଞ୍ଚିତ ରହିବା, ଅଞ୍ଚଳୀୟ ଅସମତାର ଏକ ସ୍ପଷ୍ଟ ପ୍ରତିଛବି।

ଯେକୌଣସି ଅଞ୍ଚଳର ଆର୍ଥିକ ଓ ସାମାଜିକ ଉନ୍ନତିରେ ରେଳପଥ ଏକ ମୂଳ ଆଧାର। ରେଳ ସଂଯୋଗର ଅଭାବରୁ ସ୍ଥାନୀୟ ଚାଷୀମାନେ ତାଙ୍କ ଉତ୍ପାଦନକୁ ବଡ଼ ବଜାରରେ ପହଞ୍ଚାଇପାରୁନାହାନ୍ତି, ଶିଳ୍ପ ଓ ବ୍ୟବସାୟର ବିକାଶ ବାଧାପ୍ରାପ୍ତ ହେଉଛି, ଏବଂ ଯୁବପିଢ଼ୀ ଚାକିରି ଓ ଉଚ୍ଚଶିକ୍ଷାର ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଫଳସ୍ୱରୂପ, ସମଗ୍ର ଅଞ୍ଚଳର ଆର୍ଥିକ ଗତିଶୀଳତା ଅବରୋଧିତ ହେଉଛି ଏବଂ ଉନ୍ନତିର ପଥ ମନ୍ଥର ହେଉଛି।

ଏହି ପରିପ୍ରେକ୍ଷିତରେ ସମ୍ବଲପୁର ସହ ସୁବର୍ଣ୍ଣପୁରର ପ୍ରତ୍ୟକ୍ଷ ରେଳ ସଂଯୋଗ ସ୍ଥାପନ ଏକ ଐତିହାସିକ ଓ ଦୂରଦର୍ଶୀ ପଦକ୍ଷେପ ସାବ୍ୟସ୍ତ ହୋଇପାରେ। ପଶ୍ଚିମ ଓଡ଼ିଶାର ପ୍ରମୁଖ ଶିକ୍ଷା, ବ୍ୟବସାୟ ଓ ଶିଳ୍ପ କେନ୍ଦ୍ର ଭାବେ ସମ୍ବଲପୁରର ଗୁରୁତ୍ୱ ଅପରିସୀମ। ଏହା ସହ ପ୍ରତ୍ୟକ୍ଷ ରେଲ୍ ସଂଯୋଗ ସ୍ଥାପିତ ହେଲେ, ସୁବର୍ଣ୍ଣପୁର ପାଇଁ ନୂତନ ବଜାର, ନୂତନ ନିବେଶ ଓ ନୂତନ ରୋଜଗାର ସୁଯୋଗର ଦ୍ୱାର ଖୋଲିପାରିବ। ଏହା କେବଳ ଯାତାୟାତ ସୁବିଧାକୁ ସୁଧାରିବ ନୁହେଁ, ବରଂ ସମଗ୍ର ଅଞ୍ଚଳର ଆର୍ଥିକ ପୁନରୁତ୍ଥାନର ଆଧାର ହେବ।

କିନ୍ତୁ ଦୁଃଖଦ ବିଷୟ ହେଉଛି, ଦୀର୍ଘଦିନ ଧରି ଏହି ଦାବି ଉଠୁଥିବା ସତ୍ତ୍ୱେ ପ୍ରକଳ୍ପଟି ଆଜି ପର୍ଯ୍ୟନ୍ତ ଘୋଷଣାର ସ୍ତରକୁ ମଧ୍ୟ ପହଞ୍ଚିପାରିନାହିଁ। ନିର୍ବାଚନ ସମୟରେ ବିକାଶର ପ୍ରତିଶ୍ରୁତି ଦିଆଯାଉଥିବା ବେଳେ, ପରେ ସେଗୁଡ଼ିକ ଯଦି କାର୍ଯ୍ୟରୂପ ନ ନେଉଛି, ତେବେ ଏହା ଲୋକମାନଙ୍କର ବିଶ୍ୱାସକୁ କ୍ଷୀଣ କରିବା ସ୍ୱାଭାବିକ। ସମାନ ଓ ସନ୍ତୁଳିତ ବିକାଶ ଯଦି ଶାସନର ମୂଳ ଲକ୍ଷ୍ୟ, ତେବେ ସୁବର୍ଣ୍ଣପୁର ପରି ଅଞ୍ଚଳମାନଙ୍କୁ ଅବହେଳା କରିବା ନୀତିଗତ ଓ ନୈତିକ ଭାବେ ଯୁକ୍ତିସଂଗତ ନୁହେଁ।

ଏହି ଦାବି କୌଣସି ନୂତନ ଦାବି ନୁହେଁ। ସ୍ୱାଧୀନତାର ପୂର୍ବରୁ ମଧ୍ୟ ସମ୍ବଲପୁର ସହିତ ସୁବର୍ଣ୍ଣପୁରରେ ରେଳ ସଂଯୋଗ ସ୍ଥାପନ ପାଇଁ ଆବଶ୍ୟକତା ଅନୁଭୂତ ହୋଇଆସୁଛି। ସ୍ୱାଧୀନତା ପରେ ମଧ୍ୟ ଜନସାଧାରଣ ମହାମହିମ ରାଷ୍ଟ୍ରପତିଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ସ୍ଥାନୀୟ ଲୋକପ୍ରତିନିଧିମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ବାରମ୍ବାର ଗୁହାରୀ ଜଣାଇଆସୁଛନ୍ତି। ତଥାପି ଆଜି ପର୍ଯ୍ୟନ୍ତ ଏହାର କୌଣସି ସଫଳ ପରିଣତି ଦେଖିବାକୁ ମିଳିନାହିଁ। ଏହା ଜନମନରେ ଏକ ଗଭୀର ନିରାଶା ଓ ଅସନ୍ତୋଷର ସୃଷ୍ଟି କରିଛି।

ଏପରି ପରିସ୍ଥିତିରେ ପ୍ରଶ୍ନ ଉଠିବା ସ୍ୱାଭାବିକ—ଯଦି ଗଣତନ୍ତ୍ରରେ ଜନସାଧାରଣଙ୍କ ଦୀର୍ଘଦିନର ଯୁକ୍ତିସଂଗତ ଦାବି ସରକାରଙ୍କ ଧ୍ୟାନ ଆକର୍ଷଣ କରି ମଧ୍ୟ ପ୍ରତିଫଳ ପାଉନାହିଁ, ତେବେ ଏହାକୁ କିପରି ସୁସ୍ଥ ଗଣତନ୍ତ୍ରର ଚିହ୍ନ ବୋଲି କୁହାଯିବ ? ଏହା ଗଣତନ୍ତ୍ରୀୟ ବ୍ୟବସ୍ଥା ପ୍ରତି ଏକ ଉପହାସ ସଦୃଶ ପରି ଲାଗେ।

ଆଜି ରାଜ୍ୟ ୨୦୩୬ ସୁଦ୍ଧା ଓ ଦେଶ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାର ଲକ୍ଷ୍ୟ ନିର୍ଦ୍ଧାରଣ କରିଛି। କିନ୍ତୁ ଏହି ଲକ୍ଷ୍ୟ କେବଳ କାଗଜରେ ସୀମିତ ରହିଲେ ଚାଲିବ ନାହିଁ। ଏହା ପାଇଁ ଦେଶର ପ୍ରତ୍ୟେକ ଅଞ୍ଚଳ ପ୍ରତି ସମାନ ଦୃଷ୍ଟିଭଙ୍ଗୀ ଓ ସମାନ ଗୁରୁତ୍ୱ ଦେବା ଆବଶ୍ୟକ। ସୁବର୍ଣ୍ଣପୁର ପରି ଅଞ୍ଚଳମାନଙ୍କର ଆକାଂକ୍ଷାକୁ ଅଣଦେଖା କରି କୌଣସି ବିକାଶକୁ ସମାବେଶୀ ବୋଲି କୁହାଯାଇପାରିବ ନାହିଁ।

ତେଣୁ ସମୟ ଆସିଛି—କେନ୍ଦ୍ର ଓ ରାଜ୍ୟ ସରକାର ସମ୍ବଲପୁର–ସୁବର୍ଣ୍ଣପୁର ରେଳ ପ୍ରକଳ୍ପକୁ ପ୍ରାଥମିକତା ଭିତ୍ତିରେ ଗ୍ରହଣ କରି, ଏହାର ଶୀଘ୍ର ଘୋଷଣା ଓ କାର୍ଯ୍ୟାନ୍ୱୟନ ପାଇଁ ଦୃଢ଼ ପଦକ୍ଷେପ ନିଅନ୍ତୁ। ଏହା କେବଳ ଏକ ରେଳପଥ ନିର୍ମାଣ ନୁହେଁ, ବରଂ ଦୀର୍ଘଦିନ ଧରି ଅପେକ୍ଷାରତ ଏକ ଜିଲ୍ଲାର ସ୍ୱପ୍ନକୁ ସାକାର କରିବାର ଅଭିଯାନ।

ସୁବର୍ଣ୍ଣପୁରର ଏହି ଅପେକ୍ଷା ଆଉ ଦୀର୍ଘ ହେଉ ନାହିଁ। କାରଣ ବିକାଶର ଅର୍ଥ କେବଳ କିଛି ସହରର ଉନ୍ନତି ନୁହେଁ, ବରଂ ସମସ୍ତ ଅଞ୍ଚଳକୁ ସହିତ ନେଇ ଆଗକୁ ବଢ଼ିବା। ସେହି ଦିନ ହେବ ସତ୍ୟ ସାର୍ଥକ, ଯେଉଁଦିନ ସୁବର୍ଣ୍ଣପୁର ମଧ୍ୟ ଭାରତର ରେଳ ମାନଚିତ୍ରରେ ନିଜର ଯଥାଯୋଗ୍ୟ ସ୍ଥାନ ଅଧିକାର କରିବ।

ଶାନ୍ତି ନଗର,ସୋନପୁର
ମୋ:୮୧୪୪୮ ୭୦୭୨୯

# ଭୁବନେଶ୍ୱରଟା ଭାରି ଜାମ...

ପ୍ରତି ମାସରେ ଭୁବନେଶ୍ୱରକୁ ଆସୁଛି ନୂଆ ୧୦,୦୦୦ ଗାଡି । ଲୋକଙ୍କ ଆର୍ଥିକ ଅବସ୍ଥା ସୁଧୁରୁଛି, ଏପରିକି ବସ୍ତି , ଯାହାକୁ ଆମେ ଗରିବ ମାନଙ୍କ ବାସସ୍ଥଳୀ ବୋଲି ପରିଗଣୀତ କରୁଥିଲୁ, ସେଠି ବି ମାଳ ମାଳ ଗାଡି. ଗୋଟେ ଗୋଟେ ପରିବାରରେ ଏକାଧିକ ଚାରି ଚକିଆ। ଗୋଟେ ପଟେ ଗାଡି ସଂଖ୍ୟା ବଢ଼ି ଚାଲିଥିବା ବେଳେ, ଭୁବନେଶ୍ୱରର ରାସ୍ତାର ପ୍ରଶସ୍ତି କରଣର ନାଁ ନାହିଁ। ଗାଡି ଖଣ୍ଡେ ଏବେ ବ୍ୟକ୍ତିର ମର୍ଯାଦ୍ୟାର ଓ ଅଭିଜାତ୍ୟର ପରିଚୟ ହେଲାଣି, ହେଲେ ସରକାରଙ୍କ ଚେତା ପଶିଲା ବେଳକୁ ବହୁବିଳମ୍ବ ହେଇ ଗଲାଣି। ବଜାର ହାଟକୁ ଗଲେ ଗାଡି, କାର୍ଯ୍ୟାଳୟକୁ ଗଲେ ଗାଦି, ମୌଜ ମଜଲିସ କରିବାକୁ ଗଲେ ଗାଦି ଖଣ୍ଡେ ନିହାତି ଆବଶ୍ୟକ। ଦୋକାନ ବଜ଼ାର ସବୁ ଗଢି ଉଠିଲା ସେଇ ସ୍ଥାନ ମାନଙ୍କ ରେ ଯେଉଁ ସ୍ଥାନ ରେ ସରକାର ଜାଗା ବାଣ୍ଟିଥିଲେ ଲୋକଙ୍କ ବାସଗୃହ ପାଇଁ: ଯଥା ବାପୁଜୀ ନଗର, ସହିଦ ନଗର ଇତ୍ୟାଦି ।



ଏହା ଏବେ ମାଡି ଗଲାଣି ଅନ୍ୟ ବାସସ୍ଥଳୀ ମାନଙ୍କୁ ଲିଜ ଜମି ଗୁଡା ବାସଗୃହ ବଦଳରେ ଅନ୍ୟ ଉଦ୍ଦ୍ୟେଶ୍ୟ ରେ ବ୍ୟବହୃତ କଲେ ସେ ଲିଜ ନାକଚ ହୋଇ ଯିବାର ଏଗ୍ରିମେଣ୍ଟରେ ଲିଖିତ ଥିଲେ ମଧ୍ୟ ବି ଡି ଏ / ବି ଏମ ସି, ବହୁତଳ ବିଶିଷ୍ଟ ବାସଗୃହ ନିର୍ମାଣର ଅନୁମୋଦନ କରୁଛି ଓ ତାହା ଯଦି ବ୍ୟବସାୟ କାମରେ ଲାଗୁଚି, ତାହା ନିୟମାବର୍ତ୍ତୀ କି ନୁହେଁ ତାହା ଦେଖିବା ବଦଳରେ, ସେହି ବ୍ୟବସାୟକୁ ସମ୍ମତି ଜଣାଇବା ପୂର୍ବକ ଟ୍ରେଡ ଲାଇସେନ୍ସ ଫି ଆଦାୟ କରୁଛନ୍ତି ଓ ନିଜ ରାଜସ୍ୱ ବଢ଼ାଉଛନ୍ତି। ଯାହାର ପରିଣାମରେ, ସେ ବ୍ୟବସାୟ ସ୍ଥାନ ସମ୍ମୁଖରେ ମାଳ ମାଳ ଗାଡି ଠିଆ ହେଉଛି। ଯିଏ ଯେଉଁଠି ଚାହିଁଲା ଦୋକାନ ଖଣ୍ଡେ ପକେଇ ଦେଲା ଓ ତାହା ବର୍ଷ ବର୍ଷ ଧରି ସରକାରଙ୍କ ଗୋଚରରେ ଚାଲୁ ରହିଲା। ଗରାଖ ମାନେ ସେ ଦୋକାନ ସମ୍ମୁଖରେ ଗାଡି ଠିଆ କରେଇବା ସ୍ୱାଭାବିକ ହେଇଗଲା। କେହି ଅପ୍ରୀତିକର ନିଷ୍ପତ୍ତି ନବା ପାଇଁ ଇଚ୍ଛୁକ ହେଲେନି, ଯଦ୍ୱାରା ରାସ୍ତା କଡରେ ଦୋକାନ ବସେଇବାଟା ଆକର୍ଷଣୀୟ ହୋଇ ଉଠିଲା। ଉନ୍ନତ ଦେଶ ମାନଙ୍କରେ କିମ୍ବା ଉନ୍ନତ୍ତ ସହର ମାନଙ୍କରେ ରାସ୍ତା କଡ ରେ ବ୍ୟବସାୟ କରାଯିବା ବେଆଇନ ବ୍ୟବସାୟ ପାଇଁ ସରକାର ନିର୍ଦ୍ଦିଷ୍ଟ ସ୍ଥାନ ନିରୁପଣ କରିଥାନ୍ତି ଓ ଅନ୍ୟ ସ୍ଥାନ ଗୁଡିକରେ ବ୍ୟବସାୟକୁ ଦୃଢ ହସ୍ତରେ ନିବାରଣ କରିଥାନ୍ତି, ଯାହା ଭୁବନେଶ୍ୱର କ୍ଷେତ୍ରରେ ଅଦୃଶ୍ୟ। ଏ ସବୁ ଦୂରଦୃଷ୍ଟିର ଅଭାବ ଓ ଭୋଟ ପାଇଁ ଲୋକ ପ୍ରୀତିର ପରିଣାମ। ସହର ଗୁଡାକୁ ବ୍ୟବସ୍ଥିତ ଢଙ୍ଗରେ ଗଢିବା ପାଇଁ ଡେଭଲପମେଣ୍ଟ ଅଥୋରୋଟି ମାନ ସୃଷ୍ଟି ହେଲା କିନ୍ତୁ ଉନ୍ନତ ସହର ଗଢି ତୋଳିବା ଟା ସ୍ୱପ୍ନରେ ରହିଗଲା। ରାସ୍ତାରେ ପବ୍ଲିକ ଟ୍ରାନ୍ସପୋର୍ଟକୁ ଯେତେ ଉର୍ନ୍ନତ କରାଯିବ, ଲୋକେ ସେତେ ତାହା ସ୍ୱଳ୍ପ ମୂଲ୍ୟରେ ବ୍ୟବହାର କରିବାକୁ ଆଗଭର ହେବେ ଓ ବ୍ୟକ୍ତିଗତ ଗାଡି ଗଡିବା କମି ଯିବ। ଜନବସତି ବହୁଳ କଲୋନୀ ମଧ୍ୟ ଦେଇ ଛୋଟ ଛୋଟ ଟାଉନ ବସ ଚାଲୁ। ସହରର ଯେଉଁ ସ୍ଥାନ ମାନଙ୍କରେ ଗାଡି ରଖିବା ପାଇଁ ସ୍ଥାନର ଅଭାବ ଅଛି ସେ ଅଂଚଳକୁ ପ୍ରବେଶ ପାଇଁ ଅଧିକ ଫିସ ଆଦାୟ କଲେ, ଗାଡିର ଭିଡ କମିବ। ଗଳି କନ୍ଦିରେ ଗାଡି ରାତିରେ ପାର୍କିଂ କଲେ ଜୋରିମାନା ଆଦାୟ କରାଯିବା ବି ଉଚିତ ହବ। ଗାଡିର ରୋଡ ଟାକ୍ସ ଆଦାୟ ଛଡା ସହର ମଧ୍ୟରେ ଚଳାଚଳ ପାଇଁ ମଧ୍ୟ ଅଲଗା ଟିକସ ଆଦାୟ କରାଗଲେ ଲୋକେ ନିଜ ଗାଡି ବ୍ୟବହାର କମାଇ ସର୍ବ ସାଧାରଣ ଟ୍ରାନ୍ସପୋଟ ବ୍ୟବସ୍ଥାକୁ ଗ୍ରହଣ କରିବେ। ସହରରେ ବର୍ଦ୍ଧିତ କଳେବରକୁ ଆଖିରେ ରଖି ଦୀର୍ଘ ସ୍ଥାୟୀ ବିକଳ୍ପ ବ୍ୟବସ୍ଥା ଓ କିଛି କିଛି ଅପ୍ରୀତିକର ନିଷ୍ପତ୍ତି ନବା ଜରୁରୀ, ନହେଲେ ଖାଲି ମିଛ ଲୁହ ଗଡ଼ାଇ ସମୟ କାଟିବା ଟା ସାରା ହବ ସିନା ଆମ ଭୁବନେଶ୍ୱର ନା, ଅହମଦାବାଦ, ନା ଇନ୍ଦୋର ନା ବିଶାଖାପାଟଣା ଭଳିଆ ବି ହୋଇ ପାରିବ।

**ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ**
ଭୁବନେଶ୍ୱର
ମୋ ୯୪୩୯୪୯୦୦୦୯

# ଆସାମ କଂଗ୍ରେସକୁ ବଡ଼ ଝଟ୍‌କା ଭାଜପାରେ ଯୋଗ ଦେଲେ ଭୁପେନ



ଗୁଆହାଟୀ, ୨୮/୨: ଆସାମ କଂଗ୍ରେସର ପୂର୍ବତନ ସଭାପତି ଭୁପେନ କୁମାର ବୋରା ରବିବାର ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟର ଏକ ବଡ଼ ରାଜନୈତିକ ପଟ ପରିବର୍ତ୍ତନ ହୋଇଛି। ଗୁଆହାଟୀସ୍ଥିତ ଭଜାପା ରାଜ୍ୟ କାର୍ଯ୍ୟାଳୟ ବାଜେପୟୀ ଭବନେର ଦଳର ରାଜ୍ୟ ସଭାପତି ଦିଲୀପ ସାଇକିଆଙ୍କ ଉପସ୍ଥିତିରେ ବୋରା ଦଳେର ଯୋଗେଦଇଛନ୍ତି। ଏହି ଅବସରେର ପୂର୍ବର୍ତନ କଂଗ୍ରେସ କର୍ମୀ ସଞ୍ଜୁ ବୋରା ମଧ୍ୟ ଭାଜପାରେ ସାମିଲ ହୋଇଛନ୍ତି। ଗତ ୧୬ ତାରିଖେର ଭୁପେନ କଂଗ୍ରେସରୁ ଇସ୍ତଫା ଦେଇଥିବା ବେଳେ ନିଷ୍ପତ୍ତି ବଦଳାଇବା ପାଇଁ ରାହୁଲ ଗାନ୍ଧୀଙ୍କ ସେମତ ଦଳର ବରିଷ୍ଠ ନେତାମାନେ ଜୋର୍‌ଦାର ଉଦ୍ୟମ ଚଳାଇଥିଲେ। ଆତ୍ମସମ୍ମାନ ଥିବା ଅସମୀୟା କଂଗ୍ରେସ ଛାଡ଼ି ଭାଜପାରେ ଯୋଗେଦେବ ବୋଲି ବୋରା ଗଣମାଧ୍ୟମକୁ କହିଛନ୍ତି। କଂଗ୍ରେସେର ସେମାନଙ୍କ ଅବସ୍ଥା ମୃତ୍ୟୁ ପୂର୍ବରୁ ମହାଭାରତର କର୍ଣ୍ଣଙ୍କ ଅବସ୍ଥା ଭଳି ବୋଲି ବୋରା ତୁଳନା କରିଛନ୍ତି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, କଂଗ୍ରେସେର ପ୍ରାୟ ୩୩ ବର୍ଷ ଧରି କାମ କରିଥିବା ବୋରାଙ୍କର ଉକ୍ତ ଦଳ ପ୍ରତି ଯେଥଷ୍ଟ ଅବଦାନ ରହିଥିଲା। ଆଜିଠାରୁ ସେ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

# ଚାଇନା ନିର୍ମିତ ରୋବୋଟିକ୍ ଡଗ୍‌କୁ ନେଇ ବିବାଦ

ନୂଆଦିଲ୍ଲୀ, ୨୮/୨: ଭାରତ ସରକାରଙ୍କ ପକ୍ଷରୁ ଆୟୋଜିତ ଏଆଇ ଇମ୍ପାକ୍ଟ ସମିଟରେ ଚାଇନା ନିର୍ମିତ ଏକ ରୋବାଟିକ୍ ଡଗ୍‌କୁ ବୁଧବାର ଘେରାଇ ବିଶ୍ୱବିଦ୍ୟାଳୟ ଗାଲେଗାଟିଆସ୍ ନିଜର ବୋଲି ଦଶାଇର୍ବା ନେଇ ବଡ଼ ବିବାଦ ମୁଣ୍ଡ ଟେକିଛି। ସ୍ୱେଦଶୀ ସମିଟେ୍ର ଚାଇନା ମାଲ୍‌କୁ ପୂରାଇ ନିଜର ବୋଲି ଦାବି କରିବା କେତ ଯୁକ୍ତିଯୁକ୍ତ ବୋଲି ବେିରାଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇବା ସହ ଏହି ପ୍ରସେଙ୍ଗର କେନ୍ଦ୍ରକୁ ଘେରିଛନ୍ତି। ଇତିମେଧ୍ୟର ଉକ୍ତ ଫ୍ଲାଗ୍‌ଶିପ୍ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ ଛାଡ଼ି ଚାଲିଯିବା ପାଇଁ ଗାଲ୍ ଗୋଟିଆସ୍ ୟୁନିଭର୍ସିଟିକୁ ସରକାରଙ୍କ ପକ୍ଷରୁ ନିେର୍ଦ୍ଦଶ ଦିଆଯାଇଛି। ନିଜର ହୋଇ ନ ଥିବା କୌଣସି ଉପକରଣର ପ୍ରଦଶର୍ନ କରାଇବାକୁ ସରକାର ଚାହୁଁନାହାନ୍ତି ବୋଲି ଆଇଟି ସଚିବ ଏସ୍. କ୍ରିଷ୍ଣନ୍ ସେଫଇ ଦେଇଛନ୍ତି। ଶେଷର ଏଭଳି ଦ୍ୱନ୍ଦ୍ୱକୁ ନେଇ ଗାଲେଗାଟିଆସ୍ କ୍ଷମା ମାଗିଛି। ଗତବର୍ଷ ଫେବୃଆରୀର ପ୍ୟାରିସେ୍ର ଏଆଇ ଆକ୍ସନ ସମିଟ୍ ଆୟୋଜିତ ହୋଇଥିଲା। ଚଳିତବର୍ଷ ଭାରତ ସରକାର ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଏଆଇ ଇମ୍ପାକ୍ଟ ସମିଟ୍‌ର ଆୟୋଜନ କରୁଛନ୍ତି।




ସୂଚନା ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଫେବୃଆରୀ ୧୬ରେ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ ଏହି ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଥିବା ବେଳେ ସମିଟ୍ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଆଇ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ଭାରତର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନ, ଆଇଟି ପ୍ରତିଷ୍ଠାନଗୁଡ଼ିକୁ ଏଥିରେ ଭାଗନେଇ ନିଜ ଉପକରଣ ପ୍ରଦଶନର୍ର ସୁଯୋଗ ମିଳିଛି। ଏହି ପରିପ୍ରେକ୍ଷୀର ଘେରାଇ ବିଶ୍ୱବିଦ୍ୟାଳୟ ଗାଲ୍ ଗୋଟିଆସ୍ ୟୁନିଭର୍ସିଟିକୁ ସେଠୋର ଏକ ଷ୍ଟଲ୍ ଦିଆଯାଇଥିଲା। ଉକ୍ତ ଷ୍ଟଲେ୍ର ଥିବା ଏକ ରେବାଟିକ୍ ଡଗ୍‌କୁ ଗାଲ୍ ଗୋଟିଆସ୍ ୟୁନିଭର୍ସିଟି ନିଜ ପ୍ରଡକ୍ଟ କହି ପ୍ରଦର୍ଶନ କରୁଥିଲା ଏବଂ ତା'ର ନାଁ 'ଓରିଅନ୍' ଦିଆଯାଇଥିଲା। ୟୁନିଭର୍ସିଟିର ଯୋଗୋଯାଗ ବିଭାଗ ପ୍ରେଫସର ନେହା ସିଂ 'ଦୂରଦର୍ଶନ' ନ୍ୟୁଜ୍ ଚ୍ୟାନେଲକୁ କହିଥିଲେ, ଏହି ରୋବାଟିକ୍ ଡଗ୍ ଗାଲ୍ ଗୋଟିଆସ୍ ୟୁନିଭର୍ସିଟିର ସେଣ୍ଟର ଅଫ୍ ଏକ୍ସେଲନ୍ସ (ଉତ୍କର୍ଷ କେନ୍ଦ୍ର) ଦ୍ୱାରା ବିକଶିତ ହୋଇଛି। ଆପଣଙ୍କୁ ଓରିଅନ୍‌କୁ ଭେଟିବାକୁ ପଡ଼ିବ। ନେହା ସିଂଙ୍କ ଏହି ମନ୍ତବ୍ୟ ସୋସିଆଲ ମିଡ଼ିଆର ଭାଇରାଲ ହୋଇଥିଲା। କିନ୍ତୁ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀମାେନ ତତ୍‌କ୍ଷଣାତ୍ ଉକ୍ତ ରୋବାକୁ ଚିହ୍ନିପାରିଥିଲେ। ଚାଇନା ପ୍ରସ୍ତୁତ ୟୁନିଟ୍ରି ରୋବାଟିକ୍ସର ମୂଲ୍ୟ ୨,୮୦୦ ଆମେରିକୀୟ ଡଲାର, ଯାହାକୁ ବିଶ୍ୱବ୍ୟାପୀ ଗେବଷଣା ଓ ଶିକ୍ଷା କ୍ଷେତ୍ରର ବହୁଳ ଭାବେ ବ୍ୟବହାର କରାଯାଇଥାଏ। ଏହି ଉପାଖ୍ୟାନ ଭାରତର ଏଆଇ ମହତ୍ତ୍ୱାକାଂକ୍ଷାକୁ ଅଡୁଆର ପକାଇବା ସହ କେନ୍ଦ୍ର ସରକାରଙ୍କୁ ସମାେଲାଚିତ କରିଛି। ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିବାଦ ସୃଷ୍ଟି ହେବା ପୂର୍ବରୁ ଉକ୍ତ ଭିଡିଓ କ୍ଲିପ୍‌କୁ ସୋସିଆଲ ମିଡ଼ିଆର ଶେୟାର କରିଥିଲେ। ଅଶ୍ୱିନୀ ଏଥିର ଲେଖିଥିଲେ, ଭାରତର ସାର୍ବେଭୌମ ମେଡଲ୍‌ଗୁଡ଼ିକ ବୈଶ୍ୱିକ ମାପଦଣ୍ଡ ଅନୁସୋର କାର୍ଯ୍ୟ କରୁଛି। ଏହା ଆମ ଇଞ୍ଜିନିୟର ଓ ନେବୋନ୍ମଷକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ତେବେ ହଟହଟା ହେବା ପେର ଅଶ୍ୱିନୀ ସେହି ପୋଷ୍ଟକୁ ଡିଲିଟ୍ କରି ଦେଇଥିଲେ। ଏହା ଉପେର ତୃଣମୂଳ କେଂଗ୍ରସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର 'ଏକ୍ସ୍'ର ସମାେଲାଚନା କରି କହିଛନ୍ତି, ପୋଷ୍ଟ ଡିଲିଟ୍ କରିଦେଲେ ବାସ୍ତବତା ବଦଳିଯାଏ ନାହିଁ। ଆପଣ ଭାରତକୁ ଉପହାସର ପାତ୍ର କରିେଦଇଛନ୍ତି। ଯଦି ନିଜ ଦାୟିତ୍ୱ ତୁଲାଇପାରୁ ନାହାନ୍ତି ତେେବ ମନ୍ତ୍ରୀପଦ ଛାଡ଼ି ଗାଲ୍ ଗୋଟିଆସ୍‌ର ଘୂଣ୍ଣର୍ ପ୍ରେଫସର ଭାେବ ଯୋଗଦଇପାରନ୍ତି ବୋଲି ମହୁଆ ନିଜ ପୋଷ୍ଟେର ଉଲ୍ଲେଖ କରିଛନ୍ତି। ସେହିପରି କେଂଗ୍ରସ ନେତା ପଓ୍ୱନ ଖେରା କହିଛନ୍ତି, କେେନ୍ଦ୍ରର ଏକ 'ଗାଲ୍ ଗୋଟିଆସ୍ ସରକାର' ଚାଲିଛି। 'ଗାଲ୍ ଗୋଟିଆସ୍ ସରକାର' ଭାେରତର କେବଳ ଗାଲ୍ ଗୋଟିଆସ୍ ଭଳି ବିଶ୍ୱବିଦ୍ୟାଳୟକୁ ପ୍ରୋତ୍ସାହନ ଦେଇଛନ୍ତି। ଭାେରତର ଥିବା ଅେନକ ଅଗ୍ରଣୀ ତଥା ବୈଶ୍ୱିକ ଟେକ୍ ଏକ୍‌ଜିକ୍ୟୁଟିଭ୍ କେଂଗ୍ରସ ଦ୍ୱାରା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନଗୁଡ଼ିକେର ପାଠ ପଢ଼ିଛନ୍ତି। ସେପଟ ବିବାଦୀୟ ଓ ସମାେଲାଚିତ ହେବା ପେର ଉଭୟ ଗାଲେଗାଟିଆସ୍ ଏବଂ ପ୍ରେଫସର ନେହା ସିଂ ଉକ୍ତ ରୋବା ତାଙ୍କ ୟୁନିଭର୍ସିଟି ଦ୍ୱାରା ବିକଶିତ କରାଯାଇନାହିଁ। ୟୁନିଭର୍ସିଟି ଏହାକୁ କେବଳ ନିଜର ବୋଲି ଦାବି କରିନାହିଁ। ଏହା ଦ୍ୱନ୍ଦ୍ୱ ଯୋଗୁ ସୃଷ୍ଟି ହୋଇଥିବା ଏକ ବିବାଦ କହି ବିଶ୍ୱବିଦ୍ୟାଳୟ ପକ୍ଷରୁ କ୍ଷମା ପ୍ରାଥର୍ନା କରାଯାଇଥିବା କୁହାଯାଇଛି। ପ୍ରେଫସର ନେହା ସିଂ ଉକ୍ତ ରୋବା ଡଗ୍ ସମ୍ପକେର୍ ସମ୍ପୂର୍ଣ୍ଣ ଅବଗତ ନ ଥିବାରୁ ଭୁଲ୍ ସୂଚନା ଦେଇଥିଲେ ବୋଲି ଗାଲେଗାଟିଆସ୍ ସେଫଇ ଦେଇଛି। ଆୟୋଜକଙ୍କ ଭାବାବେଗକୁ ବୁଝି ଭାରତ ମଣ୍ଡପମ୍‌ରେ ମିଳିଥିବା ଷ୍ଟଲ୍‌କୁ ଛାଡ଼ି ଦିଆଯାଇଥିବା ଗାଲେଗାଟିଆସ୍ କହିଛି। ସରକାରଙ୍କ ଆଇଟି ସଚିବ ଏସ୍. କ୍ରିଷ୍ଣନ୍ କହିଛନ୍ତି, ନିଜର ହୋଇ ନ ଥିବା କୌଣସି ଉପକରଣକୁ କେହି ନିଜର ବୋଲି ଦାବି କରନ୍ତୁ, ତାହା ସରକାର ଚାହାନ୍ତି ନାହିଁ।

# ଅବକାରୀ ଦୁର୍ନିତୀ ମାମଲା : ଦୋଷମୁକ୍ତ ହେଲେ କେଜ୍ରିଓ୍ୱାଲ



ନୂଆଦିଲ୍ଲୀ, ୨୮/୨: ଅବକାରୀ ଦୁର୍ନୀତି ମାମଲାରେ କେଜରିଓ୍ୱାଲ ଓ ସିସୋଦିଆ ମୁକ୍ତ ପରେ ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଗଣମାଧ୍ୟମରେ ପ୍ରତିକ୍ରିୟା ରଖି କେଜରିଓ୍ୱାଲ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ, ଏହି ସମୟରେ ତାଙ୍କୁ ସିସୋଦିଆ କୋଳେଇ ନେଇଥିଲେ। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲ ଓ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ୨୩ ଜଣଙ୍କୁ ଦିଲ୍ଲୀର ଏକ ଅଦାଲତ ମୁକ୍ତ କରିଛି। ଅଦାଲତର ରାୟ ପରେ କେଜ୍ରିଓ୍ୱାଲ କହିଛନ୍ତି, ଆଜି ଅଦାଲତ ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ମୁକ୍ତ କରିଛନ୍ତି। ଆମେ ସବୁବେଳେ କହିଥିଲୁ ଯେ ସତ୍ୟର ବିଜୟ ହୁଏ। ଆମର ଭାରତୀୟ ଆଇନ ବ୍ୟବସ୍ଥା ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି। ଅମିତ ଶାହ ଏବଂ ମୋଦିଜୀ ମିଶି ଆପକୁ ସମାପ୍ତ କରିବା ପାଇଁ ସବୁଠାରୁ ବଡ଼ ରାଜନୈତିକ ଷଡ଼ଯନ୍ତ୍ର ରଚିଥିଲେ ଏବଂ ଦଳର ୫ଜଣ ବଡ଼ ନେତାଙ୍କୁ ଜେଲରେ ପକାଇ ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଘରୁ ଟାଣି ଆଣି ଜେଲରେ ରଖାଯାଇଥିଲା। କେଜରିଓ୍ୱାଲ ଦୁର୍ନୀତିଗ୍ରସ୍ତ ନୁହଁନ୍ତି। ମୁଁ ମୋ ଜୀବନରେ କେବଳ ସଚ୍ଚୋଟତା ଅର୍ଜନ କରିଛି। ଆଜି ଅଦାଲତ କହିଛି ଯେ କେଜରିଓ୍ୱାଲ, ମନୀଷ ସିସୋଦିଆ ଏବଂ ଆପ ସଚ୍ଚୋଟ ବୋଲି ପ୍ରତିକ୍ରିୟା ରଖିବା ସହ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଏହି ସମୟରେ ମନୀଷ ସିସୋଦିଆ ତାଙ୍କୁ ଆଶ୍ୱାସନା ଦେବା ସହ କୋଳେଇ ନେଉଥିବା ଦେଖାଯାଇଛି.।

ଦିଲ୍ଲୀର ଏକ ଅଦାଲତ ଶୁକ୍ରବାର ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲ, ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଏବଂ ତେଲେଙ୍ଗାନା ଜାଗୃତି ଅଧ୍ୟକ୍ଷ କେ କବିତାଙ୍କ ସମେତ ଦିଲ୍ଲୀ ଅବକାରୀ ନୀତି ମାମଲାରେ ସମସ୍ତ ୨୩ ଅଭିଯୁକ୍ତଙ୍କୁ ମୁକ୍ତ କରିଛି।ସ୍ୱତନ୍ତ୍ର ବିଚାରପତି (ପିସି ଆକ୍ଟ) ଜିତେନ୍ଦ୍ର ସିଂହ ଅଭିଯୁକ୍ତଙ୍କ ବିରୁଦ୍ଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଆରମ୍ଭ ହୋଇଥିବା ମାମଲା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଖାଦ୍ୟରେ ଅପମିଶ୍ରଣ ଭୟ : ପାଣିରୁ ହର୍ଲିକ୍ସ ଯାଏଁ

ଭୁବନେଶ୍ୱର, ୨୮/୨(ଜେଏନ୍‌ଏସ୍) : ରାଜ୍ୟରେ ଏବେ ଖାଦ୍ୟ ପଦାର୍ଥର ଅପମିଶ୍ରଣ ଏକପ୍ରକାର କୋକୁଆ ଭୟ ସୃଷ୍ଟି କରିଛି। ବରଗଡ଼ ଓ କୋରାପୁଟ ଜିଲାକୁ ବାଦ ଦେଲେ ସକାଳୁ ସଞ୍ଜ ଯାଏ ଲୋକେ ଯାହା ଖାଦ୍ୟ ଖାଉଛନ୍ତି ସେଥିରୁ ଅଧିକାଂଶ ଖାଦ୍ୟରେ ଅନ୍ୟ ସମସ୍ତ ଜିଲାରେ ଅପମିଶ୍ରଣ ରହିଛି। ଏପରି କି ଶିଶୁଙ୍କୁ ପ୍ରଦାନ କରାଯାଉଥିବା ପୁଷ୍ଟିଯୁକ୍ତ ଖାଦ୍ୟ ହର୍ଲିକ୍ସ ଓ କ୍ଷୀରରେ ମଧ୍ୟ ଅପମିଶ୍ରଣ ହେଉଛି। ଏଭଳି ଏକ ସାଂଘାତିକ ଖବର ଲୋକଲୋଚନକୁ ଆସିବା ପରେ ରାଜ୍ୟରେ ଏକ ପ୍ରକାର ଆତଙ୍କ ଖେଳିଯାଇଛି। କାହାକୁ ଖାଇବେ ଏବଂ କାହାକୁ ନ ଖାଇବେ ସେଥିନେଇ ସାଧାରଣ ଲୋକେ ସନ୍ଦେହରେ ପଡ଼ି ଯାଇଛନ୍ତି। ତେବେ ଏହି ପ୍ରସଙ୍ଗ ଅଧିକ ଗୁରୁତ୍ୱ ଧାରଣ କରିଛି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉତ୍ତର। ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟର ବୌଦ୍ଧ, ଢେଙ୍କାନାଳ, ଜଗତ୍‌ସିଂହପୁର ଏବଂ ମୟୂରଭଞ୍ଜରେ ହର୍ଲିକ୍ସରେ ଅପମିଶ୍ରଣ ଥିବା ବିଭାଗୀୟ ଯାଞ୍ଚରୁ ଜଣାଯାଇଛି।

ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି, ରାଜ୍ୟ ସରକାର ଖାଦ୍ୟ ଅପମିଶ୍ରଣ ହେଉଥିବା ସମ୍ପର୍କରେ ସମ୍ପୂର୍ଣ୍ଣ ସଜାଗ ଅଛନ୍ତି। ଏଥିନିମନ୍ତେ ଖାଦ୍ୟ ନିରାପତ୍ତା ଆୟୁକ୍ତଙ୍କ ଦ୍ୱାରା ଖାଦ୍ୟ ନିରାପତ୍ତା ଆଇନ-୨୦୦୬ ଅନୁଯାୟୀ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଖାଦ୍ୟ ଅପମିଶ୍ରଣ ରୋକିବା ଦିଗରେ



ରାଜ୍ୟର ସବୁ ଜିଲା ଓ ପୌର ପରିଷଦ ଅଧୀନରେ ଖାଦ୍ୟ ନିରାପତ୍ତା ଅଧିକାରୀମାନଙ୍କୁ ନିଯୁକ୍ତି ଦିଆଯାଇଛି। ବର୍ତ୍ତମାନ ୬୩ ଜଣ ଖାଦ୍ୟ ନିରାପତ୍ତା ଅଧିକାରୀ କାର୍ଯ୍ୟରତ ଅଛନ୍ତି। ନିୟମିତ ଭାବେ ଅପମିଶ୍ରଣ ରୋକିବା ପାଇଁ ସେମାନେ ଖାଦ୍ୟ ବିକ୍ରେତାଙ୍କୁ ଲାଇସେନ୍ସ ଅଫ୍ ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍ ପ୍ରଦାନ କରିବା ସଙ୍ଗେ ସଙ୍ଗେ ନିୟମିତ ଚଢ଼ଉ ସହିତ ବିଭିନ୍ନ ପ୍ରକାର ଖାଦ୍ୟପଦାର୍ଥ ନମୁନା ଯାଞ୍ଚ କରୁଛନ୍ତି। ଖାଦ୍ୟ ଅପମିଶ୍ରଣର ସନ୍ଦେହ ହେଲେ ସମ୍ପୃକ୍ତ ପଦାର୍ଥର ନମୁନା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ପରୀକ୍ଷାଗାରକୁ ପଠାଯାଇ ଯାଞ୍ଚ କରାଯାଉଛି।

ଜନସାଧାରଣଙ୍କ ମଧ୍ୟରେ ସଚେତନତା ଉପରେ ବିଭିନ୍ନ ସମୟରେ କାର୍ଯ୍ୟକ୍ରମ କରାଯାଉଛି। ଏଥିସହିତ ଏକ ଭ୍ରାମ୍ୟମାଣ ପରୀକ୍ଷାଗାର ରାଜ୍ୟର ବ୍ୟବସାୟ ବହୁଳ ଜାଗାରେ ଏବଂ ବିଭିନ୍ନ ପର୍ବପର୍ବାଣିରେ ପହଞ୍ଚି ଖାଦ୍ୟର ମାନ ଯାଞ୍ଚ କରୁଛି। ବିଗତ ଦେଢ଼ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୪-୨୫ ଏବଂ ୨୦୨୫-୨୬ ନଭେମ୍ବର ୨୦୨୫ ମଧ୍ୟରେ ୩୦ ଜିଲାରେ ଶତାଧିକ ଖାଦ୍ୟ ପଦାର୍ଥ ଅପମିଶ୍ରଣ ହୋଇଥିବା ଜଣାଯାଇଛି। ବିଭାଗୀୟ ତଥ୍ୟ ଅନୁଯାୟୀ, ଅନୁଗୋଳରେ ଚା' ସହିତ କରିପାଉଡର ଅପମିଶ୍ରଣଥିବା ଜଣାପଡ଼ିଥିବା ବେଳେ ବାଲେଶ୍ୱରରେ ବିସ୍କୁଟ, ସୋୟାଚଙ୍କ, ମଷ୍ଟାର୍ଡ ଅଏଲ, ଚିକେନ ମସଲା, ଭଦ୍ରକରେ ଚିଲି ସସ୍, ଗରମ ମସଲା, ଚାଇନା ସଲ୍ଟ, ମଷ୍ଟାର୍ଡ ଅଏଲ, କେକ୍, ସୁଜି ଓ ଛତୁଆ, ବଲାଙ୍ଗୀରରେ ବଏଲ୍‌ଡ ରାଇସ୍, ସୁଜି, ନୁଡୁଲ୍ସ, ଚା', ସୋୟାଚଙ୍କ, ବୌଦ୍ଧରେ ହର୍ଲିକ୍ସ ସହ ଛତୁଆ, କଟକରେ ହଳଦୀ ପାଉଡର, ଧନିଆ ପାଉଡର, ଛତୁଆ ଏବଂ ଅଟା, ଦେବଗଡ଼ରେ ଗାଣ୍ଠିଆ, ବାଦାମ ଲଡୁ, ଢେଙ୍କାନାଳରେ ସୁଜି, ହର୍ଲିକ୍ସ, ଚା' ଏବଂ ଡାଟେସ୍, ଗଜପତିରେ ବିସ୍କୁଟ, ସୋୟାଚଙ୍କ, ଚିଲି ପାଉଡର, ହର୍ଲିକ୍ସ ଓ ବେସନ ରହିଛି।

ସେହିପରି ଯାଜପୁରରେ ଚିଲି ପାଉଡର, ଝାରସୁଗୁଡ଼ାରେ ବିସ୍କୁଟ ଓ ସୋୟାବିନ୍ ଅଏଲ, କଳାହାଣ୍ଡିରେ ପାମୋଲିନ୍, ସନଫ୍ଲାଓ୍ୱାର ଅଏଲ୍, କନ୍ଧମାଳରେ ପାମୋଲିନ୍, ସନଫ୍ଲାଓ୍ୱାର ଅଏଲ୍ ଏବଂ ବିସ୍କୁଟ୍, କେନ୍ଦ୍ରାପଡ଼ାରେ ପାମ୍ପଡ୍, ସନଫ୍ଲାୱାର, ବନସ୍ପତି, ମଷ୍ଟାର୍ଡ, ଚକୋଲେଟ, ନୁଡୁଲ୍ସ, କେନ୍ଦୁଝରରେ ଚା', ରାଇସ୍‌ବ୍ରାନ୍ ଅଏଲ, ବିସ୍କୁଟ, ସନଫ୍ଲାଓ୍ୱାର, ଖୋର୍ଦ୍ଧାରେ ସର୍ବାଧିକ ୩୫ରୁ ଅଧିକ ଖାଦ୍ୟରେ ଅପମିଶ୍ରଣ ଥିବା ଯାଞ୍ଚରୁ ଜଣାପଡ଼ିଛି। ଏହାବ୍ୟତୀତ ଅବଶିଷ୍ଟ ଜିଲାରେ ତେଲଠାରୁ ଆରମ୍ଭ କରି ସ୍କିମଡ୍ ମିଲ୍କ ପର୍ଯ୍ୟନ୍ତ ଅଧିକାଂଶ ଖାଦ୍ୟ ପଦାର୍ଥରେ ଅପମିଶ୍ରଣ ଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି । ଚିନି ପ୍ରାୟତଃ ପ୍ରତ୍ୟେକଙ୍କ ଘରେ ଉପଲବ୍ଧ ଥାଏ । ଘର ମାନଙ୍କରେ ସବୁବେଳେ ବ୍ୟବହାର ହେଉଥିବା ଖାଦ୍ୟ ମଧ୍ୟରେ ଚିନି ଅନ୍ୟତମ । ବାସ୍ତବରେ ଭାରତରେ ଅଟା ଏବଂ ଚାଉଳ ପରେ ସବୁଠାରୁ ବ୍ୟବହାର ହେଉଥିବା ଖାଦ୍ୟ ହେଉଛି ଚିନି । ଆଜିକା ସମୟରେ ସବୁ ଜିନିଷ ତ ଭେଜାଲ ହେଉଛି । ଏହି ଧାରାରେ ଚିନି କେମିତି ବାଦ୍ ପଡିବ । ତେବେ ଚିନିରେ ଅପମିଶ୍ରଣ ଆମେ ଜାଣିବା କିପରି ? ପାଣିର ସାହାଯ୍ୟରେ ଚିନିରେ ଅପମିଶ୍ରଣ ଅଛି କି ନାହିଁ ଜାଣିପାରିବେ । ଚିନିରେ କିଛି ଘାତକ କେମିକାଲ୍‌ସ ବ୍ୟତିତ ଚକ୍ ପାଉଡର , ୟୁରିଆ, ୱାସିଙ୍ଗ ସୋଡା ଏବଂ ପ୍ଲାଷ୍ଟିକ୍ କ୍ରିଷ୍ଟଲ ଆଦିର ମିଶ୍ରଣ ହୋଇଥାଏ । ଆସନ୍ତୁ ଜାଣିବା ଚିନିରେ ୟୁରିଆର ମିଶ୍ରଣ ଜାଣିବେ କିପରି ? ଫିଂସାଇ ଦ୍ୱାରା ଏକ ମାଧ୍ୟମ କୁହାଯାଇଛି। ଯେଉଁ ମାଧ୍ୟମ ଦ୍ୱାରା ଆପଣ ଘରେ ମଧ୍ୟ ଏହା ବ୍ୟବହାର କରି ଜାଣିପାରିବେ ଚିନିରେ ୟୁରିଆର ମିଶ୍ରଣ ହୋଇଛି କି ନାହିଁ । ଗୋଟିଏ ଚାମୋଚ ଚିନିକୁ ନେଇ ଏକଗ୍ଲାସ ପାଣିରେ ଭଲରେ ମିଶ୍ରଣ କରିଦିଅନ୍ତୁ। ଏହି ଚିନି ପାଣିକୁ ଶୁଙ୍ଘିକି ଦେଖନ୍ତୁ ଯଦି ଏଥିରେ ୟୁରିଆର ବାସ୍ନା ଆସୁନି ତେବେ କୌଣସି ମିଶ୍ରଣ ହୋଇନାହିଁ। ଆଉ ଯଦି ୟୁରିଆ ସ୍ମେଲ୍ ଆସୁଛି ବୁଝି ନିଅ ଯେ ଏଥିରେ ୟୁରିଆ ମିଶ୍ରଣ ଅଛି ।

# ଧାନ କିଣାରେ ଓଡ଼ିଶାରେ ଜଙ୍ଗଲ ରାଜ୍ ଚାଲିଛି– ଶେଷଦେବ

ଭୁବନେଶ୍ୱର, ୨୮/୨(ଜେଏନ୍‌ଏସ୍) : ଧାନ କିଣାରେ ଓଡ଼ିଶାରେ ଜଙ୍ଗଲ ରାଜ୍ ଚାଲିଛି। ଆଇନ୍ ଶାସନର ଅନ୍ତ ଘଟିଛି। ଶାସନର ଛତ୍ରେ ଛତ୍ରେ ଶୋଷଣ ଦୁର୍ନୀତି ଦେଖାଦେଉଛି। ଧାନ କିଣା ପ୍ରକ୍ରିୟାକୁ ଟିକେ ପରଖିଲେ ଜଣାଯିବ କେମିତି ମିଲର ରାଜରେ ଚାଷୀ ହନ୍ତସନ୍ତ ହେଉଛନ୍ତି। ବିଧାୟକ, ଅମଲାତନ୍ତ୍ର, ମନ୍ତ୍ରୀ, ଜିଲ୍ଲାପାଳ, ଯୋଗାଣ ଅଧିକାରୀ, ସମବାୟ ସମ୍ପାଦକ ଏହି ବ୍ୟବସ୍ଥାରେ ପୂରା ହାତ ଟେକି ଦେଇଛନ୍ତି। ଏଭଳି କେବଳ ରାଜନୈତିକ ଦୃଷ୍ଟିରୁ ଉପାନ୍ତ ଅଞ୍ଚଳ ନୁହେଁ ବରଂ ଖୋଦ୍ ରାଜଧାନୀରେ ଯାଉଥିବା ଖୋର୍ଦ୍ଧା, ପଡ଼ିଶା ଜିଲ୍ଲା ନୟାଗଡ଼, ରାଜନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଭଦ୍ରକ, ସମବାୟ ମନ୍ତ୍ରୀଙ୍କ ଅଞ୍ଚଳ ଯାଜପୁର, ଯୋଗାଣ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ଢେଙ୍କାନାଳ ଅଞ୍ଚଳରେ ମିଲରଙ୍କ ପ୍ରଭାବରେ ଶାସନ କଳ ଅଚଳ ହୋଇପଡ଼ିଛି। ଯେଉଁଠି ସଚେତନ ଲୋକ ମଣ୍ଡିରେ ଝୁଲୁଥିବା ବ୍ୟାନରକୁ ନେଇ ପ୍ରଶ୍ନ କରୁଛନ୍ତି "ମୋ ଧାନ ତ ସାଧାରଣ ହାରା ହାରି ମାନ ଠାରୁ ଭଲ କାଟ କାହିଁକି ହେବ ?" ସେଠି ସମବାୟ ସମ୍ପାଦକମାନେ କହୁଛନ୍ତି ଆପଣଙ୍କ ଧାନ ରଖିଦିଅନ୍ତୁ ଆନାଲାଇଜର ମେସିନରେ ପରୀକ୍ଷା ପରେ ଧାନ ଉଠିବ। ଯେଉଁଠି ଚାଷୀ ପ୍ରତିବାଦ ଶୂନ୍ୟ ସେଠି ମିଲର



ଏଜେଣ୍ଟ ମନଇଚ୍ଛା କାଟ କରି ମଣ୍ଡି ଚଳାଉଛି। ସମବାୟ ସମ୍ପାଦକମାନେ ଚାଷୀଙ୍କୁ ଏଭଳି ଭଡ଼କାଉଛନ୍ତି ଯେ, ଆପଣମାନେ ମାନ ପରୀକ୍ଷା କଥା କହିଲେ ଓ କାଟ ନଦେଲେ ଗାଡ଼ି ଆସିବ ନାହିଁ। ମିଲର ଗାଡ଼ି ନପଠାଇଲେ ଆପଣଙ୍କ ଟୋକନ ତାରିଖ ଗଡ଼ିଯିବ। ଏଭଳି କୃତ୍ରିମ ଭୟ ଦେଖାଇ ସମବାୟ ସମ୍ପାଦକ ଓ ସ୍ଥାନୀୟ ଧାନ ବ୍ୟବସାୟୀମାନେ ଦୁର୍ନୀତିକୁ ସ୍ଥାୟୀ କରିସାରିଲେଣି। ଧାନରେ କଟନୀ ଛଟନୀ ଏଭଳି ନିରନ୍ତର ଚାଲିବା ଦ୍ୱାରା ଅଧିକାଂଶ ଚାଷୀ ଧରିନେଲେଣି ଯେ, ଏହି ଶୋଷଣରୁ ମୁକ୍ତି ନାହିଁ। ତେଣୁ ରାଜ୍ୟରେ ଧାନ କିଣାରେ ସର୍ବନିମ୍ନ ୧,୦୦୦ ରୁ ୧୨୦୦ କୋଟି ଟଙ୍କା ମହାଘୋଟାଲା ହେଉଥିଲା ବେଳେ ପ୍ରମୁଖ ବିରୋଧି ଦଳମାନେ ଏହାକୁ ନେଇ ମୁଖର ହେଉନାହାନ୍ତି। ଯାହା ଦ୍ୱାରା ସନ୍ଦେହ କରାଯାଉଛି ଯେ, ବିଜେଡ଼ି ସମୟରେ ଆର୍ଥିକ ସମ୍ପନ୍ନ ହୋଇଥିବା ମିଲରଙ୍କ କ୍ଷତି ବିଜେଡ଼ି ଚାହୁଁନାହିଁ। ଯେଉଁ ମିଲରମାନେ ସେମାନଙ୍କର କ୍ଷତି ହେଉଛି ବୋଲି କନ୍ଦା କଟା କରି ସଂଘ କରି ରାଜନେତାଙ୍କୁ କୋଟି କୋଟି ଟଙ୍କା ଲାଞ୍ଚ ଦେଇ ନିସ୍ତ୍ରଭ କରାଇଛନ୍ତି, ସେମାନଙ୍କ ସଂପତ୍ତି କାହିଁ କେତେ ଗୁଣ ବଢ଼ିଛି। ଖୋଦ୍ ବିଜେପି ସାଂସଦ ପ୍ରଦୀପ ପୁରହିତ କହିଛନ୍ତି ଯେ, ମିଲ ମାଲିକମାନଙ୍କ ଯଦି ଲାଭ ହେଉନାହିଁ ସେମାନେ ଜଣଙ୍କ ପିଛା ଗୋଟେରୁ ଦଶ ଟି ମିଲ କାହିଁକି କଲେଣି ? ବିଗତ ଦଶନ୍ଧିରେ ମିଲ ମାଲିକ ମାନଙ୍କ ସଂପତ୍ତିର ମୂଲ୍ୟାଙ୍କନ କଲେ ସେମାନେ ଧାନ ମିଲ ଅର୍ଥରୁ ବ୍ୟାପକ ମୁନାଫା ନେଇ ବହୁ ଅନ୍ୟାନ୍ୟ ବ୍ୟବସାୟରେ କୋଟି କୋଟି ଟଙ୍କା ନିବେଶ କରିଛନ୍ତି।

ଅଥଚ୍ ଶାସକ ଦଳ ବରିଷ୍ଠ ଅମଲାଙ୍କୁ ବଶ କରି ୫ରୁ ୭ କେଜି କାଟ କରିବା ବେଳେ ଲବି କରି ସଫଳ ହୋଇଛନ୍ତି। ବିଜେପିର ଜଣେ ବିଧାୟକ ମିଲର ସଂଘର ସଭାପତି ଥିବାରୁ ତାଙ୍କ ଜିଲ୍ଲାରେ ମନଇଚ୍ଛା କ୍ୱିଣ୍ଟାଲ ପିଛା ୮ କେଜି କାଟ ହେଉଛି। ଏହା ଜଙ୍ଗଲ ରାଜ ନୁହେଁତ ଆଉ କଣ ? ବର୍ଷ ବର୍ଷ ଧରି କଟନୀ ଛଟନୀ କରିଥିବା ଆନ୍ଦୋଳନ କରିଥିବା ବିଜେପି ଦଳର ଓ ସରକାରର ଅସମ୍ଭବ ନିରବତା ଯୋଗୁଁ ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କୁ ମିଲର ଲୁଟିବାରେ ସଫଳ ହୋଇଛି। ନବନିର୍ମାଣ ସଂଗଠନ ତରଫରୁ ଏ ନେଇ ଓଡ଼ିଶା ବନ୍ଦ ପାଳନ ହେଲା ପରେ ବି ଯୋଗାଣ ମନ୍ତ୍ରୀ କେବଳ କଟନୀ ଛଟନୀ କଲେ ମିଲ୍ ସିଲ୍ ହେବ ବୋଲି ମିଛ ବୟାନ ଦେଇ ନୀରବ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସଂପାଦକ ଶେଷଦେବ ନନ୍ଦ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତିଙ୍କୁ ଏହି ମହା ଦୁର୍ନୀତିର ତଦନ୍ତ ପାଇଁ ଦାବୀ କରି ସ୍ମାରକ ପତ୍ର ଦେଇଛନ୍ତି। ଯଦି ସରକାର ଏନେଇ କୌଣସି ସକରାତ୍ମକ କାର୍ଯ୍ୟାନୁଷ୍ଠାନ ନନିଅନ୍ତି ତେବେ ବିଭିନ୍ନ ମନ୍ତ୍ରୀଙ୍କୁ ରାସ୍ତାରେ ଅଟକାଇ ଶାନ୍ତି ପୂର୍ଣ୍ଣ ଭାବେ କୈଫିଦ ମଗାଯିବ ବୋଲି ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଓ କାର୍ଯ୍ୟକାରୀ ସଭ୍ୟ ପ୍ରଦ୍ୟୁମ୍ନ ପାଢୀ ପ୍ରେସ୍ ଇସ୍ତାହାରରେ କହିଛନ୍ତି।

# ଅଧିଗ୍ରହଣ ଜମିରେ ଧସେଇ ପଶିଲେ ଗ୍ରାମବାସୀ



ରାଜଗାଙ୍ଗପୁର, ୨୮/୦୨ (ଜେଏନ୍‌ଏସ୍) : ଶିଳ୍ପ ଦ୍ୱାରା ଅଧିକୃତ ଜମି ଦାଖଲ କଲେ ଜମି ମାଲିକ। ଜମିରେ ଲାଲ ପତାକା ଉଡ଼ାଇବା ସହ ପ୍ରଶାସନ ଓ ଶିଳ୍ପ ସଂସ୍ଥାକୁ ଚ୍ୟାଲେଞ୍ଜ କରିଛନ୍ତି ବିଧାୟକ ଓ ଶତାଧିକ ଗ୍ରାମବାସୀ। ଗତ ଡିସେମ୍ବର ୧୩ରେ ଏକ ଶିଳ୍ପ ଦ୍ୱାରା ଲାଞ୍ଜିବେର୍ଣ୍ଣା ସ୍ଥିତ ଖଣି ସମ୍ପ୍ରସାରଣ ପାଇଁ ଖଣିକୁ ଲାଗି ୨୭.୫୧ ଏକର ଜମି ଅଧିଗ୍ରହଣ କରାଯାଇଥିଲା। କିନ୍ତୁ ଜମି ଅଧିଗ୍ରହଣ ବିରୁଦ୍ଧରେ ସେହି ଦିନରୁ ଜମି ମାଲିକ, ୫ଟି ପଞ୍ଚାୟତ ବାସୀ ଓ ଆଖପାଖ ଅଂଚଳର ଶତାଧିକ ଗ୍ରାମବାସୀ ବିରୋଧ କରି ଜମି ଫେରାଇବାକୁ ଦାବୀ କରି ଆସୁଛନ୍ତି। ଫଳରେ ଉକ୍ତ ଶିଳ୍ପସଂସ୍ଥା ସେଠାରେ କାମ ବନ୍ଦ କରିଥିଲା। ଘଟଣାରେ ପୂର୍ବରୁ ରାଜପଥ ଅବରୋଧ କରି ରାଜ୍ୟ ସରକାରଙ୍କୁ ଅବଗତ କରିଥିଲେ ଗ୍ରାମବାସୀ। ଏହାକୁ ରାଜଗାଙ୍ଗପୁର ବିଧାୟକ ସି.ଏସ ରାଜନ ଏକ୍କାଙ୍କ ସହିତ ଏକାଧିକ ଆଦିବାସୀ ନେତା ସମର୍ଥନ ଜଣାଇ ବିଭିନ୍ନ ସମୟରେ ହେଉଥିବା ଆନ୍ଦୋଳନରେ ସାମିଲ ହୋଇ ଆସୁଥିଲେ।

ପ୍ରାୟ ଦୁଇ ମାସ ପରେ ଗତକାଲି ଭୋରରୁ ୧୦ ପ୍ଲାଟୁନ ପୁଲିସ ଫୋର୍ସ ନେଇ ଉକ୍ତ ଶିଳ୍ପସଂସ୍ଥା ଅଧିକୃତ ଜମିରେ ରାସ୍ତା ତିଆରି କରିବାକୁ ଯୋଜନା କରିଥିଲା। ଖବର ପାଇ ଗ୍ରାମବାସୀ ଉପସ୍ଥିତ ହୋଇ ରାସ୍ତା କାମକୁ ବିରୋଧ କରିଥିଲେ। ଉଚ୍ଚ ନ୍ୟାଳୟରେ ଏହା ବିଚାରଧୀନ ରହିଥିବା ବେଳେ ଜମିରେ ରାସ୍ତା ନିର୍ମାଣ ହେଉଛି ବୋଲି ଯୁକ୍ତି ବାଢିଥିଲେ ଗ୍ରାମବାସୀ। ଏହାକୁ ନେଇ ପ୍ରଶାସନ ଏବଂ ବିରୋଧି ମାନଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାରେ ପୁଲିସ ୧୫ ଜଣଙ୍କୁ ରାତି ୧୦ଟା ପର୍ଯ୍ୟନ୍ତ ଥାନାରେ ଅଟକ ରଖିଥିଲେ। ତେବେ ଆଜି ସକାଳୁ ଜମି ଅଧିଗ୍ରହଣ ଜାଗାରେ ଆନ୍ଦୋଳନକୁ ନେତୃତ୍ୱ ନେଉଥିବା ଫୋରମ ଫର ଗ୍ରାମସଭାର ଆହ୍ୱାନ କ୍ରମେ ହଜାର ହଜାର ଗ୍ରାମବାସୀ ଜମା ହୋଇଥିଲେ। ବିଧାୟକ ରାଜନ ଏକ୍କାଙ୍କ ସମେତ ଆଲବଟ କିଣ୍ଡୋ, ବେନେଟିକ ମିଂଜ, ଅରୁଣ ସାମଲ ଓ ବହୁ ନେତା ଉପସ୍ଥିତ ରହିଥିଲେ। ପୁଲିସ ପକ୍ଷରୁ ମଧ୍ୟ ଏକାଧିକ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହିତ ୧୦ ପ୍ଲାଟୁନ ଫୋର୍ସ ଜମା ହୋଇଥିଲେ। ଅପରାହ୍ଣ ପ୍ରାୟ ୨ଟା ସମୟରେ ହଠାତ ଗ୍ରାମବାସୀ ମାନେ "ଜଲ ଜମିନ ଜଙ୍ଗଲ ହମରା ହଏ" ସ୍ଲୋଗାନ ଦେଇ ବ୍ୟାରିକେଟ ଭାଙ୍ଗି ପୁଲିସକୁ ଧକ୍କା ଦେଇ ଅଧିଗ୍ରହଣ ଜମିରେ ପଶିଥିଲେ। ନିଜ ନିଜ ଜମିରେ ଲାଲ ଝଣ୍ଡା ପୋତି ମୁଁ ମୋର ଜମି ଦାଖଲରେ ନେଲି ବୋଲି କହିଥିଲେ। ଏହାସହ ସମ୍ପୂର୍ଣ୍ଣ ୨୭ ଏକର ଜମିର ଚାରିପଟେ ଲାଲ ଝଣ୍ଡା ପୋତିଥିଲେ।

ଜନବାର୍ତ୍ତା
• ସ୍ୱାଭିମାନୀ ଓଡ଼ିଆଙ୍କ ସ୍ୱର •
(JANABARTTA SWABHIMANI ODIANKA SWARA)

# ଝିଅ ଅନ୍ୟଜାତିରେ ବିବାହ କରିବାରୁ ମଲାପରେ ବାପାଙ୍କୁ ମିଳିଲାନି ଚାରି କାନ୍ଧ

ନବରଙ୍ଗପୁର, ୨୮/୨(ଜେଏନ୍ଏସ୍) : ଆଜିର ସଭ୍ୟ ସମାଜରେ ଜାତିପ୍ରଥା ଭଳି ପରମ୍ପରା ବଞ୍ଚିରହିଛି । ଜାତିପ୍ରଥା ଯୋଗୁ ଶବକୁ ମିଳିଲାନି ଚାରି କାନ୍ଧ । ଏପରିକି ବଡ଼ ପୁଅ ମଧ୍ୟ ଆସିଲେନି। ପାଖ ପଡୋଶୀ ଦେଖଣାହାରୀ ହୋଇ ଥିଲେ ମଧ୍ୟ କେହି ମଧ୍ୟ ମୃତକଙ୍କ ଶବକୁ ଛୁଇଁଲେନ। ଶେଷରେ କୌଣସି ଉପାୟ ନପାଇ ମୃତକଙ୍କ ଭଉଣୀ, ଭାଣିଜୀ, ଅନ୍ୟ ଜାତିରେ ବିବାହ କରିଥିବା ସାନ ଝିଅ ଓ ସାନ ପୁଅ ଶବକୁ କାନ୍ଧ ଦେଇ ଶେଷ କୃତ୍ୟ କରିଥିଲେ। ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ କଂଗ୍ରା ଗ୍ରାମରେ। ଜାତିପ୍ରଥାକୁ ନେଇ ଶବଦାହ ନିମନ୍ତେ ଚାରି କନ୍ଧ ଦେବାକୁ ଜାତିଭାଇ ମିଳିଲେନି । ବର୍ତ୍ତମାନ ସରକାର ଜାତିପ୍ରଥାକୁ ନେଇ ଯେତେ କଠୋର ଆଇନକାନୁନ କରିଥିଲେ ମଧ୍ୟ ସଭ୍ୟ ସମାଜରେ ଜାତିପ୍ରଥା ରହିଥିବା ଦେଖିବାକୁ ମିଳୁଛି । ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରା ଗ୍ରାମର ଦୁର୍ଯ୍ୟନ ମାଝୀଙ୍କ ଗତକାଲି ରାତିରେ ଦେହାନ୍ତ ହୋଇଥିଲା। ତାଙ୍କର ଦୁଇ ପୁଅ ଓ ଦୁଇ ଝିଅ। କିନ୍ତୁ, ଦୁଇ ଝିଅ ଅନ୍ୟ ଜାତିର ପୁଅକୁ ବିବାହ କରିଥିବାରୁ ତାଙ୍କର ଦେହାନ୍ତ ହେବା ପରେ ସମାଜ ଲୋକ କାନ୍ଧଦେବାକୁ ଆସିଲେ ନାହିଁ । ଅତି ଦୁଃଖର ବିଷୟ ଯେ ତାଙ୍କର ବଡ଼ ପୁଅ ମଧ୍ୟ ଜାତିପ୍ରଥା ଜାଲରେ ପଡି ବାପାକୁ କାନ୍ଧ ଦେବାକୁ ଆସିନଥିଲେ। ଯାହା ଫଳରେ ଅନ୍ୟ କିଛି ଉପାୟ ନପାଇ ସାନପୁଅ ଶିବ ମାଝୀ , ଅନ୍ୟ ଜାତିରେ ବିବାହ କରିଥିବା ସାନ ଝିଅ ସ୍ୱପ୍ନା ମାଝୀ, ମୃତକଙ୍କ ଭଉଣୀ ଓ ଭାଣିଜୀ ମିଶି ଶବକୁ କାନ୍ଧ ଦେବା ସହ ଶ୍ମଶାନକୁ ନେଇ ସତ୍କାର କରିଥିଲେ । କିଛି ପାଖ ପଡୋଶୀ ଯାଇଥିଲେ ମଧ୍ୟ କେହିଁ ଛୁଇଁ ନଥିଲେ। ଯାହାକୁ ନେଇ ସାନ ପୁଅ ଜାତିପ୍ରଥା ନୀତି ନିୟମ ଉପରେ ଆଙ୍ଗୁଳି ଦେଖାଇବା ସହ ନ୍ୟାୟ ଭିକ୍ଷା କରିଛନ୍ତି । ଦୁନିଆ କେତେ ଆଗକୁ ଯାଇଥିଲେ ମଧ୍ୟ ଆଜି ବି ଲୋକେ ଜାତିପ୍ରଥା ଜାଲରେ ପଡିରହିଛନ୍ତି । ଅନ୍ୟ ଲୋକର କଥାରେ ପଡି ଜାତିପ୍ରଥା ନିୟମକୁ ଚାଲୁ ରଖିଥିବା ମୃତକଙ୍କ ସାନପୁଅ ଅଭିଯୋଗ ଆଣିଛନ୍ତି । ଏବେ ଜାତିରେ ମିଶିଲେ ହିଁ ମୃତକଙ୍କ ଆଗକୁ ଥିବା କାର୍ଯ୍ୟ କରିପାରିବେ ବୋଲି ସମାଜ ଲୋକେ କହୁଥିବା ଅଭିଯୋଗ ଆଣିଛନ୍ତି । ଅନ୍ୟପଟେ ଏଭଳି ଘଟଣାକୁ ନେଇ ଭତରା ସମାଜର ଲୋକେ, ପଡୋଶୀ କିମ୍ବା କୌଣସି ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ପାକିସ୍ତାନୀ ଜେଏଫ-୧୭ ଯୁଦ୍ଧ ବିମାନ ଧରାଶାୟୀ

କାବୁଲ/ପାକିସ୍ତାନ: ଆଫଗାନିସ୍ତାନ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଗତ ସପ୍ତାହରେ ହୋଇଥିବା ପାକିସ୍ତାନୀ ଆକ୍ରମଣର ପ୍ରତିକାର ପାଇଁ ଏହା ଏକ ଅଭିଯାନ ଆରମ୍ଭ କରିଛି। ଆଫଗାନିସ୍ତାନ ସୁରକ୍ଷା ବାହିନୀଙ୍କ ଉଦ୍ଧୃତି ଦେଇ ଟୋଲୋ ନ୍ୟୁଜ୍ ଏକ ପାକିସ୍ତାନୀ ଜେଏଫ-୧୭ ଯୁଦ୍ଧ ବିମାନକୁ ଗୁଳି କରି ଖସାଇ ଦେଇଥିବା ଦାବି କରିଛି। ଆଫଗାନିସ୍ତାନ ସେନା ଆଫଗାନିସ୍ତାନ ଆକାଶ ସୀମାରେ ଅନୁପ୍ରବେଶ କରିଥିବା ଏକ ପାକିସ୍ତାନୀ ବିମାନକୁ ଗୁଳି କରି ଖସାଇ ଦେଇଛି। ତାଲିବାନ ସହିତ ଜଡିତ ଅନେକ ଗଣମାଧ୍ୟମ ଆକାଉଣ୍ଟ ପାକିସ୍ତାନୀ ବିମାନକୁ ଗୁଳି କରି ଖସାଇ ଦେଇଥିବା ଦାବି କରିଛି। ତାଲିବାନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ପାକିସ୍ତାନୀ ବିମାନକୁ ଧକ୍କା ଦେଇଥାଇପାରେ। ଆଫଗାନିସ୍ତାନର ଇସଲାମିକ୍ ଏମିରେଟ୍‌ର ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତ୍ତିରେ ଦାବି କରିଛି ଯେ ଡୁରାଣ୍ଡ ରେଖା ପାଖରେ ପାକିସ୍ତାନୀ ସାମରିକ ସରକାରୀ ପଦବି ବିରୁଦ୍ଧରେ ଆଫଗାନିସ୍ତାନ ସେନାର ପ୍ରତିରକ୍ଷା ଅଭିଯାନ ସେନା ମୁଖ୍ୟ ଫସିହୁଦ୍ଦିନ ଫିତରତଙ୍କ ନିର୍ଦ୍ଦେଶରେ ଦିନ ୧୨:୦୦ ଟାରେ ଶେଷ ହୋଇଥିଲା। ବିବୃତ୍ତି ଅନୁଯାୟୀ ଏହି ଅଭିଯାନରେ ୫୫ ଜଣ ପାକିସ୍ତାନୀ ସାମରିକ ସରକାରୀ ସୈନିକ ନିହତ ହୋଇଛନ୍ତି। ଆଫଗାନିସ୍ତାନ ସେନା ଅନେକ ପାକିସ୍ତାନୀ ସୈନିକଙ୍କ ମୃତଦେହ ଜବତ କରିଛି। ତାଲିବାନ ମଧ୍ୟ ଅନେକ ପାକିସ୍ତାନୀ ସୈନିକଙ୍କୁ ଜୀବନ୍ତ ଧରିଥିବା ଦାବି କରିଛି। ଆଫଗାନ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ବିବୃତ୍ତିରେ ଏହା ମଧ୍ୟ କୁହାଯାଇଛି ଯେ ଏହି ଅଭିଯାନ ସମୟରେ, ଆଫଗାନ ସେନା ଦୁଇଟି ସାମରିକ ସରକାରୀ ମୁଖ୍ୟାଳୟ ଏବଂ ୧୯ଟି ଚେକ୍‌ପୋଷ୍ଟ କବଜା କରିଥିଲା। ବିବୃତ୍ତିରେ କୁହାଯାଇଛି ଯେ ଆଠ ଜଣ ଆଫଗାନ ସୈନିକ 'ସହିଦ' ହୋଇଛନ୍ତି ଏବଂ ଅନ୍ୟ ୧୧ ଜଣ ଆହତ ହୋଇଛନ୍ତି। ତୋରଖାମରେ ଫେରିବା ପାଇଁ ଏକ ଅସ୍ଥାୟୀ ଶିବିର ଉପରେ ପାକିସ୍ତାନ ସେନାର ବିମାନ ଆକ୍ରମଣରେ ମହିଳା ଏବଂ ଶିଶୁ ସମେତ ୧୩ ଜଣ ଆହତ ହୋଇଥିଲେ। ମନ୍ତ୍ରଣାଳୟ କହିଛି ଯେ ଆଫଗାନ କ୍ଷେତ୍ରରେ ପାକିସ୍ତାନୀ ସାମରିକ ସରକାରଙ୍କ ଦ୍ୱାରା ସମ୍ପ୍ରତି କରାଯାଇଥିବା ବିମାନ ଆକ୍ରମଣର ଜବାବରେ ଏହି ଅପରେସନଗୁଡ଼ିକ କରାଯାଇଥିଲା। ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲି ଜର୍ଦ୍ଦାରୀ ଏକ ବିବୃତ୍ତି ଜାରି କରି କହିଛନ୍ତି ଯେ, ପାକିସ୍ତାନ ଶାନ୍ତି ଏବଂ ଅଞ୍ଚଳର ଏକତା ସହିତ ସାଲିସ କରିବ ନାହିଁ। ଆମର ସେନାର ପ୍ରତିକ୍ରିୟା ସମ୍ପୂର୍ଣ୍ଣ ଏବଂ ନିର୍ଣ୍ଣାୟକ। ଯେଉଁମାନେ ଆମର ଶାନ୍ତିକୁ ଦୁର୍ବଳତା ବୋଲି ଭୁଲ କରନ୍ତି ସେମାନଙ୍କୁ କଡ଼ା ଜବାବ ଦିଆଯିବ। ଏବଂ କେହି ଆମର ପହଞ୍ଚିବା ବାହାରେ ରହିବେ ନାହିଁ। ଆଫଗାନିସ୍ତାନର ଇସଲାମିକ୍ ଏମିରେଟ୍‌ର ମୁଖପାତ୍ର ଜାବିହୁଲ୍ଲା ମୁଜାହିଦ୍ କହିଛନ୍ତି ଯେ କାନ୍ଦାହାର ଏବଂ ହେଲମାଣ୍ଡରେ ଡୁରାଣ୍ଡ ରେଖା ସହିତ ପାକିସ୍ତାନୀ ସାମରିକ ଶାସନ ସୁରକ୍ଷା ଚେକ୍‌ପୋଷ୍ଟ ବିରୁଦ୍ଧରେ ମଧ୍ୟ ଅପରେସନ୍ ଆରମ୍ଭ ହୋଇଛି।

# ମହାନଦୀ ଟ୍ରିବ୍ୟୁନାଲ୍ ଟିମ୍‌ର ଅନୁଧ୍ୟାନ

ଭୁବନେଶ୍ୱର, ୨୮/୨ (ଜେଏନ୍ଏସ୍) : ୨୦୨୩ ମସିହା ମେ' ୧୯ରୁ ୨୮ ତାରିଖ ପର୍ଯ୍ୟନ୍ତ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ୧୦ ଦିନର ଗସ୍ତ ପାଇଁ ରାଜକୋଷରୁ ୫ କୋଟି ୫ ଲକ୍ଷ ୫୮ ହଜାର ୨୯୭ ଟଙ୍କା ଖର୍ଚ୍ଚ ହୋଇଥିଲା । ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଟିମ୍ ଆଜି ପ୍ରାୟ ୩ବର୍ଷ ପରେ ପୁଣିଥରେ ଓଡ଼ିଶା ଆସିଛନ୍ତି । ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଅଧ୍ୟକ୍ଷା ଜଷ୍ଟିସ ବେଲା ଏମ. ତ୍ରିବେଦୀଙ୍କ ନେତୃତ୍ୱରେ ୯ଜଣିଆ ଟିମ୍ ଝାରସୁଗୁଡ଼ାରେ ପହଂଚିଛନ୍ତି। ତେବେ ଟ୍ରିବ୍ୟୁନାଲ ସଦସ୍ୟଙ୍କ ଗସ୍ତ କାର୍ଯ୍ୟସୂଚୀ ପଦାକୁ ଆସିବା ପରେ ଏହାକୁ ନେଇ ବୟାନବାଜି ଆରମ୍ଭ ହୋଇଛି। ବିରୋଧୀ ବିଜେଡି ଏହାକୁ ଟ୍ରିବ୍ୟୁନାଲଙ୍କ ଫ୍ୟାମିଲି ପିକ୍‌ନିକ୍ କହି କଟାକ୍ଷ କରିଥିବାବେଳେ ମହାନଦୀ ବଂଚାଅ ଆନ୍ଦୋଳନର ସଦସ୍ୟମାନେ ଟ୍ରିବ୍ୟୁନାଲଙ୍କ ଗସ୍ତ ପ୍ରତିବାଦରେ ବିରୋଧ ପ୍ରଦର୍ଶନ କରିଛନ୍ତି । ଟ୍ରିବ୍ୟୁନାଲ ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ରହିବେ। ଟ୍ରିବ୍ୟୁନାଲ ସଦସ୍ୟ ଜଷ୍ଟିସ ରବିରଞ୍ଜନ ଓ ଜଷ୍ଟିସ ଇନ୍ଦ୍ରମିତ୍ କୌର କୋଚର ନିଜ ପରିବାର ସହ ଆସିଥିବା ଜଣାପଡ଼ିଛି ।



**ଟ୍ରିବ୍ୟୁନାଲ ଟିମଙ୍କ ୫ଦିନିଆ ଓଡ଼ିଶା ଗସ୍ତ:** ଟ୍ରିବ୍ୟୁନାଲ ଟିମ୍ ଫେବୃଆରୀ ୨୬ ତାରିଖରେ ଝାରସୁଗୁଡ଼ା ବିମାନବନ୍ଦରରେ ପହଂଚିବା ପରେ ହୀରାକୁଦର ଅଶୋକ ନିବାସରେ ରାତ୍ରିଯାପନ କରିବେ । ୨୭ ତାରିଖରେ ହୀରାକୁଦ ବନ୍ଧ, ବୁର୍ଲା ପାୱାର ହାଉସ୍ ଓ ଚିପିଲିମା ପାୱାର ହାଉସ୍ ପରିଦର୍ଶନ କରିବା ସହ ଦେବ୍ରିଗଡ଼ ଅଭୟାରଣ୍ୟ ଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି । ୨୮ ତାରିଖ ସକାଳେ ମା' ସମଲେଶ୍ୱରୀ ମନ୍ଦିର ଦର୍ଶନ ସାରି ସନ୍ଧ୍ୟାରେ ବିମାନ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିବେ। ମାର୍ଚ୍ଚ ୧ ତାରିଖରେ ଲିଙ୍ଗରାଜ ମନ୍ଦିର ଦର୍ଶନ ପରେ ପୁରୀ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବେ ଓ ଅପରାହ୍ନରେ କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ଚନ୍ଦ୍ରଭାଗା କୁଶଭଦ୍ରା ମୁହାଣ ପରିଦର୍ଶନ କରିବେ । ଶେଷଦିନ ଅର୍ଥାତ ମାର୍ଚ୍ଚ ୨ ତାରିଖରେ ଚିଲିକାର ସାତପଡ଼ା ଓ ସମୁଦ୍ର ମୁହାଣକୁ ବୁଲି ଦେଖି ରାତିରେ ଦିଲ୍ଲୀ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଗୃହ ବିଭାଗ ସୂତ୍ରରୁ ଜଣାପଡ଼ିଛି ।

ଗୃହ ବିଭାଗର ଚିଠି ଅନୁସାରେ, ମହାନଦୀ ଟ୍ରିବ୍ୟୁନାଲର ଅଧ୍ୟକ୍ଷା ଜଷ୍ଟିସ ବେଲା ଏମ. ତ୍ରିବେଦୀଙ୍କ ନେତୃତ୍ୱାଧିନ ଟିମରେ ମୋଟ ୧୩ଜଣ ସଦସ୍ୟ ଅଛନ୍ତି। ଟ୍ରିବ୍ୟୁନାଲ ଦୁଇ ସଦସ୍ୟ ଜଷ୍ଟିସ ରବିରଞ୍ଜନ ଓ ଜଷ୍ଟିସ ଇନ୍ଦ୍ରମିତ୍ କୌର କୋଚରଙ୍କ ସମେତ ଟ୍ରିବ୍ୟୁନାଲର ଦୁଇ ଆସେସର ଏ.କେ. ସିଂହ ଓ କୃଷ୍ଣନୁନି ଏନ.ଏମ, ରେଜିଷ୍ଟ୍ରାର ଚନ୍ଦନ ମୁଖାର୍ଜୀ, ବ୍ୟକ୍ତିଗତ ସଚିବ ଅନିଲ ଦତ୍ତଶର୍ମା, ସୁଜିତ କୁମାର ଗିରି ଓ ସେକ୍ସନ ଅଫିସର ମନୋଜ କୁମାର ପ୍ରମୁଖ ସାମିଲ ରହିଛନ୍ତି। ଦୁଇ ସଦସ୍ୟ ଜଷ୍ଟିସ ରବି ରଞ୍ଜନଙ୍କ ପତ୍ନୀ ସୁନୀତା ରାୟ, ଝିଅ ଭବ୍ୟା ପ୍ରିୟଦର୍ଶନୀ ଓ ନାତିଙ୍କ ସମେତ ଅନ୍ୟତମ ସଦସ୍ୟ ଜଷ୍ଟିସ ଇନ୍ଦ୍ରମିତ୍ କୌର କୋଚରଙ୍କ ସ୍ୱାମୀ ଜଷ୍ଟିସ ଏ.କେ.ପାଠକଙ୍କୁ ମଧ୍ୟ ରାଜ୍ୟ ସରକାର 'ରାଜ୍ୟ ଅତିଥି' ଘୋଷଣା କରିଛନ୍ତି ।

**ଗସ୍ତକୁ ବିଜେଡି ଓ 'ମହାନଦୀ ବଂଚାଅ ଆନ୍ଦୋଳନ'ର ତୀବ୍ର ବିରୋଧ:** ବରିଷ୍ଠ ବିଜେଡି ନେତା ରୋହିତ ପୂଜାରୀ ଏହି ଗସ୍ତକୁ କଡ଼ା ସମାଲୋଚନା କରି କହିଛନ୍ତି ଯେ, ଦୀର୍ଘ ଆଠ ବର୍ଷ ପରେ ଟ୍ରିବ୍ୟୁନାଲ ଓଡ଼ିଶା ଆସୁଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ସମସ୍ୟା ସମାଧାନ ପାଇଁ କୌଣସି ଆନ୍ତରିକତା ନାହିଁ। ଟ୍ରିବ୍ୟୁନାଲ ଟିମର ଏହି ଗସ୍ତ କେବଳ ଏକ 'ଫ୍ୟାମିଲି ପିକନିକ' ସଦୃଶ ବୋଲି ସେ ଅଭିହିତ କରିଛନ୍ତି। ବର୍ତ୍ତମାନର ମୋହନ ମାଝୀ ସରକାର କେବଳ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ଛତିଶଗଡ଼ରେ ବିଜେପି ସରକାର ଥିବା ବେଳେ ଏବଂ କେନ୍ଦ୍ରରେ ମଧ୍ୟ ସମାନ ଦଳର ସରକାର ଥିବାରୁ, ଓଡ଼ିଶାର ସ୍ୱାର୍ଥ ରକ୍ଷା କ୍ଷେତ୍ରରେ ସରକାର ବିଫଳ ହେଉଥିବା ସେ ଦର୍ଶାଇଛନ୍ତି। ମହାନଦୀ ସମସ୍ୟାର ଏକମାତ୍ର ସମାଧାନ ହେଉଛି ଛତିଶଗଡ଼ ଦ୍ୱାରା ନିର୍ମିତ ବ୍ୟାରେଜଗୁଡ଼ିକର ପରିଚାଳନା। ଛତିଶଗଡ଼ରେ ବିଜେପି ଶାସନ କାଳରେ ହିଁ ମହାନଦୀର ଉପର ମୁଣ୍ଡରେ ଅନେକ ବ୍ୟାରେଜ ନିର୍ମାଣ କରାଯାଇଥିଲା, ଯାହା ଫଳରେ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବାହ କମିବାର ଆଶଙ୍କା ରହିଛି। ତେଣୁ ଟ୍ରିବ୍ୟୁନାଲ ଟିମ୍ କେବଳ ବୁଲିବାକୁ ନଆସି ପ୍ରକୃତ ସମସ୍ୟାର ସମାଧାନ ଦିଗରେ ଦୃଢ଼ ପଦକ୍ଷେପ ନେବା ଉଚିତ ବୋଲି ରୋହିତ ପୂଜାରୀ ଦାବି କରିଛନ୍ତି। ସେହିପରି ମହାନଦୀ ବଂଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି ଯେ ଟ୍ରିବ୍ୟୁନାଲଙ୍କ ଏଜେଣ୍ଡାରେ ମହାନଦୀର ଅବସ୍ଥା ଦେଖିବା ନାହିଁ। ଗତ ୭ବର୍ଷ ଧରି ମାମଲା ପଡ଼ି ରହିଥିଲେ ମଧ୍ୟ କୌଣସି ଅନ୍ତରୀଣ ନିର୍ଦ୍ଦେଶ ଦିଆଯାଉ ନାହିଁ। ଟ୍ରିବ୍ୟୁନାଲଙ୍କୁ ଏକ ସ୍ମାରକପତ୍ର ଦେଇ ମହାନଦୀକୁ ନେଇ ତୁରନ୍ତ ଅନ୍ତରୀଣ ଆଦେଶ ଜାରି କରିବାକୁ ଅନୁରୋଧ କରିଛନ୍ତି।

**ବିଜେପିର ପାଲଟା ଜବାବ:** ଅନ୍ୟପଟେ ବିଜେପି ମୁଖପାତ୍ର ଅନିଲ ବିଶ୍ୱାଳ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି ଯେ ଯେଉଁମାନେ ପୂର୍ବରୁ ଟ୍ରିବ୍ୟୁନାଲ ଗଠନ ପାଇଁ ଆନ୍ଦୋଳନ କରୁଥିଲେ, ସେମାନେ ହିଁ ଏବେ ଏହାକୁ ବିରୋଧ କରୁଛନ୍ତି। ୨୦୧୭ ମସିହାରେ ବିଜେପି ଚାହୁଁଥିଲା ଆପୋଷ ବୁଝାମଣା ଜରିଆରେ ବିବାଦର ସମାଧାନ ହେଉ, ମାତ୍ର ସେତେବେଳେ ବିଜେଡି ଏହାକୁ ଗ୍ରହଣ କରିନଥିଲା । ବର୍ତ୍ତମାନ ରାଜ୍ୟରେ 'ଡବଲ ଇଞ୍ଜିନ' ସରକାର ଥିବାରୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି।

**ଟ୍ରିବ୍ୟୁନାଲ ଗସ୍ତରେ ଖର୍ଚ୍ଚ ହୋଇଥିଲା ୫କୋଟି, ଫଳ ଶୂନ:** ସରକାରୀ ଦସ୍ତାବିଜ ଅନୁଯାୟୀ, ୨୦୨୩ ମସିହା ମେ' ୧୯ରୁ ୨୮ ତାରିଖ ପର୍ଯ୍ୟନ୍ତ ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲ ଓଡ଼ିଶା ଗସ୍ତରେ ଆସିଥିଲେ। ଏହି ୧୦ ଦିନର ଗସ୍ତ ପାଇଁ ରାଜକୋଷରୁ ୫ କୋଟି ୫ ଲକ୍ଷ ୫୮ ହଜାର ୨୯୭ ଟଙ୍କା ଖର୍ଚ୍ଚ ହୋଇଥିଲା। ଏଥିରୁ କେବଳ ରହିବା ଓ ଖାଇବା ବାବଦରେ ୧.୮୫ କୋଟି ଟଙ୍କା, ଟେଂଟ ଓ ଅସ୍ଥାୟୀ ଭିତ୍ତିଭୂମି ପାଇଁ ୧.୮୭ କୋଟି ଓ ପରିବହନ ପାଇଁ ୧.୩୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ସେହି ସମୟରେ ଜଷ୍ଟିସ ଖାନୱାଲିକରଙ୍କ ନେତୃତ୍ୱରେ ଟିମ୍ ଝାରସୁଗୁଡ଼ା, ହୀରାକୁଦ, ସାତକୋଶିଆ ଓ ଚିଲିକା ଭଳି ସ୍ଥାନ ବୁଲିଥିଲେ ମଧ୍ୟ ଓଡ଼ିଶା ପାଇଁ କୌଣସି ଅନ୍ତରୀଣ ନିର୍ଦ୍ଦେଶନାମା ଜାରି କରିନଥିଲେ ।

# ଭିଜିଲାନ୍ସ ରେଡ୍‌ରେ ଖଣି ଅଧିକାରୀଙ୍କ ଘରୁ ମିଳିଲା କୋଟି କୋଟି ଟଙ୍କାର ସମ୍ପତ୍ତି

ଭୁବନେଶ୍ୱର, ୨୮/୨(ଜେଏନ୍ଏସ୍) : କଟକ ସର୍କଲ ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କ ଲୋଭକୁ ମାନିବାକୁ ପଡ଼ିବ। ଟଙ୍କା ୩୦ ହଜାର ବି ଛାଡିଲେନି। ଘରେ ଅଛି କୋଟି କୋଟି ଟଙ୍କା ତଥାପି ଲୋଭରେ ୩୦ ହଜାର ନେଲାବେଳେ ଧରା ପଡ଼ିଗଲେ। ଜଣେ କୋଇଲା ବ୍ୟବସାୟୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମାଡି ବସିଲା ଭିଜିଲାନସ୍ । ସବୁଠାରୁ ବଡ଼ କଥା ହେଉଛି ବାବୁଙ୍କ ଲୁକ୍। ସାଧା ସିଧା ଯେମିତି କିଏ ବି ଜାଣି ପାରିବେନି ଏମିତି ଏତେ ବଡ଼ ଜଣେ ଲାଞ୍ଚୁଆ ବୋଲି। ଭୋଲା ଭାଲା ଚେହେରା ତଳେ ଲୁଚି ରହିଥିଲା ଜଘନ୍ୟ ଲାଞ୍ଚୁଆର ଛବି। ଦରମା ପାଉଥିଲେ ଲକ୍ଷେ ୧୨ ହଜାର ଟଙ୍କା। ତାଙ୍କ ଘରୁ ଟ୍ରଲି ବ୍ୟାଗ ଓ ବ୍ୟାଗରୁ ମିଳିଲା ୪ କୋଟି ୨୭ ଲକ୍ଷରୁ ଅଧିକ ଟଙ୍କା। ଏବେ ଆସନ୍ତୁ ଜାଣିବା କେମିତି ବାବୁ କେଉଁଠୁ ଏତେ ଟଙ୍କା ଆଦାୟ କରୁଥିଲେ। କୋଇଲା ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେବା ବେଳେ ଧରାପଡିଲେ ମହାନ୍ତି ବାବୁ। କଟକ ନିର୍ଗୁଣ୍ଡି ଷ୍ଟେସନରେ ମାଲବାହୀ ୱାଗନରୁ କୋଇଲା ଅନଲୋଡ ହୋଇ ଯାଇଥାଏ ଡିପୋକୁ। ଏଥିପାଇଁ ଅନଲାଇନରେ ଗୋଟିଏ କ୍ଲିୟରାନସ୍ ଦରକାର ହୁଏ ଖଣି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ। ଆଉ ଏଠାରେ ଆସେ ଦେବବ୍ରତ ମହାନ୍ତିଙ୍କ ଭୂମିକା। ଏଠାରେ ସେ କୁଆଡ଼େ ଡିମାଣ୍ଡ କରନ୍ତି ୫୦ ରୁ ୬୦ ହଜାର ଟଙ୍କା। ଗୋଟିଏ ଦିନ ଡିଲେ କରିଦେଲେ ପ୍ରାୟ ଏକ ଲକ୍ଷ ଟଙ୍କାର ଲସ ହୁଏ। ଏଥିପାଇଁ ବ୍ୟବସାୟୀମାନେ ବାବୁଙ୍କୁ ଟଙ୍କା ଦେଇ କୁଆଡ଼େ କ୍ଲିୟରାନସ୍ କରାଉଥିଲେ। ଏ ସବୁ ଡିଲ ହେଉଥିଲା ଭୁବନେଶ୍ୱର ପଟିଆରେ ଥିବା ଏକ ଗାଡି ସୋରୁମ୍ ଅଫିସ ନିକଟରେ ଥିବା ବାବୁଙ୍କ ସିକ୍ରେଟ୍ ଅଫିସରେ। ଏହି ସିକ୍ରେଟ୍ ଅଫିସ ଭିତରକୁ କାହାକୁ କୁଆଡ଼େ ମୋବାଇଲ ଫୋନ୍ ଛଡା ଯାଉନଥିଲା। କେବଳ ପିଅନ ହିଁ ମୋବାଇଲ ନେଇ ଯାଇ ପାରିବ। ବୁଧବାର ଏମିତି ଜଣେ କୋଇଲା ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ମାଡି ବସିଥିଲା ଭିଜିଲାନସ୍ ଟିମ୍। ଇଏ ତ ଗଲା କୋଇଲା ବେପାର କଥା ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟକୁ ଦେଖିଲେ ଲାଗୁଛି ବାଲିରୁ ମଧ୍ୟ ବାବୁ ଭଲ ଇନକମ କରୁଥିଲେ। ଏଥିରେ କୁଆଡ଼େ ମହାନ୍ତି ବାବୁଙ୍କ ସମ୍ପର୍କୀୟ ଭିଣୋଇ କିଛି ମାଫିଆ ଆରକ୍ୟୁପି ସାମିଲଥିଲେ। ବାଲିଘାଟରୁ ଟଙ୍କା ନେବା ପାଇଁ କୁଆଡ଼େ ତ୍ରିଶୁଳିଆ ଅଞ୍ଚଳର କିଛି ବାଲି ମାଫିଆଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଆରକ୍ୟୁପି ଓ ଏଜେନ୍ସିମାନେ ବାଲିଘାଟର ମାଇନିଂ ପ୍ଲାନ ସହ ଇସି ଦେବାରେ ଲିଜଧାରୀଙ୍କୁ ସହଯୋଗ କରିଥାନ୍ତି। ନିର୍ଦ୍ଦିଷ୍ଟ ଏକ ଏଜେନ୍ସିକୁ କୁଆଡ଼େ ଗୁରୁତ୍ୱ ଦେଇ ପରୋକ୍ଷରେ କଟକ ଜିଲ୍ଲାର ବିଭିନ୍ନ ବାଲିଘାଟରୁ କମ ସମୟରେ ଟଙ୍କା ଆଦାୟର ବାଟ ବାହାର କରୁଥିଲେ।







## ପ୍ରଥମ ପୃଷ୍ଠାର

### ଓଡ଼ିଶା ରାଜ୍ୟସଭା...

ଆସନ ମିଳିଛି। ବିଜେଡି ଗୋଟିଏ ଆସନ ପାଇପାରିବ। ତେବେ ଚତୁର୍ଥ ଆସନରେ କୌଣସି ଦଳକୁ ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ମିଳୁନାହିଁ। ଗୋଟିଏ ଆସନ ଜିତିବାକୁ ହେଲେ ପ୍ରାର୍ଥୀଙ୍କୁ ବିଧାୟକଙ୍କ ମଧ୍ୟରୁ ୩୦ଟି ପ୍ରଥମ ପସନ୍ଦର ଭୋଟ୍ ଆବଶ୍ୟକ ପଡ଼ିଥାଏ। ଭୋଟିଂ ଏକକ ସ୍ଥାନାନ୍ତରଯୋଗ୍ୟ ଭୋଟ୍ ସହିତ ଏକ ଆନୁପାତିକ ପ୍ରତିନିଧିତ୍ୱ ପ୍ରଣାଳୀ ଅନୁସରଣ କରେ, ଯେଉଁଠାରେ ଦ୍ୱିତୀୟ ପ୍ରାଧାନ୍ୟ ଭୋଟ୍ କାର୍ଯ୍ୟରେ ଆସେ ଯଦି କୌଣସି ପ୍ରାର୍ଥୀ ଆରମ୍ଭରେ କୋଟାରେ ପହଞ୍ଚିନଥାନ୍ତି। ଏହି ବ୍ୟବସ୍ଥାକୁ ଆଧାର କରି ଭୋଟ୍ ମୂଲ୍ୟ ନିର୍ଦ୍ଧାରଣ କରାଯାଏ, ଯାହା ଚତୁର୍ଥ ଆସନ ପାଇଁ ରଣନୈତିକ ମେଣ୍ଟକୁ ଗୁରୁତ୍ୱପୂର୍ଣ୍ଣ କରିଥାଏ। ବିଦାୟୀ ସଦସ୍ୟଙ୍କ ବ୍ୟତୀତ ବିଜେଡିର ଅନ୍ୟ ରାଜ୍ୟସଭା ସଦସ୍ୟମାନେ ହେଲେ ସୁଲତା ଦେଓ, ଦେବାଶିଷ ସାମନ୍ତରାୟ, ଶୁଭାଶିଷ ଖୁଣ୍ଟିଆ, ମାନସ ମଙ୍ଗରାଜ ଓ ସସ୍ମିତ ପାତ୍ର। କେନ୍ଦ୍ର ରେଳ ଓ ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଜେପିର ପ୍ରତିନିଧିତ୍ୱ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ମମତା ମହାନ୍ତି ଓ ସୁଜିତ କୁମାର ମୂଳତଃ ବିଜେଡି ଟିକେଟରେ ନିର୍ବାଚିତ ହୋଇଥିଲେ ମଧ୍ୟ ଗତବର୍ଷ ବିଜେପିରେ ଯୋଗଦେବା ପାଇଁ ଇସ୍ତଫା ଦେଇଥିଲେ ଏବଂ ପୁନର୍ବାର ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ଏଯାଏଁ କୌଣସି ଦଳ ପ୍ରାର୍ଥୀ ଚୟନ କରିନଥିବାରୁ କଳ୍ପନାଜଳ୍ପନା ବଢିବାରେ ଲାଗିଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ ବିଜେପିର କୋର କମିଟି ସମ୍ଭାବ୍ୟ ନାମ ସଂସଦୀୟ ବୋର୍ଡକୁ ପଠାଇଥିବା ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ଘୋଷଣା କରିଛନ୍ତି। ଗୋଟିଏ କିମ୍ବା ଦୁଇ ଦିନ ମଧ୍ୟରେ ଏକ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଛି, ମାର୍ଚ୍ଚ ୫ ସୁଦ୍ଧା ନାମାଙ୍କନ ପତ୍ର ଦାଖଲ କରାଯିବ। ବିଜେପିର ବିଦାୟୀ ସାଂସଦ ସୁଜିତ କୁମାର ଗୁରୁବାର ଦିନ ଦଳୀୟ ନେତାମାନଙ୍କୁ ଭେଟି ବିଜେଡିରୁ ଇସ୍ତଫା ଦେଇଥିବାରୁ ତାଙ୍କୁ ପୁରସ୍କୃତ କରାଯିବ ବୋଲି ଚର୍ଚ୍ଚା ହେଉଛି।

### କଂଗ୍ରେସ ଖେଳିଲା...

କଥା ହେଉଛି, ଭକ୍ତଙ୍କ ଆହ୍ୱାନଙ୍କୁ ନବୀନଙ୍କ ସମର୍ଥନ ପରେ ବର୍ତ୍ତମାନ କଂଗ୍ରେସ ଆଉ କାହାକୁ ଚତୁର୍ଥ ପ୍ରାର୍ଥୀ କରିବ ନା ଘୋଡା ବେପାରରେ ସାମିଲ ହେବ ତାହା ଆଗକୁ ଜଣା ପଡିବ।

### ଠିକାଦାରଙ୍କ ଜିଦ୍...

ମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ଓଡ଼ିଆ ଠିକାଦାରଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ସବୁବେଳେ ଚିନ୍ତା କରୁଛନ୍ତି । ଆଗାମୀ ଦିନରେ ଓଡ଼ିଶାର ଠିକାଦାରମାନେ କିଭଳି ରାଜ୍ୟ ତଥା ରାଜ୍ୟ ବାହାରେ ବଡ଼ ବଡ଼ ପ୍ରକଳ୍ପ ହାତକୁ ନେଇପାରିବେ, ସେଥିପାଇଁ ସରକାର 'ଜଏଣ୍ଟ ଭେଞ୍ଚର' ବ୍ୟବସ୍ଥା ଲାଗୁ କରୁଛନ୍ତି । ଏହାସହ ପ୍ରତିବର୍ଷ 'ସିଡ୍ୟୁଲ୍ ଅଫ୍ ରେଟ୍ ଦ' ପରିବର୍ତ୍ତନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି, ଯାହା ଆସନ୍ତା ମାର୍ଚ୍ଚ ମାସରୁ କାର୍ଯ୍ୟକାରୀ ହେବ । ଏହି ବ୍ୟବସ୍ଥା ଫଳରେ ବଜାର ଦର ଅନୁଯାୟୀ ଠିକାଦାରମାନେ କାମ କରିବାକୁ ସୁଯୋଗ ପାଇବେ । ଦରଦ ଥିଲେ ଦାବି ଶୁଣ ବୋଲି କହିଲା ଠିକାଦାର ମହାସଂଘ। ଅନ୍ୟପକ୍ଷରେ ନିଖିଳ ଓଡ଼ିଶା ଠିକାଦାର ମହାସଂଘର ସଭାପତି ଅନିଲ ମହାଲିକଙ୍କ ନେତୃତ୍ୱରେ କମକର୍ତ୍ତାମାନେ ନେଗେଟିଭ୍ ଟେଣ୍ଡର ପ୍ରକ୍ରିୟାକୁ ବିରୋଧ କରି ନିଜ ଜିଦରେ ଅଟଳ ରହିଛନ୍ତି। ସଭାପତିଙ୍କ ଅଭିଯୋଗ କରିଛନ୍ତି ଯେ, ଗତ ୮ଦିନ ହେବ ଶାନ୍ତିପୂର୍ଣ୍ଣ ଆମରଣ ଅନଶନ ଚାଲିଥିଲେ ମଧ୍ୟ ସରକାର ସେମାନଙ୍କ କଥା ପ୍ରତି କର୍ଣ୍ଣପାତ କରୁନାହାନ୍ତି । ସେକ୍ରେଟେରୀଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ସମାଧାନ ବାହାରି ନାହିଁ । ଯେପର୍ଯ୍ୟନ୍ତ ସରକାର ୩୦ଟି ଜିଲ୍ଲାର ଠିକାଦାରଙ୍କ ଯୌକ୍ତିକ ଦାବିକୁ ଗ୍ରହଣ କରିନାହାନ୍ତି, ସେ ପର୍ଯ୍ୟନ୍ତ ଏହି ଆମରଣ ଅନଶନ ଜାରି ରହିବ ଓ ସରକାରଙ୍କ ଲିଖିତ ପ୍ରତିଶ୍ରୁତି ପରେ ହିଁ ସେମାନେ କାମକୁ ଫେରିବେ ବୋଲି ସଂଘ ସ୍ପଷ୍ଟ କରିଛି ।

ମହାସଂଘ ଯୁକ୍ତି ବାଢ଼ିଛି ଯେ, ବର୍ତ୍ତମାନର ଟେଣ୍ଡର ପ୍ରକ୍ରିୟାରେ ୩୦% ରୁ ୬୦% ପର୍ଯ୍ୟନ୍ତ 'ଲେସ ଦ' ବା ନେଗେଟିଭ୍ ପ୍ରାଇସରେ ଟେଣ୍ଡର ପଡୁଛି । ୧୦୦ ଟଙ୍କାର କାମକୁ ଯଦି କେହି ୪୦ ଟଙ୍କାରେ କରେ, ତେବେ କାର୍ଯ୍ୟର ମାନ କିଭଳି ରହିବ ତାହା ଏକ ବଡ଼ ପ୍ରଶ୍ନ । ବଜାର ଦର ଅନୁଯାୟୀ ସୂଚୀ ଦର ବା ସିଡ୍ୟୁଲ୍ ଅଫ୍ ରେଟ୍ ଆଗରୁ ୨୦-୩୦% କମ୍ ରହିଥିବାବେଳେ ଏହା ଉପରେ ଏଭଳି ନେଗେଟିଭ୍ ଟେଣ୍ଡର ଓଡ଼ିଆ ଠିକାଦାରଙ୍କୁ କ୍ଷତି ପହଂଚାଉଛି । ମନ୍ତ୍ରୀଙ୍କ ଜଏଣ୍ଟ ଭେଞ୍ଚର ଓ ସିକ୍ୟୁରିଟି ବଣ୍ଡ ନିଷ୍ପତ୍ତିକୁ ସ୍ୱାଗତଯୋଗ୍ୟ କିନ୍ତୁ ନେଗେଟିଭ୍ ଟେଣ୍ଡରର ସମାଧାନ ଜରୁରୀ ବୋଲି ମହାସଂଘ କହିଛି ।

### ପାଣ୍ଡିଆନଙ୍କ ବଢ଼ିଲା...

ସଭା ଓ କାର୍ଯ୍ୟକ୍ରମରେ ଜନସମାଗମ ପାଇଁ ସରକାରୀ ଓ ସ୍କୁଲ ବସଗୁଡ଼ିକୁ ବେଆଇନ ଭାବେ ବ୍ୟବହାର କରାଯାଉଥିଲା । ଏପରିକି ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷାରେ ଫେଲ କରିଦେବା କିମ୍ବା ସେମିଷ୍ଟାର ରୋକିଦେବା ଭଳି ଧମକ ଦେଇ ସଭାରେ ଉପସ୍ଥିତ ରହିବାକୁ ବାଧ୍ୟ କରାଯାଉଥିବା ନେଇ ଫଟୋ ଓ ଖବରକାଗଜ କ୍ଲିପିଂକୁ ସେ ପ୍ରମାଣ ଭାବେ ଦେଇଛନ୍ତି ।

ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଇଟାଲୀ ଗସ୍ତ ସମୟରେ ପାଣ୍ଡିଆନଙ୍କ ସହ ଶ୍ରଦ୍ଧା ନାମକ ଜଣେ ମହିଳାଙ୍କ ଉପସ୍ଥିତ ରହିବା ଓ ସେଥିପାଇଁ ହୋଇଥିବା ୮୫ ଲକ୍ଷ ଟଙ୍କାର ଖର୍ଚ୍ଚକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି । ଶ୍ରୀ ପାଣ୍ଡିଆନ ନିଜ ପ୍ରଭାବ ଖଟାଇ ରାଜ୍ୟ ବାହାରେ ଏବଂ ବିଦେଶରେ ବିପୁଳ ପରିମାଣର କଳାଧନ ଠୁଳ କରିବା ସହ ବିଭିନ୍ନ ହୋଟେଲ ଓ ବ୍ୟବସାୟରେ ନିବେଶ କରିଥିବା ଅଭିଯୋଗରେ ଦର୍ଶାଯାଇଛି । ଏହି ସମସ୍ତ ବେଆଇନ କାର୍ଯ୍ୟକଳାପର ନିରପେକ୍ଷ ତଦନ୍ତ କରି ତୁରନ୍ତ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଦାବି ହୋଇଛି ।

## ଶକ୍ତି ଏ ସପ୍ତାହର



ମେଘା
ହରୋସକୋପିଷ୍ଟ ଏବଂ ଫରଚ୍ୟୁନ
ମୋ: ୯୦୭୮୧୬୩୩୭୭

**ମେଷ :** ଚନ୍ଦ୍ର ରାଶି ଅନୁଯାୟୀ ଶନି ଦ୍ୱାଦଶ ଭାବରେ ଥିବା କାରଣରୁ, ରକ୍ତଚାପ, ମଧୁମେହ କିମ୍ବା ମେଦବହୁଳତା ରୋଗୀମାନଙ୍କୁ ଏହି ସପ୍ତାହରେ ନିଜର ବିଶେଷ ଯତ୍ନ ନେବାକୁ ପଡିବ । ଚନ୍ଦ୍ର ରାଶି ସମ୍ବନ୍ଧରେ ରାହୁ ଏକାଦଶ ଭାବରେ ଥିବା କାରଣରୁ, ଯଦି ଆପଣ ଦୀର୍ଘ ସମୟ ଧରି ନିବେଶ କରୁଛନ୍ତି, ତେବେ ଏହି ସପ୍ତାହରେ ଆପଣଙ୍କୁ ଉତ୍ତମ ଲାଭ ମିଳିପାରେ। ଏହି ସପ୍ତାହରେ ଅଫିସରେ ଆପଣଙ୍କୁ ଇଚ୍ଛା ମୁତାବକ ଉତ୍ତମ ଫଳାଫଳ ମିଳିବ ନାହିଁ ।

**ବୃଷ :** ଚନ୍ଦ୍ର ରାଶି ସମ୍ବନ୍ଧରେ ଏକାଦଶ ଭାବରେ ଶନି ସ୍ଥିତ ଥିବା କାରଣରୁ, ଗତ ସପ୍ତାହ ତୁଳନାରେ ଏହି ସପ୍ତାହରେ ଆପଣଙ୍କ ସ୍ୱାସ୍ଥ୍ୟ ଅଧିକ ଭଲ ରହିବ। କେତୁ ଚନ୍ଦ୍ର ରାଶିର ଚତୁର୍ଥ ଭାବରେ ଥିବା କାରଣରୁ, ଏହି ସପ୍ତାହରେ ଆପଣଙ୍କୁ ଅଫିସରେ କାମ କରିବା ଭଳି ଲାଗିବ ନାହିଁ। କାରଣ ନିଜ କ୍ୟାରିୟର ବିଷୟରେ ଆପଣଙ୍କ ମନରେ ଅଳ୍ପ ଦ୍ୱନ୍ଦ ରହିବ।

**ମିଥୁନ :** ଚନ୍ଦ୍ର ରାଶି ଅନୁଯାୟୀ ବୃହସ୍ପତି ପ୍ରଥମ ଭାବରେ ଥିବା କାରଣରୁ, ଆପଣଙ୍କ ଭବିଷ୍ୟଫଳ ସଙ୍କେତ ଦେଉଛି ଯେ, ଆପଣ ଅଧିକ ଚର୍ବି ଯୁକ୍ତ ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ ଏବଂ ଆପଣଙ୍କ ସନ୍ତୁଳିତ ଦିନଚର୍ଯ୍ୟାର ପ୍ରଭାବ ଏହି ସପ୍ତାହରେ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ରୂପେ ଦେଖିବାକୁ ମିଳିବ ଏବଂ ଏହା ଦ୍ୱାରା ଆପଣଙ୍କ ମେଦବହୁଳତା ମଧ୍ୟ କମ ହେବ।

**କର୍କଟ :** ଚନ୍ଦ୍ର ରାଶି ସମ୍ବନ୍ଧରେ ଶନି ନବମ ଭାବରେ ଥିବା କାରଣରୁ, ଏହି ସପ୍ତାହ ସ୍ୱାସ୍ଥ୍ୟ ଦୃଷ୍ଟିରୁ ଭଲ ରହିବ କିନ୍ତୁ କିଛି କଥା ଉପରେ ଅତ୍ୟଧିକ ଚିନ୍ତା କରିବା ଆପଣଙ୍କୁ ମାନସିକ ଚାପ ଦେଇପାରେ। ତେଣୁ, ନିଜର ଏହି ଅଭ୍ୟାସରେ ଆପଣ କିଛି ସୁଧାର ଆଣିବାକୁ ଚେଷ୍ଟା କରିବେ ଯେଉଁଥିରେ ଆପଣଙ୍କୁ ସପ୍ତାହ ଶେଷରେ ସଫଳତା ମିଳିବାର ଯୋଗ ମଧ୍ୟ ବନିପାରେ। ଆପଣଙ୍କ ରାଶିର ଜାତକମାନଙ୍କୁ ଏହି ସପ୍ତାହରେ ଶିକ୍ଷା କ୍ଷେତ୍ରରେ ଆସୁଥିବା ପ୍ରତ୍ୟେକ ପ୍ରକାରର ସମସ୍ୟାରୁ ଆରାମ ମିଳିପାରିବ।

**ସିଂହ :** ବୃହସ୍ପତି ଚନ୍ଦ୍ର ରାଶିର ଏକାଦଶ ଭାବରେ ଥିବା କାରଣରୁ, ଏହି ସପ୍ତାହରେ ଆପଣ ନିଜକୁ ଅନେକାଂଶରେ ସୁସ୍ଥ ମନେ କରିବେ। ଆପଣଙ୍କ ଆର୍ଥିକ ନିଷ୍ପତ୍ତିରେ ସୁଧାର, ଏହି ସପ୍ତାହରେ ଆପଣଙ୍କ ଜୀବନରେ ସକାରାତ୍ମକ ପ୍ରଭାବ ପକାଇପାରେ ଏବଂ ଏହା ଦ୍ୱାରା ଆପଣଙ୍କୁ ପୂର୍ବର ପ୍ରତ୍ୟେକ କ୍ଷତିରୁ ମୁକୁଳିବାରେ ସାହାଯ୍ୟ ମିଳିବ। ଏହି ସପ୍ତାହରେ ଆପଣଙ୍କୁ କିଛି ନୂଆ ଶିଖିବା ପାଇଁ ନିରନ୍ତର ଚେଷ୍ଟା କରିବାକୁ ପଡିବ।

**କନ୍ୟା :** ଚନ୍ଦ୍ର ରାଶି ସମ୍ବନ୍ଧରେ କେତୁ ଦ୍ୱାଦଶ ଭାବରେ ଥିବା କାରଣରୁ, ଏହି ସପ୍ତାହରେ ବିଶେଷ ସାବଧାନତାର ସହିତ ଗାଡି ଚଲାନ୍ତୁ, ବିଶେଷକରି ବୁଲାଣି ରାସ୍ତା ଏବଂ ଛକ ଜାଗାରେ, ନିଜ ଆଖି ଏବଂ କାନ ଖୋଲା ରଖନ୍ତୁ ନଚେତ୍, କିଛି ଦୁର୍ଘଟଣା ଘଟିବାର ସମ୍ଭାବନା ଅଛି। ଏହି ସପ୍ତାହରେ ଆପଣ ନିଜ ସୁଖ ସୁବିଧା ଜିନିଷ ଉପରେ ଏତେ ପଇସା ଖର୍ଚ୍ଚ କରିପାରନ୍ତି, ଯାହାର ଅନୁମାନ ଆପଣଙ୍କୁ ଭବିଷ୍ୟତରେ ହେବ। ବ୍ୟବସାୟ ସହିତ ଜଡିତ ଆପଣଙ୍କ ରାଶିର ଜାତକମାନଙ୍କ ପାଇଁ ଗ୍ରହମାନଙ୍କ ସଂକ୍ରମଣୀୟ ସ୍ଥିତି ଯୋଗୁଁ ଏହି ସପ୍ତାହରେ କ୍ୟାରିୟରରେ ପଦୋନ୍ନତି ପାଇବାର ଅନେକ ଶୁଭ ସୁଯୋଗ ମିଳିବାର ଯୋଗ ବନୁଅଛି।

**ତୁଳା :** ଆପଣ ସବୁବେଳେ ନିଜ ସୁଖ-ସୁବିଧା ପୂରଣ କରିବା ପାଇଁ ପ୍ରତ୍ୟେକ ସମୟରେ ଚେଷ୍ଟା କରୁଥିବା ଦେଖାଯିବେ ଏବଂ ଏହି ସପ୍ତାହରେ ଆପଣଙ୍କ ଏହି ଦୃଷ୍ଟିକୋଣ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ହାନିକାରକ ସିଦ୍ଧ ହେବାର ସମ୍ଭାବନା ରହିବ। ଏହି ସପ୍ତାହରେ ଏହି ରାଶିର ଲୋକମାନଙ୍କୁ ନିଜ ଗୁରୁଜନମାନଙ୍କ ସହିତ ବିବାଦ କରିବାରୁ ବଞ୍ଚିବା ଉଚିତ୍ ନଚେତ୍ ଆପଣଙ୍କ ପ୍ରତିଛବିକୁ କ୍ଷତି ପହଞ୍ଚିବାର ସମ୍ଭାବନା ଅଧିକ ରହିବ, ତେଣୁ ସେମାନଙ୍କ ସହିତ କଥା ହେବା ସମୟରେ ନିଜ ଶବ୍ଦ ଏବଂ ଭାଷାର ବ୍ୟବହାର ଚିନ୍ତା କରି କରନ୍ତୁ।

**ବିଛା :** ଚନ୍ଦ୍ର ରାଶି ଅନୁଯାୟୀ ଶନି ପଞ୍ଚମ ଭାବରେ ଥିବା କାରଣରୁ, ଏହି ସମୟ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ରହିପାରେ। ଏହି ସମୟରେ ଆପଣ ପ୍ରତ୍ୟେକ କାର୍ଯ୍ୟକୁ ପୂର୍ଣ୍ଣ ଶକ୍ତି ସହିତ କରିବାକୁ ଚେଷ୍ଟା କରିବେ ଏବଂ ଏକ ଉତ୍ତମ ସ୍ୱାସ୍ଥ୍ୟର ଆନନ୍ଦ ନେବେ। ଯେଉଁ ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛନ୍ତି ସେମାନଙ୍କ ପାଇଁ ଏହି ସପ୍ତାହ ସାମାନ୍ୟ ଅପେକ୍ଷା ଟିକେ ଅଧିକ ପ୍ରତିକୂଳ ସିଦ୍ଧ ହେବ। କାରଣ, ଏପରି ଆଶଙ୍କା ଅଛି ଯେ, କିଛି କାରଣରୁ ଆପଣଙ୍କ ମନ ବିଚଳିତ ହେବ ।

**ଧନୁ :** ଚନ୍ଦ୍ର ରାଶି ଅନୁଯାୟୀ ଶନି ଚତୁର୍ଥ ଭାବରେ ଥିବା କାରଣରୁ, ଏହି କଥାକୁ ଆପଣ ଭଲଭାବେ ବୁଝନ୍ତି ଯେ, ବହୁତ କିଛି ଆପଣଙ୍କ କାନ୍ଧ ଉପରେ ନିର୍ଭର କରେ ଏବଂ ନିଷ୍ପତ୍ତି ନେବା ପାଇଁ ସ୍ପଷ୍ଟ ବିଚାର ମଧ୍ୟ ଜରୁରୀ। ଏଭଳି ସ୍ଥିତିରେ ଏହି କଥାର ଯତ୍ନ ନେଇ ଆପଣ ନିଜ ଉତ୍ତମ ଜୀବନ ପ୍ରାପ୍ତି ପାଇଁ ବହୁତ ଚେଷ୍ଟା କରିବାରେ ନିଜର ବହୁତ ସମୟ ବିତାଇବେ। ଏହି ସପ୍ତାହରେ ଅର୍ଥ ସମ୍ବନ୍ଧରେ ଗତି ବଜାୟ ରଖିବା ପାଇଁ ଆପଣଙ୍କୁ କମ ପରିଶ୍ରମ ପରେ ଭଲ ଲାଭ ମିଳିପାରିବ।

**ମକର :** କେତୁ ଚନ୍ଦ୍ର ରାଶିର ଅଷ୍ଟମ ଭାବରେ ଥିବା କାରଣରୁ, ଏହି ସପ୍ତାହରେ କିଛି ଜାତକମାନଙ୍କୁ ନିଜ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସହିତ, ହସ୍ପିଟାଲ ମଧ୍ୟ ଯିବାକୁ ପଡିପାରେ। କ୍ୟାରିୟର ରାଶିଫଳର ସଙ୍କେତ ଅନୁଯାୟୀ, ଯଦି ଆପଣ ପେଶାଗତ ଖେଳ ସହିତ ଜଡିତ ଅଛନ୍ତି ଏବଂ କୌଣସି ଭଲ ଚାକିରିରେ କାର୍ଯ୍ୟରତ ଅଛନ୍ତି, ତେବେ ଏହି ସପ୍ତାହ ଆପଣଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ରହିବ କାରଣ ଏହି ସମୟରେ ଆପଣଙ୍କୁ ନିଜ କ୍ଷେତ୍ରରେ ଆଗକୁ ବଢିବାର ଅନେକ ସୁଯୋଗ ମିଳିବାର ଯୋଗ ବନୁଅଛି।

**କୁମ୍ଭ :** ରାହୁ ଚନ୍ଦ୍ର ରାଶିର ପ୍ରଥମ ଭାବରେ ଥିବା କାରଣରୁ, ଏହି ସପ୍ତାହରେ ଆପଣଙ୍କ ସ୍ୱଭାବରେ ନିଜ ସ୍ୱାସ୍ଥ୍ୟକୁ ନେଇ ଅଳ୍ପ ଅଧିକ ସଚେତନତା ଦେଖାଯିବ। ଏହି କାରଣରୁ ଆପଣ ପୂର୍ବ ଅପେକ୍ଷା ଉତ୍ତମ ଖାନ-ପାନ କରୁଥିବା ଦେଖାଯିବେ, ତେଣୁ ନିଜ ଜୀବନଶୈଳୀ ଭଲ ରଖନ୍ତୁ ଏବଂ ଉତ୍ତମ ସ୍ୱାସ୍ଥ୍ୟର ଆନନ୍ଦ ନିଅନ୍ତୁ। ଏହି ସପ୍ତାହରେ, ଅନାବଶ୍ୟକ ଜିନିଷ ଉପରେ ନିଜ ପଇସା ଖର୍ଚ୍ଚ କରିବା ଦ୍ୱାରା ଆପଣଙ୍କ ବାପା-ମାଆ ରାଗିପାରନ୍ତି।

**ମୀନ :** ଚନ୍ଦ୍ର ରାଶି ଅନୁଯାୟୀ ଶନି ପ୍ରଥମ ଘରେ ଥିବା କାରଣରୁ, ଏହି ସପ୍ତାହରେ ଆପଣ ଶାରୀରିକ ଏବଂ ମାନସିକ ଦୃଷ୍ଟିରୁ ଉତ୍ତମ ରହିବେ। ଏହା ବ୍ୟତୀତ, ଆସୁଥିବା ମାନସିକ ଚାପକୁ ନିଜ ଉପରେ ହାବି ହେବାକୁ ଦିଅନ୍ତୁ ନାହିଁ । ଆପଣଙ୍କ ରାଶିର ଜାତକମାନଙ୍କୁ ଏହି ସପ୍ତାହରେ ଶିକ୍ଷା କ୍ଷେତ୍ରରେ ଆସୁଥିବା ପ୍ରତ୍ୟେକ ପ୍ରକାରର ସମସ୍ୟାରୁ ଆରାମ ମିଳିପାରିବ। ଏହି କାରଣରୁ ଆପଣ ଚାପମୁକ୍ତ ଏବଂ ସତେଜ ଅନୁଭବ କରିବେ।

# ଆମେରିକା-ଇରାନ ଯୁଦ୍ଧ ଆରମ୍ଭ

**ନିହାର ପଟ୍ଟନାୟକ**

ସାରା ବିଶ୍ୱରେ ଯୁଦ୍ଧର ବାତାବରଣ ଲାଗିରହିଥିବାବେଳେ ସବୁ ରାଷ୍ଟ୍ର ନିଜର ପ୍ରତିରକ୍ଷା ବ୍ୟବସ୍ଥା ସୁଦୃଢ କରିବାରେ ଲାଗିଛନ୍ତି । ସେଥିପାଇଁ ବିଶ୍ୱରେ ଅସ୍ତ୍ରଶସ୍ତ୍ର ବାବଦ ଖର୍ଚ୍ଚ ଆଶାତୀତ ଭାବରେ ବୃଦ୍ଧିପାଇବାରେ ଲାଗିଛି । ଜନସାଧାରଣଙ୍କ ଟିକସ ବାବଦ ଅର୍ଥ ସ୍ୱାସ୍ଥ୍ୟ, ଶିକ୍ଷା ଓ କଲ୍ୟାଣ ବାବଦରେ ଖର୍ଚ୍ଚ ହେବା ପରିବର୍ତ୍ତେ ତାହା ବିଧ୍ୱଂସୀ ଅସ୍ତ୍ର କିଣିବାରେ ବ୍ୟବହାର କରାଯାଉଛି । ଏ କ୍ଷେତ୍ରରେ ଭାରତର ପ୍ରତିରକ୍ଷା ବଜେଟକୁ ଏକ ଉଦାହରଣ ଭାବରେ ନିଆଯାଇପାରେ । ୨୦୨୪-୨୫ରେ କେନ୍ଦ୍ର ସରକାର ପ୍ରତିରକ୍ଷା ମନ୍ତ୍ରଣାଳୟ ନିମନ୍ତେ ୬,୨୧,୯୪୦.୮୫ କୋଟି ଟଙ୍କାର ବ୍ୟୟ ବରାଦ କରିଥିଲେ । ଏହା ସମସ୍ତ ମନ୍ତ୍ରଣାଳୟ ପାଇଁ କରାଯାଇଥିବା ବ୍ୟୟବରାଦ ମଧ୍ୟରେ ସର୍ବାଧିକ ରହିଥିଲା । ଆତ୍ମନିର୍ଭର ଭାରତକୁ ଦୃଷ୍ଟିରେ ରଖି ପ୍ରତିରକ୍ଷା ବାହିନୀର ଆଧୁନିକୀକରଣ ଏବଂ ଘରୋଇ ସ୍ତରରେ ଅସ୍ତ୍ରଶସ୍ତ୍ର ଖରିଦ ନିମନ୍ତେ ଏଭଳି ପଦକ୍ଷେପ ନିଆଯାଇଥିଲା । ୨୦୨୫-୨୬ ବଜେଟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପାଇଁ ପୂର୍ବବର୍ଷ ତୁଳନାରେ ୯.୫୩ ପ୍ରତିଶତ, ଅର୍ଥାତ୍ ୬,୮୧,୨୧୦.୨୭ କୋଟି ଟଙ୍କାର ବ୍ୟୟବରାଦ କରାଗଲା । ପରବର୍ତ୍ତୀ ସମୟରେ ଅପରେସନ ସିନ୍ଦୁର ଆରମ୍ଭ ହୋଇଥିଲା । ପାକିସ୍ତାନରେ ଆତଙ୍କୀ ଆଡ୍ଡାଗୁଡିକ ଧ୍ୱଂସ କରିବାକୁ ଭାରତ ନିର୍ଦ୍ଦିଷ୍ଟ ଲକ୍ଷ୍ୟଭିତ୍ତିକ ଆକ୍ରମଣ କରିଥିଲା । ତେବେ ତାହା ପୂର୍ଣ୍ଣାଙ୍ଗ ଯୁଦ୍ଧ ରୂପ ନେବା ପୂର୍ବରୁ ସେଥିରେ ଅବସାନ ଘଟିଥିଲା । କିନ୍ତୁ ଅପରେସନ ସିନ୍ଦୁର ଏବେ ମଧ୍ୟ ବଳବତ୍ତର ରହିଛି ବୋଲି ଭାରତ ସରକାର ବାରମ୍ବାର କହିଆସୁଛନ୍ତି । ଏହା ଭିତରେ କେନ୍ଦ୍ର ସରକାର ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାକୁ ଏକାଧିକ ପଦକ୍ଷେପ ଗ୍ରହଣ କରିଛନ୍ତି । ନିକଟରେ ଉପସ୍ଥାପିତ ୨୦୨୬-୨୭ ବଜେଟରେ ୭.୮୫ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହା ୨୦୨୫-୨୬ ତୁଳନାରେ ୧୫.୨ ପ୍ରତିଶତ ଅଧିକ । ଏଥିରେ ମୁଖ୍ୟ ଭାଗ ନୂତନ ଅସ୍ତ୍ରଶସ୍ତ୍ର, ଲଢୁଆ ବିମାନ ଏବଂ ଯୁଦ୍ଧପୋତ କିଣିବା ନିମନ୍ତେ ରଖାଯାଇଛି । ଏଥିରୁ ଭୂ-ରାଜନୈତିକ ଉତ୍ତେଜନା କିଭଳି ରାଷ୍ଟ୍ରଗୁଡିକୁ ଅନ୍ୟ ମୁଖ୍ୟ ବିଷୟଗୁଡିକ ଅପେକ୍ଷା ପ୍ରତିରକ୍ଷା କ୍ଷେତ୍ରକୁ ପ୍ରାଧାନ୍ୟ ଦେବାକୁ ବାଧ୍ୟ କରୁଛି, ତାହା ସ୍ପଷ୍ଟ ଜଣାଯାଉଛି । ପାକିସ୍ତାନ ତାହାର ଚିରାଚରିତ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଥିବାବେଳେ ଭାରତ ତାହାର ଆତଙ୍କବାଦ ନିରୋଧୀ ନୀତିରେ ଅପରିବର୍ତ୍ତିତ ରହିଛି । ଏଭଳି ପରିସ୍ଥିତିରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ଉତ୍ତର ପୂର୍ବ ସୀମାନ୍ତରେ ଚୀନର ବିସ୍ତାରବାଦୀ ନୀତି ଭାରତ ପାଇଁ ଚିନ୍ତା ବଢାଇ ଦେଇଛି ।



ଏବେ ଆସିବା ମୂଳ ପ୍ରସଙ୍ଗକୁ । ଇରାନ ଓ ଆମେରିକା ମଧ୍ୟରେ ଆସନ୍ନ ଯୁଦ୍ଧ ଆଶଙ୍କା କେବଳ ମଧ୍ୟପ୍ରାଚ୍ୟ ନୁହେଁ, ସାରା ବିଶ୍ୱରେ ଚିନ୍ତା ବଢାଇ ଦେଇଛି । କାରଣ ଆମେରିକା ଭଳି ରାଷ୍ଟ୍ର କୌଣସି ପ୍ରତ୍ୟକ୍ଷ ଯୁଦ୍ଧରେ ଲିପ୍ତ ହେଲେ ତାହାର ବ୍ୟାପକ ବାଣିଜ୍ୟିକ, ରାଜନୈତିକ ଓ ଅର୍ଥନୈତିକ ପ୍ରଭାବ ସାରା ବିଶ୍ୱ ଉପରେ ପଡିଥାଏ । ଡୋନାଲଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ହେବାପରେ ଚୀନ, ଭାରତ, ରୁଷ, କାନାଡା ଆଦି ରାଷ୍ଟ୍ରଗୁଡିକ କ୍ଷେତ୍ରରେ ମନଇଚ୍ଛା ଶୁଳ୍କ ଲାଗୁ କରି ଯେଉଁଭଳି ଆତଙ୍କର ବାତାବରଣ ସୃଷ୍ଟି କରିଥିଲେ, ଯୁଦ୍ଧ ହେଲେ ପରିସ୍ଥିତି ଅଧିକ ଖରାପ ହେବା ନିଶ୍ଚିତ ମନେ କରାଯାଉଛି । କାରଣ ରାଷ୍ଟ୍ରଗୁଡିକ ଏବେ ଖାଦ୍ୟ ଠାରୁ ନେଇ ବିଭିନ୍ନ କଞ୍ଚାମାଲ, ଉତ୍ପାଦିତ ସାମଗ୍ରୀ, ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଆଦି ନିମନ୍ତେ ପରସ୍ପର ଉପରେ ନିର୍ଭରଶୀଳ । ଯୁଦ୍ଧ ଲାଗିଲେ କେବଳ ଯେ ରାଷ୍ଟ୍ରଗୁଡିକର ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡିବ ତାହା ନୁହେଁ, ସମୁଦ୍ର ଓ ଆକାଶପଥରେ ଯୋଗାଣ ଶୃଙ୍ଖଳ ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହେବ । ରୁଷ-ୟୁକ୍ରେନ ଯୁଦ୍ଧ ଦ୍ୱାରା କୃଷ୍ଣସାଗର (ବ୍ଲାକ ସି)ରେ ଏଭଳି ପରିସ୍ଥିତି ସମସ୍ତେ ଲକ୍ଷ୍ୟ କରିସାରିଛନ୍ତି । ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କର ମୂଳ ଲକ୍ଷ୍ୟ ହେଉଛି ଇରାନ ହାତରୁ ପରମାଣୁ ଅସ୍ତ୍ରଶସ୍ତ୍ର ରଖିବା କ୍ଷମତାକୁ ଛଡାଇନେବା । କାରଣ ଆମେରିକା ଭଲ ଭାବରେ ଜାଣେ ଯେ, ଯଦି ତାହା ଇରାନ ଉପରେ ଆକ୍ରମଣ କରେ ଏବଂ ତାହା ପରମାଣୁ ଯୁଦ୍ଧ ରୂପ ନିଏ ତେବେ ସମଗ୍ର ବିଶ୍ୱ ପାଇଁ ତାହା ଧ୍ୱଂସର କାରଣ ହେବ ଏବଂ ସେଥିପାଇଁ ଆମେରିକା ଦାୟୀ ରହିବ । କେତେକଙ୍କ ମତରେ ଇରାନ ଇତିମଧ୍ୟରେ ପରମାଣୁ ଅସ୍ତ୍ର ପ୍ରସ୍ତୁତ କରିବାର କ୍ଷମତା ହାସଲ କରିସାରିଛି ଅଥବା ତାହା ପ୍ରସ୍ତୁତ କରିଛି । ଆଉ କେତେକଙ୍କ ମତ, ଆମେରିକାକୁ ଉପଯୁକ୍ତ ଜବାବ ଦେବା ପାଇଁ ଉତ୍ତର କୋରିଆ, ଚୀନ ଭଳି କିଛି ରାଷ୍ଟ୍ର ଇରାନକୁ ଏଭଳି ଅସ୍ତ୍ର ଯୋଗାଇ ସାରିଛନ୍ତି । ଏହାକୁ ଅସ୍ୱୀକାର ମଧ୍ୟ କରାଯାଇପାରିବ ନାହିଁ । କିଛି ମାସ ତଳେ ଆମେରିକା ପକ୍ଷରୁ ଇରାନର ଆଣବିକ ସ୍ଥଳ ଉପରେ ଆକ୍ରମଣ କରାଯାଇଥିଲେ ମଧ୍ୟ ଉକ୍ତ ସ୍ଥାନର ବିଶେଷ କିଛି କ୍ଷତି ଘଟିନଥିଲା । ଏପରିକି ଇରାନର ସର୍ବୋଚ୍ଚ ନେତା ଖାମେନଇଙ୍କୁ ମଧ୍ୟ ଆମେରିକାର ଗୋଇନ୍ଦା ବାହିନୀ ଖୋଜି ବାହାର କରିବାର ଅସମର୍ଥ ହୋଇଥିଲେ । ଖାମେନଇ ଇରାନର ଦୃଢ ମାନସିକ, ରଣନୈତିକ ଶକ୍ତି ହୋଇ ରହିଛନ୍ତି । ଟ୍ରମ୍ପଙ୍କ ଯୁଦ୍ଧ ଧମକର ପାଲଟା ଜବାବ ଦେଇ ଖାମେନଇ ଆମେରିକାର ଶକ୍ତ ମୁକାବିଲା କରିବାକୁ କହିଥିଲେ ମଧ୍ୟ ସେ କୂଟନୈତିକ ଆଲୋଚନା ଦ୍ୱାର ଉନ୍ମୁକ୍ତ ରଖିଛନ୍ତି । ଇରାନ ପରମାଣୁ ଚୁକ୍ତିରେ ସ୍ୱାକ୍ଷର ନକଲେ ପରିଣାମ ଭୟାବହ ହେବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି । ଏହାକୁ ଆଧାର କରି ଟ୍ରମ୍ପ ନିଜର ଯୁଦ୍ଧ ପ୍ରସ୍ତୁତି ଚଳାଇଥିବାବେଳେ ଇରାନ ମଧ୍ୟ ତାହାର କଡା ଜବାବ ଦେବା ଏବଂ ଇସଲାମିକ ରିପବ୍ଲିକ୍‌କୁ ମଜଭୁତ ରଖିବାକୁ ପ୍ରତିବଦ୍ଧ ରହିଛି । ଇତିମଧ୍ୟରେ ଓମାନର ବୈଦେଶିକ ମନ୍ତ୍ରୀ କହିଛନ୍ତି, ଆମେରିକା-ଇରାନ ମଧ୍ୟରେ ପରମାଣୁ ଚୁକ୍ତିରୁ କିଛି ସକାରାତ୍ମକ ନିଷ୍କର୍ଷ ବାହାରିବା ଆଶା ରହିଛି । ତେବେ ୟୁରାନିୟମ ବିଶୋଧନ, ଇରାନ ବିରୋଧରେ ଆମେରିକା ଲଗାଇଥିବା କଟକଣା କୋହଳ କରିବା ଭଳି ପ୍ରସଙ୍ଗକୁ ନେଇ ଏଯାଏ କିଛି ସ୍ପଷ୍ଟ ଚିତ୍ର ମିଳିପାରିନାହିଁ । ଇରାନ କର୍ତ୍ତୃପକ୍ଷ ଯେଉଁଭଳି ଭାବରେ ଆଞ୍ଚଳିକ ସଶସ୍ତ୍ର ଗୋଷ୍ଠୀଗୁଡିକୁ ସମର୍ଥନ ଯୋଗାଇ ଦେଉଛନ୍ତି ତାହା ବନ୍ଦ କରିବା ଏବଂ ଇରାନର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ବନ୍ଦ ରଖିବା ଭଳି ପ୍ରସଙ୍ଗ ଏହି ଆଲୋଚନାରେ ସ୍ଥାନ ପାଇବ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ । ମିଳିଥିବା ଖବର ଅନୁଯାୟୀ ଆମେରିକା ପ୍ରଶାସନ ଇରାନର ନେତୃତ୍ୱଙ୍କୁ ଟାର୍ଗେଟ କରିବା, ଏପରିକି ସେଠାରେ ନେତୃତ୍ୱ ପରିବର୍ତ୍ତନ କରିବା ନିମନ୍ତେ ପ୍ରସ୍ତୁତି ଚଳାଇଛି । ଅନ୍ୟପକ୍ଷରେ ଇରାନ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ରହିଥିବା ଆମେରିକାର ସାମରିକ ଘାଟୀଗୁଡିକୁ ଧ୍ୱଂସ କରିବାକୁ ଧମକ ଦେଇଛି । ସେହି ଆଧାରରେ ଇରାନ ମଧ୍ୟ ନିଜର ସମରସଜ୍ଜା ଆରମ୍ଭ କରିଦେଇଛି । କେତେକଙ୍କ ମତରେ ଇରାନ ଆଲୋଚନା ଟେବୁଲକୁ ଯାଉଥିଲେ ମଧ୍ୟ ତାହା କେବଳ ଲୋକଦେଖାଣିଆ ହୋଇଛି । ତାହା ଭିତରେ ତାକୁ ଯେତିକି ସମୟ ମିଳିବ, ସେହି ସମୟରେ ସେ ନିଜର ସାମରିକ ପ୍ରସ୍ତୁତି ଶେଷ କରିବାକୁ ଯୋଜନା କରିଛି । ଏକ ସୂତ୍ର ଅନୁଯାୟୀ ଇରାନ ନିଜର ଯୁଦ୍ଧାସ୍ତ୍ରଗୁଡିକୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକରେ ମୁତୟନ କରିବା ସହିତ ପରମାଣୁ ସ୍ଥଳଗୁଡିକୁ ଅଧିକ ସୁରକ୍ଷିତ କରିବାରେ ଲାଗିଛି । ତାହାସହିତ ଦେଶଭିତରେ ଚାଲିଥିବା ଆନ୍ଦୋଳନ, ଅଶାନ୍ତିକୁ ଦୃଢ ହସ୍ତରେ ଦମନ କରିବାକୁ ପଦକ୍ଷେପ ନେଉଛି । ୱାଲଷ୍ଟ୍ରିଟ୍ ଜର୍ଣ୍ଣାଲ ସୂତ୍ର ଅନୁଯାୟୀ ଇରାନ ୧୯୮୮ ପରବର୍ତ୍ତୀ ସମୟରେ ସବୁଠାରୁ ଖରାପ ସାମରିକ ପରିସ୍ଥିତିର ସମ୍ମୁଖୀନ ହେଉଛି । ଇରାନ ପ୍ରତିରକ୍ଷା ବାହିନୀର ମୂଳ ଲକ୍ଷ୍ୟ ହେଉଛି ଦେଶର ପରମାଣୁ ସ୍ଥଳ ଏବଂ ଏହାର ନେତୃବୃନ୍ଦଙ୍କୁ ସୁରକ୍ଷା ପ୍ରଦାନ କରିବା । ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ଏକ ଖବର ଅନୁଯାୟୀ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନଇ ଦେଶରେ ସୃଷ୍ଟି ହୋଇଥିବା ସଙ୍କଟ ପରିଚାଳନା, ଉତ୍ତେଜନାକୁ ପ୍ରଶମିତ କରିବା, ବିଦେଶୀ ସହଯୋଗୀମାନଙ୍କ ସହିତ ସମନ୍ୱୟ ରକ୍ଷା କରିବା ଏବଂ ପରମାଣୁ ଆଲୋଚନାର ରୂପରେଖ ପ୍ରସ୍ତୁତି ସହିତ ଯୁଦ୍ଧ ନିମନ୍ତେ ଯୋଜନା କରିବାକୁ ଜଣେ ବିଶିଷ୍ଟ କ୍ଷମତା ଦଲାଲ ତଥା ସୁପ୍ରିମ ନ୍ୟାସନାଲ ସିକ୍ୟୁରିଟି କାଉନସିଲର ସାମ୍ପ୍ରତିକ ମୁଖ୍ୟ ଅଲି ଲାରଜାନିଙ୍କ ସହିତ ଆଲୋଚନା କରିଛନ୍ତି । ଏପରିକି ଦେଶର ସମସ୍ତ ପ୍ରମୁଖ ନେତୃତ୍ୱ ସ୍ତରରେ ଚାରି ସ୍ତରର ଉତ୍ତରାଧିକାର ବ୍ୟବସ୍ଥା ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ଯୁଦ୍ଧ ପରିସ୍ଥିତିରେ ଯୋଗଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହେଲେ ଅଥବା ତାଙ୍କର ମୃତ୍ୟୁ ଘଟିଲେ ସବୁକିଛି ବ୍ୟବସ୍ଥା ଯେଭଳି ଠିକ୍ ଭାବରେ କାର୍ଯ୍ୟ କରିବ, ତାହାକୁ ଦୃଷ୍ଟିରେ ରଖି ସେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି । ଇରାନର ଅନେକ ଧର୍ମୀୟ ଓ ସାମରିକ ନେତୃବୃନ୍ଦଙ୍କର ମତ ଯେ, ତାଙ୍କ ରାଷ୍ଟ୍ର ଯଦି ଆମେରିକାର ପରମାଣୁ ଚୁକ୍ତିରେ ରାଜି ହୋଇଯାଏ ତେବେ ଆମେରିକା ସେମାନଙ୍କ ଦେଶକୁ ବରବାଦ କରିଦେବ ।

ଗତବର୍ଷ ଜୁନରେ ଇସ୍ରାଏଲ ଏବଂ ଆମେରିକା ପକ୍ଷରୁ ଇରାନ ଉପରେ ହୋଇଥିବା ଆକ୍ରମଣରୁ ଇରାନ ଅନେକ କିଛି ଶିକ୍ଷାଲାଭ କରିସାରିଛି । କାରଣ ଆକ୍ରମଣର ପ୍ରଥମ କିଛି ଘଣ୍ଟା ମଧ୍ୟରେ ଇସ୍ରାଏଲ ସେନା ଇରାନର ବରିଷ୍ଠ ସାମରିକ କମାଣ୍ଡ୍ ଚେନ୍‌କୁ ଧ୍ୱସ୍ତ ବିଧ୍ୱସ୍ତ କରିଦେଇଥିଲା । ତେଣୁ ସେଭଳି ସଙ୍କଟ ସ୍ଥିତିରେ ବ୍ୟବସ୍ଥାକୁ କିଭଳି କାଏମ ରଖାଯାଇପାରିବ ତାହା ଇରାନ ପୁନଃ ଡିଜାଇନ କରିବାରେ ଲାଗିଛି । ଏଭଳି ସ୍ଥିତିରେ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ ବାହିନୀ ତାହାର ମୋଜାଇକ ପ୍ରତିରକ୍ଷା ଆଭିମୁଖ୍ୟକୁ ପୁନଃ ମଜଭୁତ କରୁଛି । ସେଥିରେ ଏହା କମାଣ୍ଡରମାନଙ୍କୁ ଆଦେଶ ଦେବା ପାଇଁ ଅଧିକ କ୍ଷମତା ପ୍ରଦାନ କରିଛି । ଏହାଦ୍ୱାରା କେନ୍ଦ୍ରୀୟ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହେଲେ ଅଥବା ବରିଷ୍ଠ ନେତୃବୃନ୍ଦଙ୍କର କୌଣସି କ୍ଷତି ଘଟିଲେ ୟୁନିଟଗୁଡିକ ଲଢେଇ ଜାରି ରଖିପାରିବେ । ଇତିମଧ୍ୟରେ ଅଲ ଜଜିରାକୁ ସାକ୍ଷାତକର ଦେଇ ଲାରଜାନି କହିଛନ୍ତି, ଇରାନ ନିଶ୍ଚିତ ଭାବରେ ପୂର୍ବାପେକ୍ଷା ଏବେ ଅଧିକ ଶକ୍ତିଶାଳୀ ରାଷ୍ଟ୍ର ହୋଇଛି । ଗତ ସାତ ଆଠମାସ ଧରି ସେମାନେ ପ୍ରସ୍ତୁତି କରିଛନ୍ତି । ନିଜର ଦୁର୍ବଳତାକୁ ଠାବ କରି ତାହା ସୁଧାରିଛନ୍ତି । ତେବେ ସେମାନେ ଯୁଦ୍ଧ ଚାହୁଁନାହାନ୍ତି କିମ୍ବା ପ୍ରଥମେ ଯୁଦ୍ଧ ଆରମ୍ଭ କରିବେନାହିଁ । କିନ୍ତୁ ଇରାନକୁ ଯଦି ଯୁଦ୍ଧ ପାଇଁ ବାଧ୍ୟ କରାଯାଏ ତେବେ ତାହା କଡା ପାଲଟା ଜବାବ ଦେବ । ଲାରଜାନିଙ୍କ କଥାକୁ ଦୃଢୀକରଣ କରିବାକୁ ଯାଇ ଇରାନ ଷ୍ଟ୍ରେଟ୍ ଅଫ ହର୍ମୁଜରେ ଯୁଦ୍ଧାଭ୍ୟାସ କରିବା ସହିତ ସଙ୍କେତ ଦେଇଛି ଯେ ଏହା ଉପରେ ଆକ୍ରମଣ କରାଗଲେ ଉକ୍ତ ରାଷ୍ଟ୍ର ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଥିବା ଶତ୍ରୁ ପକ୍ଷର ଘାଟୀ ଓ ସାମରିକ ସ୍ଥଳଗୁଡିକ ଉପରେ ଜୋରଦାର ଆକ୍ରମଣ କରିବ । ହର୍ମୁଜରେ ଏହା ନିଜର ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଦିନକୁ ଦିନ ଧୈର୍ଯ୍ୟହରା ହୋଇପଡୁଛନ୍ତି । ଯେତେଶୀଘ୍ର ସମ୍ଭବ ଇରାନକୁ କବଳିତ କରିବା ଇଚ୍ଛା ତାଙ୍କୁ ଘାରୁଛି । ଆମେରିକା ଚାହୁଁଛି, ଇରାନ ତାହା ଦେଶରେ ୟୁରାନିୟମ ବିଶୋଧନ ବ୍ୟବସ୍ଥା ବନ୍ଦକରୁ । ଯଦ୍ୱାରା ତାହା ପରମାଣୁ ବୋମା ପ୍ରସ୍ତୁତ କରିପାରିବ ନାହିଁ । କିନ୍ତୁ ଇରାନର କହିବା କଥା, ଏହା ଶାନ୍ତି ଉଦ୍ଦେଶ୍ୟରେ ନିଜର ପରମାଣୁ କାର୍ଯ୍ୟକ୍ରମ ଚଳାଇଛି । ଗତଥର ହୋଇଥିବା ୧୨ ଦିନ ଲଢେଇରେ ଇରାନ ନିଜର ପରାଜୟକୁ ସ୍ୱୀକାର କରିନାହିଁ । ଏହାର କହିବା କଥା ଯେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣର ସେମାନେ କଡା ଜବାବ ଦେଇଛନ୍ତି ଏବଂ ପରେ ଯୁଦ୍ଧବିରତି ହୋଇଥିଲା । ଏକ ସୂତ୍ର ଅନୁଯାୟୀ ବିକଳ୍ପ ଭାବରେ ଇରାନ ନିଜର ଅତ୍ୟୁଚ୍ଚ ବିଶୋଧିକ ୟୁରାନିୟମ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ କୌଣସି ବିଦେଶୀ ରାଷ୍ଟ୍ରକୁ ପଠାଇବା ସହିତ ଅବଶିଷ୍ଟ ନିଜ ଦେଶରେ ନଷ୍ଟ କରିବାକୁ ବିଚାର କରୁଛି । ଏହାଦ୍ୱାରା ସେହି ଦେଶ ବିରୋଧରେ ଲାଗିଥିବା କଟକଣାକୁ କୋହଳ କରାଯାଇପାରିବ ଏବଂ ଏହା ନିଜର ପରମାଣୁ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟ ନିମନ୍ତେ ଚଳାଇ ରଖିପାରିବ । ଏହାଦ୍ୱାରା ଉଭୟ ପକ୍ଷ ନିଜର ବିଜୟ ହୋଇଥିବା ଦାବି କରିପାରିବେ । ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି ଯେ, ଟ୍ରମ୍ପଙ୍କର ପ୍ରଥମ ବିକଳ୍ପ ହେଉଛି କୂଟନୈତିକ ପ୍ରୟାସ । ଯଦି କୂଟନୈତିକ ପ୍ରୟାସ ବିଫଳ ହୁଏ ତେବେ ଆମେରିକା ଆକ୍ରମଣ କରିବା ବିଷୟରେ ନିଷ୍ପତ୍ତି ନେବ । କିନ୍ତୁ ବାସ୍ତବ କ୍ଷେତ୍ରରେ ଦୁଇ ଦେଶ ପକ୍ଷରୁ ଯେଉଁଭଳି ରଣସଜ୍ଜା ଚାଲିଛି, ସେଥିରୁ କୂଟନୈତିକ ଆଲୋଚନାର ନିଷ୍କର୍ଷକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଆମେରିକାର ଯୁଦ୍ଧପୋତ ୟୁଏସ୍‌ଏସ୍ ଜେରାଲ୍‌ଡ ଆର.ଫୋର୍ଡ ଇତିମଧ୍ୟରେ ଭୂମଧ୍ୟସାଗରରେ ପହଞ୍ଚି ୟୁଏସଏସ୍ ଆବ୍ରାହାମ ଲିଙ୍କନ ସହିତ ଯୋଗଦେଇଛି । ଗୋଟିଏ ସ୍ଥାନରେ ଆମେରିକାର ଏହି ଦୁଇ ଯୁଦ୍ଧ ପୋତ ମୁତୟନକୁ ବିରଳ ଘଟଣା ଭାବରେ ବିବେଚନା କରାଯାଉଛି, ଯାହା ଇରାନ ଉପରେ ଆସନ୍ନ ଆକ୍ରମଣର ସୂଚନା ଦେଉଛି । ତାହାସହିତ ଆମେରିକା ପକ୍ଷରୁ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ବହୁ ସଂଖ୍ୟାରେ ଲଢୁଆ ବିମାନ ଏବଂ ନୌଶକ୍ତିକୁ ମଧ୍ୟ ମୁତୟନ କରାଯାଉଛି, ଯାହା ୨୦୦୩ ପରବର୍ତ୍ତୀ ସମୟରେ ସର୍ବବୃହତ ପ୍ରସ୍ତୁତି ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ଇରାନ ସୁପରସୋନିକ ଜାହାଜ ବିଧ୍ୱଂସୀ କ୍ରୁଜ କ୍ଷେପଣାସ୍ତ୍ର ଚୀନ ନିକଟରୁ ଖରିଦ କରିବାକୁ ଚୁକ୍ତି କରିସାରିଛି । କେତେକଙ୍କ ମତରେ ଚୀନ ଇତିମଧ୍ୟରେ ଏଭଳି କ୍ଷେପଣାସ୍ତ୍ର ଇରାନକୁ ହସ୍ତାନ୍ତର କରିସାରିଲାଣି । ଏହି କ୍ଷେପଣାସ୍ତ୍ର ୨୯୦ କିଲୋମିଟର ପର୍ଯ୍ୟନ୍ତ ବାୟୁମଣ୍ଡଳର ନିମ୍ନ ଭାଗରେ କ୍ଷିପ୍ର ବେଗରେ ଯାଇ ଲକ୍ଷ୍ୟଭେଦ କରିପାରିବ । ଏହା ଉକ୍ତ ଅଞ୍ଚଳରେ ଥିବା ଆମେରିକାର ନୌଶକ୍ତି ନିମନ୍ତେ ଘାତକ ହେବ ବୋଲି ଅନେକ ସାମରିକ ବିଶେଷଜ୍ଞ ମତ ଦେଇଛନ୍ତି । ଏଭଳି ପରିସ୍ଥିତିରେ ଇରାନରେ ରହୁଥିବା ବିଦେଶୀ ନାଗରିକମାନେ ତୁରନ୍ତ ସେହିଦେଶ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ଭାରତ ସରକାର ମଧ୍ୟ ନିଜ ନାଗରିକମାନଙ୍କୁ ତୁରନ୍ତ ଇରାନ ଛାଡି ଚାଲିଯିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି ।





ତେବେ ଆମେରିକା-ଇରାନ ସମ୍ଭାବ୍ୟ ଯୁଦ୍ଧକୁ ନେଇ ରୁଷ ଏକପ୍ରକାର ଜୁଆ ଖେଳିବାକୁ ଯାଉଛି । ଏହା ଉକ୍ତ ରାଷ୍ଟ୍ର ପାଇଁ ଗୋଟିଏ ପଟେ ବିପଦ ହେବାକୁ ଯାଉଥିବାବେଳେ ଅନ୍ୟପଟେ ସୁଯୋଗ ମଧ୍ୟ ସୃଷ୍ଟି କରିବ ବୋଲି ବିଚାର କରାଯାଉଛି । କାରଣ ଆମେରିକା-ଇରାନ ଯୁଦ୍ଧ ହେଲେ ତାହା କେବଳ ମଧ୍ୟପ୍ରାଚ୍ୟରେ ଭୂରାଜନୈତିକ ପରିସ୍ଥିତିରେ ଓଲଟ ପାଲଟ କରିବ ନାହିଁ, ସମୁଦାୟ ବିଶ୍ୱ ଏହାଦ୍ୱାରା ପ୍ରଭାବିତ ହେବ । ବିଶେଷକରି ଏହା ରୁଷ ଏବଂ ଏହାର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ନିମନ୍ତେ କ୍ଷତିକାରକ ହେବ । କାରଣ ଇରାନ ଦୀର୍ଘକାଳ ଧରି କ୍ରେମଲିନର ମିତ୍ର ହୋଇ ରହିଆସିଛି । ଏପରିକି ଉକ୍ତ ଦୁଇଦେଶ ମଧ୍ୟରେ ଘନିଷ୍ଠ ସାମରିକ ସମ୍ପର୍କ ରହିଛି । ସେମାନଙ୍କ ମଧ୍ୟରେ ପ୍ରଯୁକ୍ତିଗତ ସହଯୋଗ, ମିଳିତ କ୍ଷେପଣାସ୍ତ୍ର ଉତ୍ପାଦନ, ନୌସେନା ଅଭ୍ୟାସ ଏବଂ ରଣକୌଶଳାତ୍ମକ ସହଭାଗୀ ରାଜିନାମା ବଳବତ୍ତର ରହିଛି । ଇରାନରେ ଯଦି ଇସଲାମିକ ଶାସନର ପରିସମାପ୍ତି ଘଟେ ତେବେ ତାହା ପୁଟିନଙ୍କ ପାଇଁ ବିଶାଳ ପରାଜୟ ହେବ । ଅନ୍ୟପକ୍ଷରେ ଏହି ଯୁଦ୍ଧ ରୁଷ ପାଇଁ ସୁଯୋଗ ମଧ୍ୟ ସୃଷ୍ଟି କରିପାରେ ବୋଲି କେତେକ ମତ ଦେଉଛନ୍ତି । କାରଣ ବିଶ୍ୱ ତୈଳ ବଜାରରେ ଉଭୟ ରୁଷ ଓ ଇରାନ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ର ଭାବରେ ପରିଚିତ । ଚୀନ ପ୍ରାୟ ୯୦ ପ୍ରତିଶତ ଇରାନ ତୈଳ ଖରିଦ କରୁଥିବାବେଳେ ରୁଷରୁ ତୈଳ ଖରିଦ ପରିମାଣ ହ୍ରାସ କରିବାରେ ଲାଗିଛି । ଏଭଳି ପରିସ୍ଥିତିରେ ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ଦୀର୍ଘକାଳ ଚାଲିଲେ ତାହା ପୁଟିନଙ୍କ ପାଇଁ ବରଦାନ ସାବ୍ୟସ୍ତ ହେବ । ତେବେ ଏତେସବୁ ଅଙ୍କକଷା ମଧ୍ୟରେ ଦୁଇଦେଶ ମଧ୍ୟରେ ଯୁଦ୍ଧ ଯେ କୌଣସି ରାଷ୍ଟ୍ର ପାଇଁ ଲାଭଜନକ ହେବନାହିଁ, ତାହା ସମସ୍ତେ ଜାଣନ୍ତି । ସେଥିପାଇଁ ଯୁଦ୍ଧ କରାଇନଦେବାକୁ ବିଶ୍ୱ ନେତୃବୃନ୍ଦଙ୍କ ସ୍ତରରେ ମଧ୍ୟ ପରୋକ୍ଷ କୂଟନୈତିକ ପ୍ରଚେଷ୍ଟା ଜାରି ରହିଛି ।

# ଗାନ୍ଧୀ ଫେଁରୁଛନ୍ତି ପରେ 'ମଧ୍ୟାନ୍ତର ନବୀନ' ଆସୁଛି

ଭୁବନେଶ୍ୱର, ୨୮/୦୨ (ଜେଏନଏସ) : ନିକଟରେ ରାଜ୍ୟର ଜଣାଶୁଣା ସାମ୍ବାଦିକ ସୁଧାଂଶୁ ପାତ୍ର ଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଗାନ୍ଧୀ ଫେଁରୁଛନ୍ତି' ଯାହାର ହିନ୍ଦୀ ଅନୁବାଦ 'ଗାନ୍ଧୀ ଲାଉଟେଙ୍ଗେ' ଦିଲ୍ଲୀ ସ୍ଥିତ କନଷ୍ଟିଚ୍ୟୁସନ୍ କ୍ଲବ୍ ଠାରେ ଉନ୍ମୋଚିତ ହେଲା ! କାର୍ଯ୍ୟକ୍ରମରେ ସିପିଆଇଏମ୍‌ଏଲ୍ ର ସାଂସଦ ରାଜାରାମ ସିଂ, ଦିଲ୍ଲି ପ୍ରଦେଶ କଂଗ୍ରେସ କମିଟିର ସଭାପତି, ଡକ୍ଟର ଦେବେନ୍ଦ୍ର ଯାଦବ, ପୂର୍ବତନ ବରିଷ୍ଠ ପ୍ରଶାସକ ଡକ୍ଟର ସତ୍ୟ ନାରାୟନ ସାହୁ, ବରିଷ୍ଠ ସାମ୍ବାଦିକ ଅଶୋକ ୱାଙ୍ଖଡେଙ୍କ ସହ ନୂଆଦିଲ୍ଲୀ ପ୍ରଦେଶ କଂଗ୍ରେସ କମିଟିର ଜିଲ୍ଲା ଅଧ୍ୟକ୍ଷ ମହିନ୍ଦର ମଙ୍ଗୋଲ ଏବଂ ଲେଖକ ସୁଧାଂଶୁ ପାତ୍ର ଉପସ୍ଥିତ ଥିଲେ। ଦେଶରେ ସାମ୍ପ୍ରତିକ ରାଜନୈତିକ ସ୍ଥିତି ଏବଂ ସାମ୍ବିଧାନିକ ସଂସ୍ଥାନ ଗୁଡ଼ିକ ନିଜର ସାମ୍ବିଧାନିକ ମର୍ଯ୍ୟାଦାକୁ ବଜାୟ ନରଖିଲେ, ଆସନ୍ତା ଦିନରେ ଦେଶର ଅବସ୍ଥା କଣ ହେବ ଏବଂ ଯେତେବେଳେ ଦେଶର ଦୁଇ ସାମ୍ବିଧାନିକ ସଂସ୍ଥା ପରସ୍ପରକୁ ଚ୍ୟାଲେଞ୍ଜ କରୁଛି, ସେତିକି ବେଳେ ଦେଶରେ ସମ୍ବିଧାନ ବିପଦରେ ନୁହେଁ ତ ? ଅର୍ଥାତ୍ ଦେଶର



ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଯେତେ ବେଳେ ସାଧାରଣ ଲୋକଙ୍କ ଅଧିକାର କଥା ଉଠାଉଛନ୍ତି, ସେତିକି ବେଳେ ଏହାକୁ ନେଇ ଦେଶର ନିର୍ବାଚନ କମିଶନ କୌଣସି ସ୍ପଷ୍ଟ ଉତ୍ତର କାହିଁକି ରଖୁନାହାନ୍ତି। ସବୁ କଥାକୁ ଦେଖିବା ସତ୍ତ୍ୱେ ଏବଂ ପରଖିବା ସତ୍ତ୍ୱେ ଆଜିର ଗଣମାଧମ ଏତେ ଅସହାୟ କାହିଁକି ? ସତରେ କଣ ଆମର ଶାସନ ବ୍ୟବସ୍ଥା ଏମିତି ଏକ ଅବସ୍ଥା ରେ ପହଞ୍ଚିଲାଣି କି, ଯେଉଁଠି କି ଆମକୁ ପ୍ରତି ମୁହୂର୍ତ୍ତରେ ବଞ୍ଚିବାକୁ ୬ହେଲେ କୌଣସି ନା କୌଣସିର ମିଛ କିମ୍ବା ଭୟର ସାହାରା ନେବାକୁ ପଡିବ? ଆଜିର ସମାଜ ସତରେ କଣ ସେହି ସ୍ୱାଧୀନତା ପାଉଛି କି ?! ଏସବୁ ଏବେ ବି ବିଚାର କରିବାକୁ ପଡିବ। ବାସ୍ତବରେ ୨୦୨୩ରେ ଦେଶର ନିର୍ବାଚନ କମିଶନ ଚୟନ ନେଇ ସଂସଦରେ ଯେଉଁ ସଂଶୋଧନ ଆଣିଲେ, ତା ପରଠାରୁ ଦେଶର ମୁଖ୍ୟ ନିର୍ବାଚନ କମିଶନଙ୍କ ସ୍ୱସ୍ତତାକୁ ନେଇ ପ୍ରଶ୍ନ ଉଠିଛି। ଏବଂ ଦେଶର ବିରୋଧୀ ଦଳ ଭାବେ ଯେଉଁ ଅଭିଯୋଗ ଦେଶର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆଣିଛନ୍ତି, ସେଥିରେ ସ୍ୱଷ୍ଟତା ଆସିବା ଜରୁରୀ। କୌଣସି କଥାକୁ କେବେ ବି ଦେଶର ନିର୍ବାଚନ କୌଣସି ସନ୍ଦେହକୁ ହାୱାରେ ଛାଡି ଦେଇପାରିବ ନାହିଁ। କାରଣ ଦେଶର ସମ୍ପୂର୍ଣ୍ଣ ଭୋଟର ଲିଷ୍ଟର ମାଲିକ ହେଉଛନ୍ତି ଖୋଦ୍ ଦେଶର ନିର୍ବାଚନ କମିଶନ। ଦେଶରେ ନିରପେକ୍ଷ ନିର୍ବାଚନ ଯାହାଙ୍କ ମୁଖ୍ୟ ଦାୟିତ୍ୱ, ସେ କିନ୍ତୁ ସବୁ କଥାରେ ଲୋକଙ୍କ ଭାବାବେଗକୁ ନେଇ ମତ ରଖିଛନ୍ତି। ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ, ରାହୁଲ ଗାନ୍ଧୀ ଯେଉଁ ଭଳି ଗାନ୍ଧୀ ଜି ଙ୍କ ରାସ୍ତାରେ ଲୋକଙ୍କ ହକ ଓ ଅଧିକାର ପାଇଁ ଲଢେଇ କରୁଛନ୍ତି, ତାର ଦେଶର ରାଜନୀତିରେ ପ୍ରଭାବ କଣ ? ଏସବୁକୁ ନେଇ ରାଜ୍ୟର ଜଣା ଶୁଣା ସାମ୍ବାଦିକ ସୁଧାଂଶୁ ପାତ୍ର ପୁସ୍ତକ ରଚନା କରିଛନ୍ତି। ପୂର୍ବରୁ ଏହାର ଓଡିଆ ସଂସ୍କରଣ 'ଗାନ୍ଧୀ ଫେଁରୁଛନ୍ତି ' ପ୍ରକାଶ ପାଇଥିବା ବେଳେ ହିନ୍ଦୀ ସଂସ୍କରଣ ଗାନ୍ଧୀ ଲୌଟେଙ୍ଗେ ପ୍ରକାଶ ପାଇଛି। ଆଗକୁ ଏହାର ଅନ୍ୟ ୮ଟି ସଂସ୍କରଣ ପ୍ରକାଶ ପାଇବାକୁ ଯାଉଛି। ତେବେ ଓଡ଼ିଶାରୁ ଏଭଳି ଜଣେ ସାମ୍ବାଦିକ ଦେଶର ରାଜଧାନୀରେ ମୋଦୀଙ୍କ ନୀତି କୁ ବିରୋଧ କରି ଗାନ୍ଧିଜୀଙ୍କ ବିଚାରଧାରା ହିଁ ଆଗକୁ ବଳବତ୍ତର ରହିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ନିକଟରେ ଏହି ଦୁଇ ପୁସ୍ତକ ରାଜ୍ୟର ବିରୋଧୀ ଦଳ ନେତା ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ତେବେ ନବୀନ ଯେହେତୁ ଅନେକ ସମୟରେ ବିଜେପି ସହ ସାଥ ଦେଇଆସୁଛନ୍ତି, ସେ ରାହୁଲ ଗାନ୍ଧୀ ତଥା ଦେଶର ସମ୍ବିଧାନ ବଞ୍ଚାଅ ଅଭିଯାନରେ ନିଜକୁ ସମ୍ମତି ଜଣାଇଥିବା ସେ ଏକ ପ୍ରକାରର ସଂକେତ ଦେଇଛନ୍ତି। ଯାହା କି ବର୍ତ୍ତମାନର ରାଜ୍ୟସଭା ନିର୍ବାଚନକୁ ନେଇ ଅଧିକ ଚର୍ଚ୍ଚାର ଖୋରାକ ଯୋଗାଇଛି। ଅର୍ଥାତ୍ ଆଗକୁ ଆବଶ୍ୟକ ପଡ଼ିଲେ ନବୀନ ବିଜେପି ଅପେକ୍ଷା କଂଗ୍ରେସକୁ ଅଧିକ ସମର୍ଥନ କରିପାରନ୍ତି। ଅନ୍ୟ ପଟେ ରାଜ୍ୟ ସଭା ନିର୍ବାଚନ ବେଳେ ପିସିସି ସଭାପତି ଭକ୍ତ ଚରଣ ଦାସ ସମୟ ମାଗିଥିବା ବେଳେ, ନବୀନ ଏଯାଏଁ ସମୟ ଦେଇ ନାହାଁନ୍ତି। ଅର୍ଥାତ୍ ରାଜ୍ୟ କଂଗ୍ରେସ ନେତୃତ୍ୱ କୁ ନବୀନ ହୁଏତ ଭରସାରେ ନେଇ ପାରୁନାହାଁନ୍ତି। କିନ୍ତୁ ବର୍ତ୍ତମାନର ରାହୁଲ ଗାନ୍ଧୀ ଙ୍କ ରାଜନୀତିକ ଉତ୍ଥାନ କୁ ବି ସେ ଅଣଦେଖା କରୁନାହାନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଗଡୁଛି ସମୟ, କ୍ଷତି ସହୁଛି ଓଡ଼ିଶା

### ୨୦୨୩ରେ ୯ ଦିନ ଗସ୍ତ କରିଥିଲେ ବି ଓଡ଼ିଶା ଆଶ୍ୱସ୍ତ ହୋଇ ନ ଥିଲା

ଭୁବନେଶ୍ୱର, ୨୮/୨(ଜେଏନ୍‌ଏସ୍) : ସଚେତନ ନାଗରିକମାନଙ୍କ କହିବା କଥା, ଛତିଶଗଡ଼ ଯେହେତୁ ଭୁଲ୍ କରୁଛି ତେଣୁ ଆପୋସ ସମାଧାନରେ ଅସହଯୋଗ କରିବା ସ୍ୱାଭାବିକ। ମହାନଦୀ ଜଳ ପ୍ରସଙ୍ଗରେ ଓଡ଼ିଶା କ୍ଷତିଗ୍ରସ୍ତ ରାଜ୍ୟ ଥିବାରୁ ଓଡ଼ିଶା ଲଢ଼େଇ କରୁଛି। କିନ୍ତୁ ଛତିଶଗଡ଼ ଲାଭରେ ଥିବାରୁ ସେ ଏ ଦିଗକୁ ଗୁରୁତ୍ୱ ଦେଉ ନାହିଁ। ଓଲଟା ଓଡ଼ିଶାର ପ୍ରତିବାଦକୁ ହେୟଜ୍ଞାନ କରି ମହାନଦୀ ଉପରେ ବ୍ୟାରେଜ୍, ବାଲିବନ୍ଧ ନିର୍ମାଣ କରିଚାଲିଛି। ଅଣମୌସୁମୀ ସମୟରେ ଓଡ଼ିଶାକୁ କ୍ଷତି ପହଞ୍ଚାଇ ଚାଲିଛି। ତେଣୁ ଛତିଶଗଡ଼ ସହ ଆପୋସ ସମାଧାନ ପାଇଁ ରାଜ୍ୟ ସରକାର କିପରି ଆଶାବାଦୀ, ତାହା ବୁଝାପଡୁ ନାହିଁ। ଏହା କେବଳ ସମୟ ଗଡ଼ିବା ବ୍ୟତୀତ ଆଉ କିଛି ନୁହେଁ ବୋଲି ଲୋକ ବୁଝିସାରିଲେଣି। ମହାନଦୀ ପ୍ରସଙ୍ଗରେ ଓଡ଼ିଶାରେ ଦୁଇ ପ୍ରମୁଖ ଦଳ ବିଜେଡି ଓ ବିଜେପି ସମାଧାନ ପାଇଁ ଯେତିକି ଆଗ୍ରହୀ ନୁହେଁ, ରାଜନୀତି ରୁଟି ସେକିବାକୁ ସେତିକି ତତ୍ପର। ମହାନଦୀ ଜଳବିବାଦର ସମାଧାନ ବାଟ ବାହାରୁ ନ ଥିବାରୁ ବର୍ତ୍ତମାନର ମନ୍ତ୍ରୀମାନେ ପୂର୍ବ ସରକାରକୁ ଦାୟୀ କରିଚାଲିଛନ୍ତି। ଆଉ ବିଜେଡି ବର୍ତ୍ତମାନର ସରକାରକୁ ଦାୟୀ କରୁଛି। କିନ୍ତୁ ଉଭୟ ସରକାରଙ୍କ ସମୟରେ ମହାନଦୀ ବିବାଦର ସମାଧାନ ପାଇଁ ନିଷ୍ଠାପର ଉଦ୍ୟମ ହୋଇ ନ ଥିବା ସମସ୍ତେ ଅନୁଭବ କରୁଛନ୍ତି। ପୂର୍ବ ସରକାର ସମୟରେ ସମସ୍ତ ପ୍ରକାର ସୁଯୋଗ ଥିଲେ ବି କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇ ହକ୍ ଛଡ଼ାଇ ଆଣିବାକୁ ତତ୍‌କାଳୀନ ବିଜେଡି ସରକାର ଜୋରଦାର ଉଦ୍ୟମ କରି ନଥିଲେ। ସେହିପରି ବର୍ତ୍ତମାନର ସରକାର ବି କୌଣସି ଅଦୃଶ୍ୟ କାରଣରୁ ଏହି ପ୍ରସଙ୍ଗରେ ପାଦେ ଆଗେଇ ପାଦେ ପଛାଉଥିବା ଦେଖିବାକୁ ମିଳୁଛି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ ଉଦ୍‌ବେଗ ପ୍ରକାଶ କରି କହିଛନ୍ତି, ୨୦୨୩ ମସିହାରେ ଟ୍ରିବ୍ୟୁନାଲ୍ ସଦସ୍ୟ ଓ ବିଶେଷଜ୍ଞମାନଙ୍କ ଗସ୍ତ ବ୍ୟୟବହୁଳ ଥିଲା। ଓଡ଼ିଶା ରାଜକୋଷରୁ ଏଥି ପାଇଁ ପ୍ରାୟ ପାଞ୍ଚ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ରାଜ୍ୟ କ'ଣ ଲାଭ ପାଇଲା, ତାହା ଜଣାପଡ଼ିଲାନି। କାବେରୀ ଜଳବିବାଦରେ ଟ୍ରିବ୍ୟୁନାଲ୍ ଏକ ବର୍ଷ ଭିତରେ ଅନ୍ତରୀଣ ରାୟ ଦେଇଥିଲେ। କିନ୍ତୁ ମହାନଦୀ ପ୍ରସଙ୍ଗରେ ଟ୍ରିବ୍ୟୁନାଲ୍ କିଛି ରାୟ ଦେଉ ନାହାନ୍ତି। ତେଣୁ ଏହି ଗସ୍ତକୁ ଆମେ ନାପସନ୍ଦ କରୁଛୁ। ପ୍ରତିକାତ୍ମକ ଭାବେ ଏହାର ପ୍ରତିବାଦ ବି କରିବୁ।

# ଓସିଏର ପୋଲ ଖୋଲିଲେ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର

- ଓସିଏରେ ହୋଇଛି ଆର୍ଥିକ ହେରଫେର
- ଆସୁଛି ଦୁର୍ନିତିର ଗନ୍ଧ
- ନିର୍ବାଚନକୁ ନେଇ ମୁହାଁମୁହିଁ ଲଳିତେନ୍ଦୁ – ସଞ୍ଜୟ



ଭୁବନେଶ୍ୱର,୨୮/୨(ଜେଏନ୍ଏସ୍) : ଓସିଏ ନିର୍ବାଚନ ପୂର୍ବରୁ ଦେଖିବାକୁ ମିଳିଛି ଅସନ୍ତୋଷ । ଓସିଏ ସାଧାରଣ ପରିଷଦ ବୈଠକରେ ଅସନ୍ତୋଷ । ଓସିଏ ନିର୍ବାଚନକୁ ନେଇ ସଦସ୍ୟ ମାନଙ୍କ ମଧ୍ୟରେ ହୋ ହାଲ୍ଲା ହୋଇଥିବା ଦେଖିବାକୁ ମିଳିଥିଲା । ଓସିଏ ନିର୍ବାଚନ ତୁରନ୍ତ କରିବା ପାଇଁ କିଛି ସଦସ୍ୟ ଦାବି କରିଥିବା ବେଳେ ଆଉ କିଛି ସଦସ୍ୟ ନିର୍ବାଚନ ସ୍ଥଗିତ ରଖିବା ପାଇଁ କହିଥିଲେ, ଯାହାକୁ ନେଇ ବୈଠକରେ ଯୁକ୍ତିତର୍କ ହୋଇଥିବା ଜଣାପଡିଛି । ଓସିଏ କାଉନସିଲ ସଦସ୍ୟ ତଥା ପୂର୍ବତନ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ତାଙ୍କ ସହ କିଛି ସଦସ୍ୟ ଓସିଏ ନିର୍ବାଚନ କରାଯାଉ ବୋଲି ଦାବି କରିଥିଲେ । ହେଲେ ଅନ୍ୟ ସଦସ୍ୟମାନେ କହିଥିଲେ ଓସିଏ ନିର୍ବାଚନ ଏବେ ନହୋଇ ନୂଆ ସ୍ପୋର୍ଟସ ବିଲ୍ ଆସିବା ପରେ ହେଉ । ଯାହାକୁ ନେଇ ଓସିଏ ରାଜନୀତି ସରଗରମ ହୋଇଛି । ଲଳିତେନ୍ଦୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ସମସ୍ତ ନିୟମକୁ ଉଲ୍ଲଂଘନ କରି ଓସିଏ ନିର୍ବାଚନ ଘୁଞ୍ଚାଇବାକୁ ଚେଷ୍ଟା କରାଯାଉଛି । ଲୋଧା କମିଟି ନିୟମ ଅନୁସାରେ ୧୬ଟି ରାଜ୍ୟ କ୍ରିକେଟ ଆସୋସିଏସନ୍ ନିର୍ବାଚନ କରିସାରିଲାଣି ହେଲେ ଓସିଏ କରୁନାହିଁ । ଏ ବାବଦରେ ମୁଁ ବିସିସିଆଇକୁ ଅବଗତ କରାଇବା ସହ କୋର୍ଟର ଆଶ୍ରୟ ନେବି । ଓସିଏକୁ କିଛି ଲୋକ ବର୍ଷ ବର୍ଷ ଧରି ମାଡ଼ି ବସିଛନ୍ତି, ଦିନକୁ ଦିନ ଓଡିଶା କ୍ରିକେଟ୍ ତଳକୁ ଖସୁଛି । ଏମାନଙ୍କ ଉତ୍ତରଦାୟିତ୍ୱ ରହିବା କଥା ହେଲେ ରହୁନାହିଁ । ବର୍ଷ ବର୍ଷ ଧରି ବହୁତ ଦୁର୍ନୀତି ଓସିଏରେ ହେଉଛି । ତାହାର ସ୍ପେଶାଲ ଅଡିଟ କରାଯାଉ ଏ ବାବଦରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ମୁଁ ସବୁ କହିବି ବୋଲି କହିଛନ୍ତି । ଅନ୍ୟପଟେ ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି ଓସିଏ ଜେନେରାଲ ବଡି ମିଟିଂରେ ନିଷ୍ପତ୍ତି ନିଆଗଲା ନିର୍ବାଚନ ଏବେ ହେବନାହିଁ। ପ୍ରାୟ ସମସ୍ତ ସଦସ୍ୟ ସହମତି ଲିଖିତ ଆକାରରେ ଜଣାଇଛନ୍ତି । କୈଣସି ନିୟମ ଉଲ୍ଲଂଘନ ହୋଇନାହିଁ, ନୂଆ ସ୍ପୋର୍ଟସ ବିଲ ଆସିବା ପରେ ନିର୍ବାଚନ ହେବ। ତାହାର ରୂପରେଖ କଣ ହେଉଛି ଏବଂ ବିସିସିଆଇର ନିର୍ଦ୍ଦେଶ ପରେ ନିର୍ବାଚନ କରାଯିବ। ଓସିଏରେ କୈଣସି ଦୁର୍ନୀତି ହୋଇନାହିଁ, ମୁଁ ଦାୟିତ୍ୱ ନେବାପରେ ଆର୍ଥିକ ସ୍ତରରେ ଓସିଏ ସୁଦୃଢ ହୋଇଛି । ମୁଖ୍ୟମନ୍ତ୍ରୀ ଓସିଏ ବାବଦରେ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି ମୁଁ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସବୁକଥା ଆଲୋଚନା କରିବି । ବିଗତ ୨୪ ବର୍ଷ ହେବ ଗୋଟିଏ ପରିବାର ହାତରେ ରହିଛି ଓସିଏର ଦାୟିତ୍ୱ । ଏହାରି ଭିତରେ ଓଡିଶା ରଣଜୀ ଦଳର ପ୍ରଦର୍ଶନ କେବଳ ନୈରାଶ୍ୟଜନକ ନୁହେଁ ବରି ଲଜ୍ୟାଜନକ ରହିଛି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଓଡିଶା କ୍ରିକେଟ ଜାତୀୟ ସ୍ତରରେ ଲଗାତାର ଭାବରେ ତଳକୁ ଖସିବାରେ ଲାଗିଛି । ଓଡିଶା ଖେଳାଳୀ ଅନ୍ୟ ରାଜ୍ୟର ଖେଳାଳି ମାନଙ୍କ ସାମ୍ନାରେ ଖେଳିବା ତ ଦୂରର କଥା ଛିଡା ହେବା ପାଇଁ ସମର୍ଥ ହୋଇ ପାରୁ ନାହାନ୍ତି । କେରଳ ଭଳି ରାଜ୍ୟ ଓଡିଶା ଠାରୁ ପଛରେ ରଣଜୀ ମ୍ୟାଚ ଖେଳି ଟ୍ରଫି ଜିତି ସାରିଥିବା ବେଳେ ଓଡିଶା ଆଜି ପର୍ଯ୍ୟନ୍ତ ଗୋଟିଏ ମଧ୍ୟ ରଣଜୀ ଟ୍ରଫି ନିଜ ନାଁ ରେ କରିପାରି ନାହିଁ । ଯଦି ଦେଖାଯିବ ତାହେଲେ ୨୦୦୦ ମସିହା ଠାରୁ ପ୍ରାୟ ଆଜି ପର୍ଯ୍ୟନ୍ତ ଆଶିର୍ବାଦ ପରିବାର ପାଖରେ ରହିଛି ଓସିଏ । ନିଜେ ଆଶିର୍ବାଦ ବେହେରା ୨୦୦୦ ରୁ ୨୦୧୯ ପର୍ଯ୍ୟନ୍ତ ଓଡିଶା କ୍ରିକେଟର ସମ୍ପାଦକ ଦାୟିତ୍ୱରେ ରହିଥିବା ବେଳେ ତାଙ୍କ ପୁଅ ସଞ୍ଜୟ ବେହେରା ୨୦୧୯ ରୁ ଆଜି ପର୍ଯ୍ୟନ୍ତ ଏହି ଦାୟିତ୍ୱରେ ରହିଆସିଛନ୍ତି। ପ୍ରାୟ ୨୫ ବର୍ଷ ହେବ ଗୋଟିଏ ପରିବାର ଓସିଏକୁ କବଜା କରି ରଖିଛି । ଏହାରି ସେମାନେ ଅନେକ ନାଁ କମେଇ ସାରିଲେଣି ସତ ହେଲେ ଏମିତି ଅନୁଭବ ହେଲାଣି ଓସିଏ ବା ଓଡିଶା କ୍ରିକେଟ ଆସୋସିଏସନ ନିଜରର ପରିଚୟ ହରାଇବା ପାଇଁ ଯାଉଛି । ଓସିଏ ସହିତ କେତୋଟି ସଂଘ ଓ କ୍ଲବ ଅନୁମୋଦିତ ହୋଇରହିଛନ୍ତି ଏବଂ ଏମାନଙ୍କୁ ବାର୍ଷିକ କେତେ ଟଙ୍କାର ଅର୍ଥିକ ସହଯୋଗ ଯୋଗାଇ ଦିଆଯାଉଛି ସେନେଇ କାହା ପାଖରେ ମଧ୍ୟ ସଠିକ ତଥ୍ୟ ନାହିଁ । କେବଳ ସେତିକି ନୁହେଁ ଓସିଏକୁ ମଧ୍ୟ ବାର୍ଷିକ ବିସିସିଆଇ ତରଫରୁ କେତେ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି ସେନେଇ ମଧ୍ୟ ତଥ୍ୟ ନାହିଁ । ଏମିତିବି କୁହାଯାଇ ଓସିଏ ସହିତ ଅନୁମୋଦିତ ହୋଇ ରହିଥିବା କିଛୁ କ୍ଲବ କେବଳ ଭୋଟ ପାଇଁ ଅଛନ୍ତି ସେମାନଙ୍କର ନିଜସ୍ୱ ପଡିଆ ମଧ୍ୟ ନାହିଁ ହେଲେ ଏଥିରେ କେତେ ସତ୍ୟତା ରହିଛି ଯଦି ସରକାରଙ୍କ ତରଫରୁ ତଦନ୍ତ କରାଯାଏ ତାହାଲେ ସବୁ ସତ ସାମ୍ନାକୁ ଆସନ୍ତା । ଓଡିଶା ଖେଳାଳି ଦେଶ ପାଇଁ ଖେଳିବା ତ ଦୂରର କଥା ଆଇପିଏଲ ଭଳି ପ୍ଲାଟଫର୍ମରେ ଖେଳିବା ପାଇଁ ଯୋଗ୍ୟତା ହାସଲ କରି ପାରୁନାହାନ୍ତି ଯାହା ଓଡିଶା ପାଇଁ ଲଜ୍ୟାର ବିଷୟ ।

# ମାଓବାଦୀଙ୍କୁ ଡିଜିଙ୍କ କଡ଼ା ଚେତାବନୀ




ଭୁବନେଶ୍ୱର,୨୮/୨(ଜେଏନ୍ଏସ୍) : ମାଓବାଦୀଙ୍କୁ ପୋଲିସ ଡିଜି ଓ୍ୱାଇ ବି ଖୁରାନିଆ କଡ଼ା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ହିଂସା ଛାଡ଼ି ଆତ୍ମସମର୍ପଣ କର। ନଚେତ୍ ପରିଣାମ ଭୋଗିବ। ଏସ୍ଓଜି ଯବାନଙ୍କ ଅପରେଶନର ଭୟଙ୍କର ହେବାକୁ ଥିବା ବେଳେ ଏହାର ପରିଣାମ ଭୋଗିବ ବୋଲି ମାଓବାଦୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ଡିଜିପି। କନ୍ଧମାଳର ଓ ଦାରିଙ୍ଗବାଡ଼ିରେ ଏବେ ଜୋରଦାର ଅପରେଶନ ଚାଲିଛି। ମାଓନେତା ଶୁକ୍ରୁ ଲୁଚିଥିବା ସନ୍ଦେହରେ ଜୋରଦାର ଅପରେଶନ ଚାଲିଛି। ଡେଡ୍ଲାଇନ୍ ପୂର୍ବରୁ ଓଡ଼ିଶା ମାଓବାଦୀ ମୁକ୍ତ ହେବ ବୋଲି ଡିଜିପି ଆଶାବାଦୀ ଅଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି ପ୍ରକାଶ କରିଛନ୍ତି ଯେ, ଗତ ଦୁଇ ବର୍ଷ ମଧ୍ୟରେ ଆନ୍ଦୋଳନ ସହିତ ଜଡିତ ୫୯୧ ଜଣ ବ୍ୟକ୍ତି ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି। ସେ କହିଛନ୍ତି ଯେ, ତେଲଙ୍ଗାନାର ମୂଳତଃ କେବଳ ୧୧ ଜଣ ସକ୍ରିୟ ସଦସ୍ୟଙ୍କ ମଧ୍ୟରୁ କିଛି ପୂର୍ବରୁ ଆତ୍ମସମର୍ପଣ ପାଇଁ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରୁଛନ୍ତି। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡିଙ୍କ ଦ୍ୱାରା ଶାନ୍ତି ପାଇଁ କରାଯାଇଥିବା ଆହ୍ୱାନକୁ ଡିଜିପି ଏହି ଧାରା ପାଇଁ ଶ୍ରେୟ ଦେଇଛନ୍ତି। ସେ ପୁନଃ ଦୃଢ଼ କରିଛନ୍ତି ଯେ ରାଜ୍ୟ ସରକାର ଆତ୍ମସମର୍ପଣ କରିଥିବା ବ୍ୟକ୍ତିମାନଙ୍କୁ ସମାଜରେ ସେମାନଙ୍କର ସଫଳ ପୁନଃମିଳନ ସୁନିଶ୍ଚିତ କରିବା ପାଇଁ ତୁରନ୍ତ ସେମାନଙ୍କର ନିର୍ଦ୍ଧାରିତ ପୁରସ୍କାର ଏବଂ ପୁନର୍ବାସର ସୁବିଧା ପ୍ରଦାନ କରିବେ।

**ବ୍ୟଙ୍ଗ ପ୍ରହାର : ପ୍ରମାଦ**

ରାଜ୍ୟସଭା ନେଇ ରାଜନୀତି ସରଗରମ
ବିଜେଡି କଲା
କଂଗ୍ରେସ ପ୍ରାର୍ଥୀକୁ ସମର୍ଥନ
ବିଜେପିର ଅକଲ ହେଲା ଗୁଡମ୍
ଆସୁଛନ୍ତି ଶାହା ଦେଖାଇବେ ରାହା
ରାଜ୍ୟ ରାଜନୀତିକୁ ସଲାମ.
କଂଗ୍ରେସର ନାହିଁ ସଂଖ୍ୟା ବଳ
ହତଭାଗ୍ୟ ତାଙ୍କ କରମ



## ଟି-୨୦ ବିଶ୍ୱକପରୁ ବିଦା ହୋଇଯିବ ପାକିସ୍ତାନ !

ନୂଆଦିଲ୍ଲୀ ୨୮/୨ : ୨୦୨୬ ଟି୨୦ ବିଶ୍ୱକପ ସେମିଫାଇନାଲ ପାଇଁ ପ୍ରତିଯୋଗିତା ବହୁତ ରୋମାଞ୍ଚକର ହୋଇଗଲାଣି। ନ୍ୟୁଜିଲାଣ୍ଡ ବିପକ୍ଷରେ ବିଜୟ ସହିତ ଇଂଲଣ୍ଡ ଗ୍ରୁପ ୨ରେ ଶୀର୍ଷ ସ୍ଥାନ ପକ୍କା କରିଛି। ଫେବୃଆରୀ ୨୮ ଶନିବାର ପାକିସ୍ତାନ ବନାମ ଶ୍ରୀଲଙ୍କା ମ୍ୟାଚ ଦ୍ୱାରା ଦ୍ୱିତୀୟ ସ୍ଥାନ ଅଧିକାର କରିବ। ଶ୍ରୀଲଙ୍କା ପୂର୍ବରୁ ଟୁର୍ନାମେଣ୍ଟରୁ ବାଦ ପଡ଼ିସାରିଛି, ଯାହା ଫଳରେ ଏହି ମ୍ୟାଚ ସେମାନଙ୍କ ପାଇଁ କେବଳ ଔପଚାରିକତା ପାଲଟିଛି। ପାକିସ୍ତାନ ପାଇଁ ଏହି ମ୍ୟାଚ କର ବା ମର ପରି ହୋଇଛି। ସେମିଫାଇନାଲରେ ପହଞ୍ଚିବା ପାଇଁ ପାକିସ୍ତାନକୁ ଶ୍ରୀଲଙ୍କା ବିପକ୍ଷରେ ଏକ ବଡ଼ ବିଜୟ ଆବଶ୍ୟକ ହେବ।କାରଣ ବିଜୟ ପରେ ମଧ୍ୟ ସେମାନଙ୍କର ମୋଟ ପଏଣ୍ଟ ନ୍ୟୁଜିଲାଣ୍ଡ ସହିତ ସମାନ ରହିବ। ଏପରି ପରିସ୍ଥିତିରେ ନିଷ୍ପତ୍ତି ନେଟ ରନ ରେଟ ଉପରେ ନିର୍ଭର ହେବ। ନ୍ୟୁଜିଲାଣ୍ଡ (+୧.୩୯୦) ପାକିସ୍ତାନ (-୦.୪୬୧) ଠାରୁ ବହୁତ ଆଗରେ ଅଛି। କିନ୍ତୁ ଯଦି କୌଣସି କାରଣରୁ ଏହି ମ୍ୟାଚ ବାତିଲ ହୁଏ ତେବେ ନ୍ୟୁଜିଲାଣ୍ଡ ସହଜରେ ସେମିଫାଇନାଲରେ ପହଞ୍ଚିଯିବ। ଯଦି ପାକିସ୍ତାନ ଏବଂ ଶ୍ରୀଲଙ୍କା ମଧ୍ୟରେ ଏହି ମ୍ୟାଚ ବର୍ଷା ଯୋଗୁ ବାତିଲ ହୁଏ କିମ୍ବା ଡ୍ରରେ ଶେଷ ହୁଏ, ତେବେ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ପାଇବେ। ଏହାର ଅର୍ଥ ହେଉଛି ପାକିସ୍ତାନ ୨ ପଏଣ୍ଟରେ ରହିବ। ଏପରି ପରିସ୍ଥିତିରେ ନ୍ୟୁଜିଲାଣ୍ଡ ସହଜରେ ସେମିଫାଇନାଲରେ ପହଞ୍ଚିଯିବ, ଏବଂ ପାକିସ୍ତାନ ପଡ଼ିଆ ନ ଖୋଲି ମଧ୍ୟ ଟୁର୍ନାମେଣ୍ଟରୁ ବାଦ ପଡ଼ିଯିବ। କଲମ୍ବୋରେ ବର୍ଷା ଯୋଗୁ ଟୁର୍ନାମେଣ୍ଟର ପ୍ରଥମ କିଛି ମ୍ୟାଚ ପ୍ରଭାବିତ ହୋଇଥିଲା, କିନ୍ତୁ ଭଲ ଖବର ହେଉଛି ଯେ ପାକିସ୍ତାନ-ଶ୍ରୀଲଙ୍କା ମ୍ୟାଚ ପାଲେକେଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ।

## ଏସୀୟ ମୁଷ୍ଟିଯୁଦ୍ଧରେ ଭାରତୀୟ ଦଳର ନେତୃତ୍ୱ ନେବେ ଲଭଲିନା



ନୂଆଦିଲ୍ଲୀ: ଅଲମ୍ପିକ୍ସ ପଦକ ବିଜୟିନୀ ଲଭଲିନା ବୋର୍ଗୋହେଁ ଓ ଦୁଇ ଥର ବିଶ୍ୱ ଚାମ୍ପିୟନ ହୋଇଥିବା ନିଖତ୍ ଜରିନ୍ ଏସୀୟ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତାରେ ୨୦ ଜଣିଆ ଭାରତୀୟ ଦଳର ନେତୃତ୍ୱ ନେବେ। ଏହି ପ୍ରତିଯୋଗିତା ମାର୍ଚ୍ଚ ୨୮ରୁ ଏପ୍ରିଲ ୧୧ ପର୍ଯ୍ୟନ୍ତ ମଙ୍ଗୋଲିଆରେ ଅନୁଷ୍ଠିତ ହେବ। ଗତ ଜାନୁଆରିରେ ହୋଇଥିବା ଜାତୀୟ ପ୍ରିତଯୋଗିତା ଓ ତା'ପରେ ପଟିଆଲାରେ ଅନୁଷ୍ଠିତ ଜାତୀୟ ଶିବିରରେ ପ୍ରତିଯୋଗୀଙ୍କ ବ୍ୟାପକ ମୂଲ୍ୟାଙ୍କନ ପରେ ଏହି ୨୦ ଜଣିଆ ଦଳ ଚୟନ କରାଯାଇଛି। ଏସୀୟ ପ୍ରତିଯୋଗିତାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି କାରଣ ଏହାର ଫାଇନାଲିଷ୍ଟମାନେ ନିଜ ନିଜ ବର୍ଗରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସୀୟ କ୍ରୀଡ଼ା ପାଇଁ ସିଧାସଳଖ ପ୍ରବେଶ ପାଇବେ। ଭାରତୀୟ ଦଳରେ ଉଭୟ ଅଭିଜ୍ଞ ଓ ନବାଗତମାନଙ୍କ ମିଶ୍ରଣ ରହିଛି। ମହିଳା ପ୍ରତିଯୋଗୀମାନଙ୍କ ମଧ୍ୟରୁ ଲଭଲିନା ୭୫ କିଲୋଗ୍ରାମ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବାବେଳେ ପ୍ରୀତି ୫୪ କିଲୋଗ୍ରାମ ବର୍ଗରେ, ଅରୁନ୍ଧତୀ ଚୌଧୁରୀ ୭୦ କିଲୋଗ୍ରାମ, ନିଖତ୍ ଜରିନ୍ ୫୧ କିଲୋଗ୍ରାମ ବର୍ଗରେ, ଅଙ୍କୁସିତା ବୋରୋ ୬୫ କିଲୋଗ୍ରାମ୍ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି ପୁରୁଷ ଦଳରେ ନେତୃତ୍ୱ କରିବେ ବୋକ୍ସାମ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ବିଜୟୀ ସଚିନ। ସେ ୬୦ କିଲୋଗ୍ରାମ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ପୁରୁଷ ବର୍ଗରେ ଅନ୍ୟ ପ୍ରତିଯୋଗୀମାନେ ହେଲେ ଆକାଶ (୭୫ କିଲୋଗ୍ରାମ) ଦିପକ୍ (୭୦ କିଲୋଗ୍ରାମ) ଓ ଯଦୁମଣି ସିଂ ( ୫୫ କିଲୋଗ୍ରାମ୍)।

# ଜିମ୍ବାୱେ ବିପକ୍ଷର ବିଜୟ ପଡିଲା ଫିକା, ଟିମ୍ ଇଣ୍ଡିଆର ଶିବମ ଦୁବେଙ୍କୁ ମିଳିଲା ବଡ଼ ଚେତାବନୀ



ନୂଆଦିଲ୍ଲୀ,୨୮।୨: ଆଇସିସି ଟି୨୦ ବିଶ୍ୱକପ ୨୦୨୬ର ସୁପର ୮ ମ୍ୟାଚରେ ଭାରତ ଜିମ୍ବାୱେକୁ ୭୨ ରନରେ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିବାର ଆଶାକୁ ପୁନର୍ଜୀବିତ କରିଛି। ଏହି ବିଜୟ ସତ୍ତ୍ୱେ, ଟିମ ଇଣ୍ଡିଆର ଅଲରାଉଣ୍ଡର ଶିବମ ଦୁବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତାଙ୍କ ବୋଲିଂ ପ୍ରଦର୍ଶନ ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ ଭନଙ୍କ କଡ଼ା ପ୍ରତିକ୍ରିୟା ଆସିଛି। ଚେନ୍ନାଇର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ, ଭାରତ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୨୫୬ ରନର ବିଶାଳ ସ୍କୋର କରିଥିଲା। ଟାର୍ଗେଟ ପିଛା କରି ଜିମ୍ବାୱେ କେବଳ ୧୮୪ ରନ କରିପାରିଥିଲା। ଭାରତର ପ୍ରଭାବଶାଳୀ ବିଜୟ ସତ୍ତ୍ୱେ, ଦୁବେଙ୍କ ବୋଲିଂ ଟିମ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି କରିଛି।

ମ୍ୟାଚ ସମୟରେ, ଶିବମ ଦୁବେ ତାଙ୍କ ଦୁଇ ଓଭର ସ୍ପେଲରେ ୪୬ରନ ଦେଇଥିଲେ। ସେ ଚାରୋଟି ୱାଇଡ ଏବଂ ଗୋଟିଏ ନୋ-ବଲ ମଧ୍ୟ କରିଥିଲେ, ଯାହା ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ଅତିରିକ୍ତ ସୁଯୋଗ ଦେଇଥିଲା। ତାଙ୍କର ଗୋଟିଏ ଡେଲିଭରି ପିଚ ବାହାରେ ପଡ଼ିଥିଲା, ଯାହାକୁ ଅମ୍ପାୟାର ତୁରନ୍ତ ନୋ-ବଲ ଘୋଷଣା କରିଥିଲେ। ଏହି ପ୍ରଦର୍ଶନ ଉପରେ ପ୍ରତିକ୍ରିୟା ଦେଇ ମାଇକେଲ ଭନ କହିଛନ୍ତି ଯେ ଯଦି ମ୍ୟାଚ ପୂର୍ବରୁ ଭାରତ ସପକ୍ଷରେ ନ ଥାଆନ୍ତା, ତେବେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ହୁଏତ ଦୁବେଙ୍କୁ ବୋଲିଂ କରିବାକୁ ଡାକି ନଥାଆନ୍ତେ। ଯଦି ଦୁବେଙ୍କୁ ଭବିଷ୍ୟତରେ ପୁଣି ବୋଲିଂ କରିବାକୁ ପଡ଼େ, ତେବେ ଏହାର ଅର୍ଥ ହେବ ଯେ ଟିମ ଇଣ୍ଡିଆ ଚାପରେ ଅଛି। ସେ ଆହୁରି କହିଛନ୍ତି ଯେ ଭାରତୀୟ ଦଳ ଜିମ୍ବାୱେକୁ ୧୦୮ ରନରୁ କମ ରେ ଆଉଟ କରିବା ଉଦ୍ଦେଶ୍ୟରେ ପଡ଼ିଆରେ ପ୍ରବେଶ କରିଥିଲା। କିନ୍ତୁ, ଯେତେବେଳେ ତାହା ହୋଇନଥିଲା, ଦଳ ଆତ୍ମସନ୍ତୋଷ ପାଇଥିଲା। 'ମୁଁ ଏବେ ବି ବିଶ୍ୱାସ କରେ ଯେ ଭାରତ ବିଶ୍ୱର ସର୍ବୋତ୍ତମ ଟି୨୦ ଦଳ,' ବୋଲି ସେ କହିଛନ୍ତି। ଭାରତୀୟ ବ୍ୟାଟିଂ ବିଷୟରେ କହିବାକୁ ଗଲେ, ଅଭିଷେକ ଶର୍ମା ୩୦ବଲରୁ ଦ୍ରୁତ ୫୫ ରନ କରି ଦଳକୁ ଏକ ଦୃଢ଼ ଆରମ୍ଭ ଦେଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ଶେଷରେ ମାତ୍ର ୨୩ ବଲରୁ ଅପରାଜିତ ୫୦ରନ କରି ସ୍କୋରକୁ ୨୫୦ ଅତିକ୍ରମ କରାଇଥିଲେ। ଇଶାନ କିଶନ (୩୮) ଏବଂ ତିଲକ ବର୍ମା (୪୪ ଅପରାଜିତ) ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ଜବାବରେ, ବ୍ରାଏନ ବେନେଟ ଜିମ୍ବାୱେ ପାଇଁ ଚମତ୍କାର ଅପରାଜିତ ୯୭ ରନ କରିଥିଲେ, କିନ୍ତୁ ଦଳକୁ ବିଜୟୀ କରାଇ ପାରି ନଥିଲେ।

ଏହି ବିଜୟ ସହିତ, ଭାରତ ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟାବର୍ତ୍ତନ କରିଛି ଏବଂ ଏବେ ସେମିଫାଇନାଲରେ ପହଞ୍ଚିବାର ଆଶା ଉଜ୍ଜୀବିତ ରହିଛି। ତଥାପି, ବୋଲିଂ ମିଶ୍ରଣ ଦଳ ପରିଚାଳନା ପାଇଁ ଚିନ୍ତାର ବିଷୟ ପାଲଟିଛି, ବିଶେଷକରି ଷଷ୍ଠ ବୋଲରଙ୍କ ଭୂମିକା ସମ୍ପର୍କରେ। ଭାରତ ଆଗାମୀ ମ୍ୟାଚଗୁଡ଼ିକରେ ଏହାର ପ୍ରତ୍ୟେକ ଖେଳାଳିଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରିବ।




**ସାପ୍ତାହିକ ସମ୍ବାଦପତ୍ର 'ଜନବାର୍ତ୍ତା' ଏବଂ ଡିଜିଟାଲ୍ ଚ୍ୟାନେଲ ଓ ୱେବ୍ ପୋର୍ଟାଲ ଲୋକାର୍ପିତ**

ସେହିପରି ଆଉଟ୍ ଲୁକର ପୂର୍ବତନ ସମ୍ପାଦକ ରୁବେନ ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି କି "ଓଡ଼ିଶା ମୋର ପରୀକ୍ଷାଗାର ଏବଂ ମୁଁ ସବୁବେଳେ ପରୀକ୍ଷା ଦେଉଛି। ବିଜୟ ବାବୁ ଏଇ ଯେଉଁ ଖବର କାଗଜ ପ୍ରକାଶ କରିଛନ୍ତି, ବହୁତ ଭଲ କଥା । କିନ୍ତୁଏବେ ମେଡ଼ିଆ ବିପଦରେ ଓ ଏହାର କଣ୍ଠରୋଧ କରାଯାଉଛି । ତେଣୁ ସତ୍ୟ ଛାପିବାକୁ ସାହାସ ଦରକାର । ସେହିଭଳି ଜନବାର୍ତ୍ତାର ସଂସ୍ଥାପକ ବିଜୟ କୁମାର ପଟ୍ଟନାୟକ କହିଥିଲେ କି, ଜନତାଙ୍କ ସ୍ୱର ହେବ ଜନବାର୍ତ୍ତା। ଲୋକଙ୍କ ମଧ୍ୟରେ ଜନ ଜାଗରଣ ସୃଷ୍ଟି କରିବା ଜନବାର୍ତ୍ତାର ଆଭିମୁଖ୍ୟ ସେହିପରି ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ରାଷ୍ଟ୍ରଦୂତ ମଳୟ ମିଶ୍ର ଯୋଗ ଦେଇ କହିଥିଲେ କି, "ଓଡ଼ିଆ ସ୍ୱାଭିମାନ ସୁରକ୍ଷା ପାଇଁ ସମସ୍ତେ ଲଢେଇ କରିବା ଜରୁରୀ । କେବଳ କଥାର ନୁହେଁ, ବାସ୍ତବରେ ତାହା ପ୍ରତିଫଳନ ହେବା ଆବଶ୍ୟକ ଏବଂ ତାହା ହିଁ ଅସଲ ଅସ୍ମିତା । ଭାରତୀୟ ବିଦ୍ୟା ଭବନଠାରେ ଆୟୋଜିତ ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ଜନବାର୍ତ୍ତା'ର ସମ୍ପାଦକ ଶୁଭେନ୍ଦୁ ରାୟମହାପାତ୍ର ପ୍ରଥମେ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହା ପରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । କଣ୍ଠ ଶିଳ୍ପୀ ଅନିନ୍ଦିତା ଦାଶ ଜାତୀୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଏହା ପରେ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ଉପଢୌକନ ସହ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ପରେ ଅତିଥିମାନଙ୍କ ଦ୍ୱାରା ଖବରକାଗଜ ଜନବାର୍ତ୍ତା ଓ ଡିଜିଟାଲ ଚ୍ୟାନେଲ ଉନ୍ମୋଚିତ ହୋଇଥିଲା । ଏହା ପରେ ପ୍ରକାଶକ ଶାରଦା ପ୍ରସନ୍ନ ସ୍ୱାଇଁ ଖବର ଛାପିବାରେ କୌଣସି ସାଲିସ କରାଯିବ ନାହିଁ ବୋଲି କହିବା ସହ ସମ୍ପାଦକ ଶୁଭେନ୍ଦୁ ରାୟମହାପାତ୍ର ସମ୍ବାଦ ପରିବେଷଣରେ ନିରପେକ୍ଷତାକୁ ନେଇ ଅନେକ ମତ ଦେଇଥିଲେ । ଶେଷରେ ବରିଷ୍ଠ ସାମ୍ବାଦିକ ପ୍ରମୋଦ ସାମନ୍ତରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାରା ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ପ୍ରତିନିଧିମାନେ ଯୋଗ ଦେଇ ଖବରକାଗଜର ସଫଳ କାମନା କରିଥିଲେ ।

Published by Sarada Prasanna Swain, at Aitalanga, Athantar, Near Narayani Temple, Atanaga, Khordha, Odisha-752102 and Owned by Sri Bijay Kumar Patnaik at Plot No-492, K1, Kalinga Nagar, Ghatikia, Bhubaneswar,Khordha,Odisha 751003, and Printed by Lalat Kishore Bhanj ,Mayur Printers, Plot No-D1/1, section-A, Zone-D,Mancheswar Industrial Estate, Khordha, Odhisha, 752102, Mobile Number-0674-3573358, Email-janabartadigital@gmail.com
ସମ୍ପାଦକ: ଶୁଭେନ୍ଦୁ ରାୟ ମହାପାତ୍ର
Editor: Suvendu Ray Mohapatra